EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews



ବର୍ଷ-୫ ସଂଖ୍ୟା-୦୬ ୨୨ - ୨୮ ଫେବୃଆରୀ, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-06 22nd - 28th FEBRUARY, 2021 BHUBANESWAR ₹ 5/- (8 Pages)

### କୋଭିଡ୍ ନିୟମାବଳୀକୁ କଡାକଡି ପାଳନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

## ପୁଣି ଲକ୍‌ଡାଉନ୍ ଆଶଙ୍କା






**ଭୁବନେଶ୍ୱର :** ଲୋକମାନେ ଯଦି ସଚେତନ ନ ହୁଅନ୍ତି ତାହେଲେ ଆଗାମୀ ଦିନରେ ପୁଣିଥରେ ଲକ୍‌ଡାଉନ୍ ହେବାର ଆଶଙ୍କା ରହିଛି । ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ, ଏସ୍‌ପି ଓ ନଗର ନିଗମକୁ କରୋନା ନିୟମ କଡାକଡି ପାଳନ କରାଯିବା ପାଇଁ ଚିଠି ଲେଖାଯାଇଛି । ମହାରାଷ୍ଟ୍ର ଓ ଛତିଶଗଡ ଭଳି ରାଜ୍ୟରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ଏବେ ବଢ଼ିଚାଲିଛି । ଏପରିକି ମହାରାଷ୍ଟ୍ରର କେତେକ ସ୍ଥାନରେ ପୁଣିଥରେ ଲକ୍‌ଡାଉନ୍ ମଧ୍ୟ କରାଯାଇଛି । ଦକ୍ଷିଣ ଆଫ୍ରିକା ଓ ବ୍ରିଟେନ୍‌ରେ ଦେଖିବାକୁ ମିଳିଥିବା କରୋନାର ନୂତନ ଷ୍ଟ୍ରେନ୍ ମଧ୍ୟ ଚିହ୍ନଟ ହୋଇସାରିଲାଣି । ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କରୋନା ସଂକ୍ରମଣ ନିୟନ୍ତ୍ରଣରେ ରହିଛି । ହେଲେ ଆଗପରି ଲୋକମାନେ କରୋନା ପାଳନ କରୁନାହାନ୍ତି କିମ୍ବା ସତର୍କତା ଅବଲମ୍ବନ କରୁନଥିବା ଦେଖିବାକୁ ମିଳିଛି । ମାସ୍କ ଓ ସାନିଟାଇଜର ବ୍ୟବହାର କମିଥିବା ଜଣାପଡିଛି । ଏଭଳି ସମୟରେ ଦେଶର ୫ଟି ରାଜ୍ୟରେ ଅଚାନକ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟି ଗଲାଣି । କେରଳ, ମହାରାଷ୍ଟ୍ର, ପଞ୍ଜାବ, ଛତିଶଗଡ ଏବଂ ମଧ୍ୟପ୍ରଦେଶରେ କରୋନା ସଂକ୍ରମଣ ଅଚାନକ ବଢ଼ିଯିବାରୁ ସେଠାରେ ନୂଆ କଟକଣା ଜାରି ହୋଇଛି । ଏହା ଦେଶରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଆରମ୍ଭ ହେବାର ସଙ୍କେତ ବୋଲି ଆଶଙ୍କା ଦେଖାଦେଇଛି । ବର୍ତ୍ତମାନ କୋଭିଡ କେସ୍ ସଂଖ୍ୟା କମୁଛି । ଏବେ ଲକଡାଉନ ସମ୍ଭାବନା ନାହିଁ କିନ୍ତୁ ଏହାକୁ ଏଡାଇ ହେବ ନାହିଁ । ଅନ୍ୟ ରାଜ୍ୟରେ ବୃଥିବା କରୋନା ମାମଲାକୁ ନେଇ ଏଭଳି କହିଛନ୍ତି ଡିଏମ୍‌ଇଟି ସିବିକେ ମହାନ୍ତି । କୋଭିଡର ସାମ୍ପ୍ରତିକ ସ୍ଥିତିକୁ ନେଇ ଡିଏମ୍‌ଇଟି କହିଛନ୍ତି ଯେ, ଲୋକେ ନିଜେ ସଚେତନ ରହିଲେ, ଲକଡାଉନ ଏଡାଇ ହେବ । ମହାରାଷ୍ଟ୍ର ଓ କେରଳରେ ଆମେରିକା ଏବଂ ବ୍ରିଟେନ ଭଳି ସଂକ୍ରମଣ ନାହିଁ । କିନ୍ତୁ ବ୍ରିଟେନ ଷ୍ଟ୍ରେନ୍ ଚିହ୍ନଟ ହେବା ପରେ ମହାରାଷ୍ଟ୍ର, କେରଳ ଏବଂ କର୍ଣ୍ଣାଟକରେ କଟକଣା ଜାରି ହୋଇଛି । ହେଲେ ଓଡ଼ିଶାରେ ଏବେ ସ୍ଥିତି ନିୟନ୍ତ୍ରଣରେ ରହିଛି । ଯଦି ଆବଶ୍ୟକ ପଡ଼େ ପୂର୍ବ ଭଳି କଟକଣାକୁ ଏଡ଼ାଇ ଦିଆଯାଇନପାରେ ବୋଲି ଡିଏମ୍‌ଇଟି ନିର୍ଦ୍ଦେଶକ ସିବିକେ ମହାନ୍ତି ଦୋହରାଇଛନ୍ତି । ସେ ଆହୁରି କହିଛନ୍ତି ଯେ, ସର୍ଭେଲାନ୍ସ ଟିମ୍ ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖିଛନ୍ତି । କିଛି ଲକ୍ଷଣ ଦେଖାଗଲେ ନିଜେ ଡାକ୍ତରଙ୍କୁ ଜଣାନ୍ତୁ ଏବଂ ତାଙ୍କ ପରାମର୍ଶ ନିଅନ୍ତୁ ବୋଲି ସେ କହିଛନ୍ତି । ତେବେ କରୋନା କେସ୍ ପୁଣିଥରେ ବିବାର ଆଶଙ୍କା କରି ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର ସମସ୍ତ ଜିଲ୍ଲାପାଳ, ମ୍ୟୁନିସିପାଲ୍ କମିଶନର, ପୋଲିସ୍ କମିଶନର, ସମସ୍ତ ଡିସିପି ଓ ଏସ୍‌ପିଙ୍କୁ ଚିଠି ଲେଖି ସତର୍କ କରାଇଛନ୍ତି । ଚିଠି ଲେଖି ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ନିକଟ ଅତୀତରେ କୋଭିଡ-୧୯ ମାମଲା କିଛି ରାଜ୍ୟରେ ବୃଦ୍ଧି ପାଇବାରେ ଲାଗିଛି । ବିଶେଷକରି ମହାରାଷ୍ଟ୍ରରେ କରୋନା ମାମଲା ବଢ଼ିଛି । ଦେଶ ଭିତରେ ଲୋକମାନଙ୍କ ଚଳପ୍ରଚଳ ରହିଥିବାରୁ ଯଦି ସତର୍କତାମୂଳକ ପଦକ୍ଷେପ ନିଆ ନଯାଏ, ତା'ହେଲେ ଓଡ଼ିଶାରେ କୋଭିଡ୍ ସ୍ଥିତି ବୃଦ୍ଧି ପାଇବାର ଆଶଙ୍କା ରହିଛି । ତେଣୁ ନିଜ ଜିଲ୍ଲା ଓ ସହରରେ ଯେଭଳି କୋଭିଡ୍ ମାମଲା ବୃଦ୍ଧି ନ ପାଇବ ତାହା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ସହ ଗାଇଡଲାଇନ୍ସ ଅନୁସାରେ, ପର୍ଯ୍ୟାପ୍ତ ପରିମାଣର ଟେଷ୍ଟିଂ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି ।

ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ଜାରି ରହିଥିବାବେଳେ ଶନିବାର ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଗୃହରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ଅବସରରେ ସେ ଗତ ଏକବର୍ଷ ଧରି କରୋନା ମହାମାରୀ ବିରୁଦ୍ଧରେ ରାଜ୍ୟ ଲଢୁଥିବା ଲଢ଼େଇ ଏବଂ ଏହାର ପରବର୍ତ୍ତୀ ସ୍ଥିତି ➤ ପୃ-୬

### ଆର୍‌ବିଆଇକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

## ଲକର୍ ଦାୟିତ୍ୱ ତୁମର



**ନୂଆଦିଲ୍ଲୀ :** ବର୍ତ୍ତମାନର ବ୍ୟାଙ୍କ ଲକର ନିୟମରେ ଅସନ୍ତୋଷ ପ୍ରକାଶ କରି ୬ ମାସ ଭିତରେ ନୂଆ ନିୟମ ପ୍ରସ୍ତୁତ କରିବାକୁ ଆରବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ । ସୁପ୍ରିମକୋର୍ଟ କହିଛନ୍ତି, ବ୍ୟାଙ୍କ ଉପରେ ଭରସା କରି ଲୋକେ ଟଙ୍କା ରଖୁଛନ୍ତି, ଲକରରେ ଗହଣା ରଖୁଛନ୍ତି । ବ୍ୟାଙ୍କଗୁଡ଼ିକର ଏକ ଭୁଲ ଧାରଣା ଅଛି ଯେ, ଲକରରେ ଗ୍ରାହକ କ'ଣ ରଖୁଛନ୍ତି, ସେମାନେ ଜାଣୁ ନାହାନ୍ତି । ତେଣୁ ଏହାର ସୁରକ୍ଷାର ଦାୟିତ୍ୱ ସେମାନଙ୍କର ନୁହେଁ । ଏହାକୁ ନେଇ ବାରମ୍ବାର ଗ୍ରାହକ ଓ ବ୍ୟାଙ୍କ ମଧ୍ୟରେ ମାମଲା ହେଉଛି । ତେଣୁ ଆଗୁକୁ ଆଉ ଏମିତି ଚାଲିବାକୁ ଦିଆଯିବ ନାହିଁ ବୋଲି କୋର୍ଟ କହିଛନ୍ତି । ଲକରରେ ଲୋକେ କ'ଣ ରଖୁଛନ୍ତି, ତାହା ଜାଣିନାହୁଁ କହି ବ୍ୟାଙ୍କ କର୍ତ୍ତୃପକ୍ଷ ନିଜ ଦାୟିତ୍ୱରୁ ଆଉ ଖସି ପାରିବେ ନାହିଁ । ବର୍ତ୍ତମାନର ଲକର ନିୟମ ଯଥେଷ୍ଟ ନୁହେଁ, ତେଣୁ ୬ ମାସରେ ରିଜର୍ଭ ବ୍ୟାଙ୍କ ନୂଆ ନିୟମ ପ୍ରସ୍ତୁତ କରୁ । ସାରା ଦେଶର ବ୍ୟାଙ୍କ ଏହି ନିୟମ ମାନିବେ ➤ ପୃ-୬

## ଧାନ ସଂଗ୍ରହରେ ଅଭିବୃଦ୍ଧି



**ଭୁବନେଶ୍ୱର :** ବିଗତ ଖରିଫ୍ ଋତୁରେ ୫୩.୩୧ ଲକ୍ଷ ମେଟ୍ରିକ ଟନ ଧାନ କ୍ରୟ କରାଯାଇଥିଲା । ଚଳିତ ଖରିଫ୍‌ରେ ଏହି ସର୍ବୋଚ୍ଚ ସୀମା ବହୁ ଗୁଣରେ ପ୍ରସାରିତ ହେବ ଏବଂ ସର୍ବକାଳୀନ ରେକର୍ଡସ୍ତରକୁ ଛୁଇଁବ । ଏପର୍ଯ୍ୟନ୍ତ ଧାନସଂଗ୍ରହରେ ୨୧ ପ୍ରତିଶତ ବୃଦ୍ଧିଘଟିଛି । ଶୁକ୍ରବାର ବାଚସ୍ପତିଙ୍କ ରୁଲିଂକ୍ରମେ ଧାନ ସଂଗ୍ରହ ପ୍ରସଙ୍ଗରେ ଶନିବାର ଗୃହରେ ବିବୃତି ରଖିଥିଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ମନ୍ତ୍ରୀ କହିଥିଲେ, ଚଳିତ ବର୍ଷର ଖରିଫ୍ ଧାନ ସଂଗ୍ରହ କଳାହାଣ୍ଡି ଓ ବରଗଡ଼ ପରି ସଅଳ ଧାନ ଅମଳ ହେଉଥିବା ଜିଲ୍ଲାରୁ ୨୦୨୦ ନଭେମ୍ବର ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇଥିଲା । ଧାର୍ଯ୍ୟ କ୍ରୟ ଦିବସର ୭ ଦିନ ପୂର୍ବରୁ ପଞ୍ଜିକୃତ ଚାଷୀଙ୍କୁ ➤ ପୃ-୬

### ଭାରତ-ଚୀନ୍ ୧୦ ପର୍ଯ୍ୟାୟ ଶୀର୍ଷ ସାମରିକ ବୈଠକ

## ଫେରିଲା ୨୦୧୯ ପୂର୍ବର ସ୍ଥିତି



**ନୂଆଦିଲ୍ଲୀ :** ଏଲ୍‌ଏସିରେ ସ୍ଥାୟୀ ଶାନ୍ତି ପାଇଁ ନୂତନ ରଣନୀତି ପ୍ରସ୍ତୁତ । ପୂର୍ବ ଲଦାଖର ସର୍ବାଧିକ ଉତ୍ତେଜନାପ୍ରବଣ ଅଞ୍ଚଳ ପାଲଟିଥିବା ପେଙ୍ଗୋଙ୍ଗ୍ ହ୍ରଦ ଅଞ୍ଚଳରୁ ଉଭୟ ଭାରତ ଏବଂ ଚୀନ୍ ସେନା ପ୍ରତ୍ୟାହାର ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ସହିତ ଉଭୟ ଦେଶ ମଧ୍ୟରେ ୧୦ମ ପର୍ଯ୍ୟାୟ ଶୀର୍ଷ କମାଣ୍ଡସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ଲେଫ୍ଟନାଣ୍ଟ ଜେନେରାଲ ପିଜିକେ ମନେନ ନେଇଥିବା ବେଳେ ଚୀନ୍ ପକ୍ଷରୁ ମେଜର ଜେନରାଲ ଲିଉ ଲିନ୍ ନେତୃତ୍ୱ ନେଇଥିଲେ । ଏହି ବୈଠକରେ ➤ ପୃ-୬

### ବକ୍ରବାଣୀ



ତୁଚ୍ଛା ଭାଷଣରେ ପେଟ କି ପୁରେ
ଭୋଟ ବେଳ କଥା ତୁଣ୍ଡେ ନ ଧରେ
ବତିଶ କିଣାକୁ ବିକ ନବେରେ
ଭଲା ଆଚ୍ଛାଦିନ ହେଲା ଏବେରେ
କହିଥିଲ ପଇଁତିରିଶ ହବ
ଲାଗିଲାଣି ସତେ ଶହେ ଡେଇଁବ
ତୁମ ଆଚ୍ଛଶଦିନ ଦେଖିଲୁ ଭଲ
ଜିତିଗଲା ପରେ ଦି'ନାତ ଦେଲ
ମିଛ ପୁଳେ ଗପ ସରମ ନାହିଁ
ତେଲ ଦର ବଢ଼େ କଂଗ୍ରେସ ପାଇଁ ।

—— ଟୁଟୁ

## କେନ୍ଦ୍ର-ରାଜ୍ୟ ମଧ୍ୟରେ ସହଯୋଗ ଗୁରୁତ୍ୱପୂର୍ଣ୍ଣ : ପ୍ରଧାନମନ୍ତ୍ରୀ




**ନୂଆଦିଲ୍ଲୀ :** ନୀତି ଆୟୋଗର ପରିଚାଳନା ପରିଷଦର ଷଷ୍ଠ ବୈଠକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ବୈଠକକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଦେଶ ପ୍ରଗତିର ଭିତ୍ତି ହେଉଛି ସମନ୍ୱୟଧର୍ମୀ ସଂଘୀୟ ବ୍ୟବସ୍ଥାୟ ପ୍ରତିଯୋଗିତାମୂଳକ ସମନ୍ୱୟ ଭିତ୍ତିକ ସଂଘୀୟ ବ୍ୟବସ୍ଥାକୁ ଅଧିକ ଯୁକ୍ତିଯୁକ୍ତ କରିବା ପାଇଁ ଆଜିର ବୈଠକରେ ମାନସିକ ପ୍ରସ୍ତୁତି ହେବ । କରୋନା ବୈଶ୍ୱିକ ମହାମାରୀ କାଳରେ ରାଜ୍ୟ ଓ କେନ୍ଦ୍ର ସରକାର ମିଳିମିଶି କାର୍ଯ୍ୟ କରିବା ଯୋଗୁ ଦେଶ ସଫଳତା ହାସଲ କଲା । ଦେଶର ସର୍ବୋଚ୍ଚ ପ୍ରାଥମିକତାଗୁଡିକୁ ଧ୍ୟାନ ରଖି ବୈଠକରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପ୍ରତ୍ୟେକ ଗରିବ ବ୍ୟକ୍ତିକୁ ପକ୍କା ଘର ଖଣ୍ଡେ ଦେବା ପାଇଁ ଅଭିଯାନ ଏବେ ଚାଲୁ ରହିଛି । ୨୦୧୪ ମସିହାଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ସହର ଓ ଗ୍ରାମାଞ୍ଚଳରେ ୨ କୋଟି ୪୦ ଲକ୍ଷରୁ ଅଧିକ ଘର ତିଆରି ସମ୍ପୂର୍ଣ୍ଣ ହୋଇଛି । ଜଳ ଜୀବନ ମିଶନ କାର୍ଯ୍ୟକାରୀ ହେବାଠାରୁ ୧୮ମାସ ମଧ୍ୟରେ ସାଢେ ତିନି ଲକ୍ଷ ଗ୍ରାମାଞ୍ଚଳ ପରିବାରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି । ଗ୍ରାମାଞ୍ଚଳରେ ଇଣ୍ଟରନେଟ ସଂଯୋଗ ପାଇଁ ଭାରତ ନେଟ ଯୋଜନା ପରିବର୍ତ୍ତନର ଏକ ବଡ ମାଧ୍ୟମ ହୋଇଛି । ଯେତେବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଶି ଏହି ସବୁ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଲାଗି ପଡିବେ କାର୍ଯ୍ୟ ଅଧିକ ଗତିଶୀଳ ହେବା ସହ ଯୋଜନାର ସୁଫଳ ସର୍ବଶେଷ ହିତାଧିକାରୀ ପାଖରେ ସହଜରେ ପହଞ୍ଚିପାରିବ । ଚଳିତ ବର୍ଷ ବଜେଟ ନେଇ ସକରାତ୍ମକ ପ୍ରତିକ୍ରିୟା ଦେଶର ମନୋଭାବକୁ ସୂଚାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଦେଶ ସମୟ ନଷ୍ଟ ନକରି ଦୃତ ଅଗ୍ରସର ହେବା ପାଇଁ ମନ ସ୍ଥିର କରିସାରିଛି । ଦେଶର ଏହି ବିକାଶ ଯାତ୍ରାରେ ସାମିଲ ହେବାପାଇଁ ଘରୋଇ କ୍ଷେତ୍ର ମଧ୍ୟ ଉତ୍ସାହର ସହ ଆଗେଇ ଆସିଛି । ସରକାର ଭାବେ ଆମକୁ ଏହି ଉତ୍ସାହ ପ୍ରତି ସମ୍ମାନ ଜଣାଇ ଆତ୍ମନିର୍ଭର ଭାରତ ଅଭିଯାନରେ ଘରୋଇ କ୍ଷେତ୍ରକୁ ଯଥାସମ୍ଭବ ଭାରତକୁ ଏଭଳି ଗଢ଼ି ତୋଳିବାକୁ ପଡିବ ଯେପରି ଏହା ନିଜ ପାଇଁ ଉତ୍ପାଦନ କରି ଘରୋଇ ଆବଶ୍ୟକତା ମେଣ୍ଟାଇବା ସହ ବିଶ୍ୱ ପାଇଁ ମଧ୍ୟ ଉତ୍ପାଦନ କରିବ ଓ ତାହା ବିଶ୍ୱବ୍ୟାପୀ ଜନାଦୃତ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି । ଭାରତ ଭଳି ଏକ ତରୁଣ ଦେଶର ଆଶା-ଆକାଂକ୍ଷାକୁ ଦୃଷ୍ଟିରେ ରଖି ଆମକୁ ଆଧୁନିକ ଭିତ୍ତିଭୂମୀ ଗଠନ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଉଦଭାବନକୁ ପ୍ରୋତ୍ସାହନ ଦେବା ସହ ପ୍ରଯୁକ୍ତିବିଦ୍ୟାର ଅଧିକ ଉପଯୋଗ କରି ଶିକ୍ଷା ଓ କୌଶଳ ବିକାଶ ଦିଗରେ ଉତ୍ତମ ସୁଯୋଗ ସୃଷ୍ଟି କରାଯିବା ଉଚିତ । ଆମର ବ୍ୟବସାୟ, ଏମଏସଏମଇ ଏବଂ ଷ୍ଟାର୍ଟଅପକୁ ଅଧିକ ମଜଭୁତ କରିବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି । ଦେଶର ଶହେଟି ଜିଲ୍ଲା ସେମାନଙ୍କ ଶ୍ରେଷ୍ଠ ସାମଗ୍ରୀ ବାଛି ସେଗୁଡିକୁ ବଜାରକୁ ଛାଡିବା ଫଳରେ ରାଜ୍ୟମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ବୃଦ୍ଧି ପାଇଛି । ଏହାକୁ ବ୍ଲକସ୍ତରକୁ ନେଇ ରାଜ୍ୟ ସଂପଦର ପୂର୍ଣ୍ଣ ବିନିଯୋଗ କରି ଅନ୍ୟ ରାଜ୍ୟକୁ ରପ୍ତାନୀ ବୃଦ୍ଧି କରିବାକୁ ସେ ପରାମର୍ଶ ଦେଇଛନ୍ତି । କେନ୍ଦ୍ର-ରାଜ୍ୟ ମଧ୍ୟରେ ଉନ୍ନତ ସମନ୍ୱୟ ଓ ନୀତିଗତ ଢାଞ୍ଚା ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ଆରୋପ କରିଛନ୍ତି । ଦେଶରେ ନିର୍ମାଣ ପ୍ରକ୍ରିୟା ବୃଦ୍ଧି କରିବା ପାଇଁ ବିଭିନ୍ନ କ୍ଷେତ୍ର ପାଇଁ କେନ୍ଦ୍ର ସରକାର ପ୍ରବର୍ତ୍ତନ କରିଥିବା ପିଏଲଆଇ ଯୋଜନା ଅପୂର୍ବ ସୁଯୋଗ ଆଣିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଯୋଜନାରୁ ସର୍ବାଧିକ ଲାଭ ଉଠାଇ ରାଜ୍ୟଗୁଡିକ ନିଜ ପାଇଁ ➤ ପୃ-୬




### ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୦-୨୧

## ମୁଣ୍ଡ ପିଛା ଆୟ କମିବ




**ଭୁବନେଶ୍ୱର :** କରୋନା ମହାମାରୀର ମହାପ୍ରଭାବ ଓଡ଼ିଶା ଅର୍ଥନୀତିକୁ ଘାଇଲା କରିଛି । ଏହାର ପ୍ରଭାବରେ ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି ଚଳିତ ଆର୍ଥିକ ବର୍ଷରେ ୪.୯% ସଙ୍କୁଚିତ ହୋଇଯିବ । ଶନିବାର ବିଧାନସଭାରେ ଉପସ୍ଥାପିତ ହୋଇଥିବା ୨୦୨୦-୨୧ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି । ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ପୂର୍ବରୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି । ଉକ୍ତ ରିପୋର୍ଟରେ କୁହାଯାଇଛି ଯେ କରୋନା ଯୋଗୁଁ ରାଜ୍ୟ ଆର୍ଥିକ ସ୍ଥିତି ପ୍ରଭାବିତ ହୋଇଛି । ଅଭିବୃଦ୍ଧି ହାର ଉପରେ ପ୍ରଭାବ ପଡ଼ିଛି । ଏହା ଆହୁରି ସଂକୁଚିତ ହେବ । ୨୦୧୯।୨୦ରେ ଅଭିବୃଦ୍ଧି ହାର ୫.୨୧ ପ୍ରତିଶତ ଥିଲାବେଳେ ୨୦୨୦।୨୧ରେ ଅଭିବୃଦ୍ଧି ହାର ୪.୯୨%କୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି । ହେଲେ କୃଷିକ୍ଷେତ୍ରରେ ଅଭିବୃଦ୍ଧି ହାର ଜାତୀୟ ହାରଠୁ ଅଧିକ ହେବ । ୨୦୨୦।୨୧ରେ କୃଷିକ୍ଷେତ୍ରରେ ଅଭିବୃଦ୍ଧି ହାର ୬.୫୪% ଆକଳନ କରାଯାଇଥିବାବେଳେ ଶିଳ୍ପକ୍ଷେତ୍ରରେ ଅଭିବୃଦ୍ଧି ହାର ୮.୮୩% ଆକଳନ ହୋଇଛି । ରିପୋର୍ଟ ଅନୁସାରେ ଓଡ଼ିଶାର ମୁଣ୍ଡ ପିଛା ଆୟ କମିଛି । ଗତବର୍ଷ ତୁଳନାରେ ମୁଣ୍ଡପିଛା ଆୟ ୨୪୧୦ ଟଙ୍କା କମିଛି । ୨୦୧୧।୧୨ ରେ ଓଡ଼ିଶାର ମୁଣ୍ଡପିଛା ଆୟ ୪୮,୪୯୯ ଥିଲା । ୨୦୧୯।୨୦ରେ ୧ ଲକ୍ଷ ୪ ହଜାର ୫୬୬ ହୋଇଥିଲା । ରାଜ୍ୟର ମୁଣ୍ଡପିଛା ଆୟ ଗତବର୍ଷ ତୁଳନାରେ ୨.୩ ପ୍ରତିଶତ ହ୍ରାସ ପାଇଛି । ୧୦ ବର୍ଷ ମଧ୍ୟରେ ଏହି ବୃଦ୍ଧି ହାର ୧୧୫.୬୦% ଥିଲା । ଏହି ଅବଧିରେ ସର୍ବଭାରତୀୟ ମୁଣ୍ଡ ପିଛା ଆୟ ୬୩ ହଜାର ୪୬୨ ଟଙ୍କାରୁ ୧ ଲକ୍ଷ ୩୪ ହଜାର ୨୨୬ ଟଙ୍କା ଥିଲା । ଅର୍ଥାତ୍ ଏକ ଦଶନ୍ଧିରେ ଓଡ଼ିଶାର ମୁଣ୍ଡପିଛା ଆୟ ଭାରତର ମୁଣ୍ଡପିଛା ଆୟ ତୁଳନାରେ ଦ୍ରୁତଗତିରେ ବୃଦ୍ଧି ପାଇଛି । ବିହାର, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ମେଘାଳୟ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଠାରୁ ଓଡ଼ିଶାର ମୁଣ୍ଡ ପିଛା ଆୟ ଅଧିକ ରହିଛି । ଚଳିତ ବର୍ଷ ହ୍ରାସ ପାଇ ୧ ଲକ୍ଷ ୨ ହଜାର ୧୫୬ରେ ପହଞ୍ଚିଛି । ସେହିପରି ୨୦୧୨-୧୩ ରୁ ୨୦୧୯-୨୦ ମଧ୍ୟରେ ଓଡ଼ିଶାର ଅର୍ଥିକ ସ୍ଥିତି ହାରାହାରି ବାର୍ଷିକ ୭.୧ ପ୍ରତିଶତ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଦୂରସ୍ଥାନକୁ ଯାତ୍ରାର ସମ୍ଭାବନା ଅଛି। ସମ୍ପର୍କୀୟ ଲୋକଙ୍କୁ ସାହାଯ୍ୟ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ କରନ୍ତୁ। ଅଯଥା ଖର୍ଚ୍ଚରୁ ଦୂରେଇ ରହନ୍ତୁ। ଶିକ୍ଷାରେ ସଫଳତା ମିଳିବ। ସନ୍ତାନ ସୁଖ ପ୍ରାପ୍ତିର ସମ୍ଭାବନା ଅଛି। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** ନିଜ ଲୋକଙ୍କ ଠାରୁ ସାହାଯ୍ୟ ଓ ସହଯୋଗର ସମ୍ଭାବନା ଅଛି। ନୂତନ ବନ୍ଧୁ ହୋଇପାରନ୍ତି। ବୁଦ୍ଧି, ବିଦ୍ୟା ଓ ସନ୍ତାନମାନଙ୍କ ଯୋଗୁ ସଫଳତା ମିଳିବ। କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ଯନ୍ତ୍ର ସମ୍ବନ୍ଧିତ ବ୍ୟବସାୟରେ ସଫଳତା ମିଳିବ।

**ମିଥୁନ** ହଠାତ୍ ପ୍ରଚୁର ଅର୍ଥ ଖର୍ଚ୍ଚର ଯୋଗ ଅଛି। କୌଣସି ଆତ୍ମୀୟଙ୍କଠାରୁ ସହଯୋଗ ମିଳିବ। ଋଣ ପରିଶୋଧର ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ରହନ୍ତୁ। ବିବାହର ଯୋଗ ଅଛି। କିନ୍ତୁ ବୃହତ୍ତର ହିତ ପାଇଁ ଏହାକୁ କିଛିଦିନ ଦୂରେଇ ଦିଅନ୍ତୁ।

**କର୍କଟ** ମନ ପ୍ରସନ୍ନ ରହିବ। ଅନେକ ଦିନର ପରିଶ୍ରମର ଲାଭ ମିଳିପାରେ। ଅର୍ଥର ସଞ୍ଚୟ ଯୋଗ ଅଛି। ଲାଭ ପାଇଁ ଅନେକ ମାର୍ଗ ଆପଣେଇ ପାରନ୍ତି। ପରିବାରରେ କଳହ ଦେଖାଦେଇପାରେ।

**ସିଂହ** ପଦ ଓ ପ୍ରତିଷ୍ଠାର ଯୋଗ ଅଛି। ଦୁର ସ୍ଥାନକୁ ଯାତ୍ରା କରିପାରନ୍ତି। ଅଦରକାରୀ କାର୍ଯ୍ୟରେ ଖର୍ଚ୍ଚ କରିପାରନ୍ତି। ଶିକ୍ଷାରେ ଉନ୍ନତି ଘଟିବ। ଅନାବଶ୍ୟକ ଋଣ ବା କରଜ କରନ୍ତୁ ନାହିଁ। ଅନ୍ୟଥା ଭବିଷ୍ୟତ ପାଇଁ କଷ୍ଟଦାୟକ ହୋଇପାରେ।

**କନ୍ୟା** ପରିବାରରେ ଓ ଆତ୍ମୀୟମାନଙ୍କ ସହିତ ବିବାଦ ହୋଇପାରେ। ଆୟ ତୁଳନାରେ ଖର୍ଚ୍ଚ ବଢ଼ିପାରେ। ରୋଗରୁ ମୁକ୍ତି ମିଳିବ। ଶୀ ପ୍ରତିଯୋଗିତାରେ ସଫଳତା ମିଳିବ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ବଢ଼ିବ।

**ତୁଳା** ବ୍ୟବସାୟ ସମ୍ପର୍କୀୟ ଯାତ୍ରା କରିପାରନ୍ତି। ସ୍ଥାବର, ଅସ୍ଥାବର ସମ୍ପତ୍ତି କ୍ରୟ କରିବାର ଯୋଗ ଅଛି। ଆୟର ଏକାଧିକ ମାର୍ଗ ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ହୃଦୟ ସମ୍ବନ୍ଧିତ ରୋଗର ସମ୍ଭାବନା ଅଛି।

**ବିଛା** ଅନେକ ଦିନରୁ ରୋକି ରହିଥିବା ସରକାରୀ ବା ଆଇନଗତ କାର୍ଯ୍ୟର ସମାଧାନ ହେବ। ଯାନବାହନ କ୍ରୟ ଯୋଗ ଅଛି। ଆତ୍ମୀୟମାନଙ୍କ ସହଯୋଗ ପ୍ରାପ୍ତ ହେବ। ବଡଭାଇଙ୍କ ସହ କଳହ ବା ବଚସା ହୋଇପାରେ।

**ଧନୁ** ବୁଝିବିଚାରୀ ନିଷ୍ପତ୍ତି ନିଅନ୍ତୁ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଆୟ ତୁଳନାରେ ଖର୍ଚ୍ଚରେ ବୃଦ୍ଧି ହେବ। ବ୍ୟବସାୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। କରଜ ବା ଋଣ କାହାକୁ ଦିଅନ୍ତୁ ନାହିଁ। ପିତାଙ୍କ ସହଯୋଗ ମିଳିବ।

**ମକର** ବିବାହ ଯୋଗ୍ୟ ବ୍ୟକ୍ତିମାନଙ୍କ ପାଇଁ ସମୟ ଅନୁକୂଳ ଅଟେ। ବ୍ୟବସାୟ ପାଇଁ ନୂତନ ଯୋଗ ଦେଖାଦେବ। ସ୍ଥିର ଚିତ୍ତରେ ନିଷ୍ପତ୍ତି ନିଅନ୍ତୁ ସଫଳତା ମିଳିବ। ମନରେ ଧାର୍ମିକ ବିଚାର ଜାଗ୍ରତ ହେବ।

**କୁମ୍ଭ** ଶ୍ରମ ତୁଳନାରେ ସଫଳତା କମ ମିଳିପାରେ। ଭୌତିକ ସୁଖ ସୁବିଧା ପାଇଁ ଅଧିକ ଖର୍ଚ୍ଚ କରିବେ। ବୟସ୍କ ବ୍ୟକ୍ତିଙ୍କ ସହ ମନମାଳିନ୍ୟ ହୋଇପାରେ। ପରିବାରରେ କଷ୍ଟ ପାଇ ପାରନ୍ତି। ଶିକ୍ଷା ଓ ସନ୍ତାନଙ୍କ ଉପରେ ଅଧିକ ଖର୍ଚ୍ଚ କରିପାରନ୍ତି।

**ମୀନ** ଅନେକ ଦିନର ଋଣ ପରିଶୋଧ କରିବେ। ଅପ୍ରତ୍ୟାଶିତ ଭାବେ ଧନଲାଭ ହେବ। ପୁରୁଣା ବ୍ୟାଧି ବା ରୋଗରୁ ମୁକ୍ତି ମିଳିବ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ସମ୍ବନ୍ଧୀୟ ବିବାଦର ଅବସାନ ଘଟିବ।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### କୋଟିଆ ପ୍ରସଙ୍ଗ; ସୁପ୍ରିମ୍‌କୋର୍ଟରେ ଆନ୍ଧ୍ରର ଷ୍ଟାଟସ୍ ରିପୋର୍ଟ

# ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ଓଡ଼ିଶାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ :** କୋଟିଆ ପ୍ରସଙ୍ଗକୁ ନେଇ ସୁପ୍ରିମକୋର୍ଟରେ ମୁହାଁମୁହିଁ ହୋଇଛନ୍ତି ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ସରକାର। କୋଟିଆକୁ ନିଜର ଦାବି କରି ଆଜି ଆନ୍ଧ୍ର ପକ୍ଷରୁ ୫୦ ପୃଷ୍ଠା ସମ୍ବଳିତ ସତ୍ୟପାଠ ସମେତ କିଛି ଫଟୋ ସୁପ୍ରିମକୋର୍ଟରେ ଦାଖଲ କରାଯାଇଛି। ଅପରପକ୍ଷେ ସମସ୍ତ ଡକ୍ୟୁମେଣ୍ଟ ଫାଇଲ କରିବାକୁ ଓଡ଼ିଶା ସରକାରଙ୍କୁ ୪ ସପ୍ତାହ ସମୟ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଏହାର ଜବାବ ରଖି ଓଡ଼ିଶା ପକ୍ଷ ଓକିଲ ଶିବଶଙ୍କର ମିଶ୍ର କହିଛନ୍ତି, ଆନ୍ଧ୍ର ନିଜ ସପକ୍ଷରେ ୪/୫ଟି ଫଟୋ ଦେଖାଉଛି। ହେଲେ ଆମ ପାଖରେ ପୂରା ଆଲବମ୍ ଭର୍ତ୍ତି ଫଟୋ ଅଛି। ଆନ୍ଧ୍ର ସରକାର ଆଜି କୋର୍ଟରେ ଦାଖଲ କରିଥିବା ସତ୍ୟପାଠ ଅନୁସାରେ, ୧୯୫୨ ମସିହାରୁ କୋଟିଆର ବିବାଦୀୟ ତିନିଟି ଗାଁରେ ସେମାନେ ନିର୍ବାଚନ କରିଆସୁଛନ୍ତି। ସତ୍ୟପାଠରେ ଆନ୍ଧ୍ର ୧୯୫୨ରୁ କୋଟିଆର ଗଂଜେଇବାଦରା, ପାଟୁଚିନ୍ନାଉରୁ, ପଗୁଲୁଚିନ୍ନାଉରୁ ଗାଁରେ ନିର୍ବାଚନ କରୁଥିବା ଦର୍ଶାଇଛି। ଏସବୁ ଗାଁ ଆନ୍ଧ୍ରର ଆରାକୁ ସଂସଦୀୟ କ୍ଷେତ୍ର ଓ ସାଲେରୁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଯାଉଛି। ଏସବୁ ଗାଁରେ ୨୦୦୬, ୨୦୧୩, ୨୦୧୪ରେ ସାଧାରଣ ନିର୍ବାଚନ ବେଳେ ଭୋଟ୍ ଗ୍ରହଣ କରାଯାଇଛି। ହେଲେ ଓଡ଼ିଶା ପକ୍ଷରୁ ଏହାକୁ ଖଣ୍ଡନ କରି ସମ୍ପୂର୍ଣ୍ଣ ମିଛ ବୋଲି କୁହାଯାଇଛି। ଆନ୍ଧ୍ର ଯେଉଁ ଡକ୍ୟୁମେଣ୍ଟ ଦାଖଲ କରିଛି, ସବୁ ମିଛ। ପୂର୍ବରୁ ସେଠାରେ ଆନ୍ଧ୍ର ନିର୍ବାଚନ କରିଥିବା ଦାବି ବି ମିଛ ବୋଲି କହିଛନ୍ତି ଓକିଲ ଶିବଶଙ୍କର ମିଶ୍ର ୧୯୩୬ ମସିହା ପରଠୁ ସମସ୍ତ ଡକ୍ୟୁମେଣ୍ଟ ଓଡ଼ିଶା ପାଖରେ ଥିବା ବେଳେ କୋଟିଆ ଓଡ଼ିଶାର ବୋଲି ପ୍ରମାଣିତ କରାଯାଇ ପାରିବ ବୋଲି ଓକିଲ ଶିବଶଙ୍କର ମିଶ୍ର କହିଛନ୍ତି। ଏଥିନିମନ୍ତେ ସମସ୍ତ ଡକ୍ୟୁମେଣ୍ଟ




ଫାଇଲ କରିବାକୁ ଓଡ଼ିଶା ସରକାରଙ୍କୁ ୪ ସପ୍ତାହ ସମୟ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଆନ୍ଧ୍ର ନିଜ ସତ୍ୟପାଠରେ କୋଟିଆର ବହୁ ଗାଁ ତା' ଅଧୀନରେ ଥିବା ବେଳେ ପୁଲିଂ ଷ୍ଟେଶନ ଥିବା ବି କହିଛି। ଏ ନେଇ ୪-୫ ଫଟୋ ବି ଦେଖାଇଛି ଆନ୍ଧ୍ର। ହେଲେ ଏହାକୁ କାଉଣ୍ଟର କରିଛି ଓଡ଼ିଶାୟ ଆମର ଏଠି ମେଡିକାଲ ଅଛି, ଥାନା ଅଛି, ସ୍କୁଲ ଅଛି, ଉନ୍ନତିମୂଳକ କାମ ଚାଲିଛି। ୧୫୦ କୋଟି ସେଠାରେ ବିନିଯୋଗ କରିଛନ୍ତି ସରକାର। ତେଣୁ ଆନ୍ଧ୍ର କିଛି ଫଟୋ ଦେଖାଉଥିବା ବେଳେ ଆମ ପୂରା ଆଲବମ ଅଛି ବୋଲି କହିଛନ୍ତି ଓକିଲ ଶିବଶଙ୍କର ମିଶ୍ର। ଏଥିସହ କହିଛନ୍ତି କେବଳ ବିବାଦୀୟ ୩ଟି ଗାଁ ନୁହେଁ କୋଟିଆର ୨୧ଟି ଗାଁ ହେଉଛି ଓଡ଼ିଶାର। ଅପରପକ୍ଷେ, ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ସତ୍ତ୍ୱେ ଓଡ଼ିଶା ସୀମାନ୍ତ ଅଞ୍ଚଳରେ ପୁଣି ଦାଦାଗିରି ଦେଖାଇଛି ଆନ୍ଧ୍ରପ୍ରଦେଶୟ ଗଜପତି ଜିଲ୍ଲା କାଶୀନଗର ବ୍ଲକ ଛଅମାଇଲ ନିକଟରେ ରାସ୍ତା ନିର୍ମାଣ କରିଛି ଆନ୍ଧ୍ର। ଓଡ଼ିଶା ଭିତରକୁ ୧ କିଲୋମିଟର ପଶି ରାସ୍ତା ନିର୍ମାଣ କରୁଛି ଆନ୍ଧ୍ର। ଆନ୍ଧ୍ରର ଆଳତିରୁ ଛଅମାଇଲ ଗାଁ ପର୍ଯ୍ୟନ୍ତ ୧ କିମି ଓଡ଼ିଶାର ରାସ୍ତା। ଗଜପତି ଜିଲ୍ଲା ପ୍ରଶାସନର ବିରୋଧ ପରେ ରାସ୍ତା କାମ ବନ୍ଦ ହୋଇଥିବା ଜଣାଯାଇଛି। ଅପରପକ୍ଷେ, କୋଟିଆ ଗ୍ରାମପୁଞ୍ଜର ବହୁବିଧ ବିକାଶ କାର୍ଯ୍ୟ ହାତକୁ ନିଆଯାଇଛି ବୋଲି କହିଲେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି। ସନ୍ତୋଷ ସିଂହ ସାଲୁଜାଙ୍କ ପ୍ରଶ୍ନରେ ମନ୍ତ୍ରୀ ମାରାଣ୍ଡି କହିଛନ୍ତି, ୨୦୦୬ରେ ସୁପ୍ରିମକୋର୍ଟ ସ୍ଥିତାବସ୍ଥା ବଜାୟ ପାଇଁ ସ୍ପଷ୍ଟ ଭାବେ କହିଛନ୍ତି। କୋଟିଆର ବିକାଶ ପାଇଁ ରାଜ୍ୟ ସରକାର ୧୫ସୂତ୍ରୀ କାର୍ଯ୍ୟକ୍ରମ କରୁଛନ୍ତି। ରାସ୍ତାଘାଟ, ଡାକ୍ତରଖାନା, ହାଟ ବଜାର, ବିଦ୍ୟୁତ୍ , ବ୍ୟାଙ୍କିଂ ବ୍ୟବସ୍ଥା କରାଯାଉଛି। ଉନ୍ନୟନ କାମ ସମୀକ୍ଷା ପାଇଁ ରାଜସ୍ୱ ପରିଷଦ ସଭ୍ୟଙ୍କ ଅଧ୍ୟକ୍ଷତାରେ କମିଟି ହୋଇଛି। ଆନ୍ଧ୍ର ସୀମାନ୍ତ ଓଡ଼ିଶାବାସୀଙ୍କ ବିକାଶ ନିମନ୍ତେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ।

## କରୋନିଲ୍‌କୁ ଆୟୁଷ ମନ୍ତ୍ରଣାଳୟର ସବୁଜ ସଙ୍କେତ

**ନୂଆଦିଲ୍ଲୀ :** ପତଞ୍ଜଳିର କରୋନିଲ୍‌କୁ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ଅନୁମୋଦନ କରିଛି ବୋଲି ରାମଦେବ ବାବା ପରିଚାଳିତ ପତଞ୍ଜଳି ଆୟୁର୍ବେଦ ଏକ ବିବୃତି ଜାରି କରି କହିଛି। ଏହି ମାନ୍ୟତା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ଜାରି କରାଯାଉଥିବା ସ୍କିମ୍ ଜରିଆରେ ମିଳିଛି ବୋଲି ପତଞ୍ଜଳି ଦାବି କରିଛି। କୋଭିଡ୍-୧୯ର ଉପଚାର ପାଇଁ କରୋନିଲ୍ ପ୍ରମାଣସିଦ୍ଧ ଔଷଧ ବୋଲି କହିଛି ପତଞ୍ଜଳି। କରୋନାର ଆରୋଗ୍ୟ ପାଇଁ ପତଞ୍ଜଳି ଦ୍ୱାରା ପ୍ରସ୍ତୁତ ଏହି ଔଷଧକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା ହର୍ଷବର୍ଦ୍ଧନଙ୍କ ଦ୍ୱାରା ଶୁକ୍ରବାର ଦିନ ବଜାର ପ୍ରବେଶ କରାଯାଇଛି। ଏହି ଉତ୍ସବରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ମଧ୍ୟ ଉପସ୍ଥିତ ଥିଲେ। ସେଣ୍ଟ୍ରାଲ୍ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ ଦ୍ୱାରା ଆୟୁଷ ବିଭାଗରୁ ସାର୍ଟିଫିକେଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ପ୍ରଡକ୍ଟ




(ସିଓପିପି)ଭାବରେ କରୋନିଲ୍‌କୁ ମାନ୍ୟତା ମିଳିଛି। ଏହି ମାନ୍ୟତା ଡବ୍ଲ୍ୟୁଏଚ୍‌ଓର ଏକ ସ୍କିମ୍ ଜରିଆରେ ମିଳିଥାଏ ବୋଲି ପତଞ୍ଜଳୀ କହିଛି। ସିଓପିପି ଭାବରେ ଏହି ଔଷଧକୁ ଏବେ ୧୫୮ଟି ଦେଶକୁ ରପ୍ତାନି କରାଯାଇପାରିବ। ଏହି ଅବସରରେ ଯୋଗଗୁରୁ ବାବା ରାମଦେବ କହିଛନ୍ତି ଯେ କରୋନିଲ୍ ପ୍ରାକୃତିକ ଉପାୟରେ କୋଭିଡ୍-୧୯ର ଉପଯୁକ୍ତ ଚିକିତ୍ସା କରିବ। କରୋନିଲ୍‌କୁ ପତଞ୍ଜଳି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ବିକାଶ କରିଛି। ଏହା ଲକ୍ଷ ଲକ୍ଷ ଭାରତୀୟ ତଥା ସାରା ବିଶ୍ୱର ମାନବଜାତିକୁ ଲାଭ ପ୍ରଦାନ କରିବ।

## ଜିଏସ୍‌ଟି ସ୍ଲାବ୍‌ରେ ହେବ ପରିବର୍ତ୍ତନ !

**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ସାମଗ୍ରୀ ଓ ସେବା କର (ଜିଏସ୍‌ଟି)ରେ ଥିବା ୧୨% ଓ ୧୮% ସ୍ଲାବ୍‌କୁ ମିଶ୍ରଣ କରିପାରନ୍ତି। ଏକ ନୂତନ ସ୍ଲାବ୍‌ର ପ୍ରଚଳନ ପକ୍ଷରେ ଯୋଜନା କରିଛନ୍ତି ସରକାର। ଅର୍ଥ ମନ୍ତ୍ରଣାଳୟ ସୂତ୍ରରୁ ପ୍ରାପ୍ତ ଖବର ଅନୁସାରେ କିଛି ରାଜ୍ୟ ମଧ୍ୟ ସରକାରଙ୍କୁ ଏହି ମିଶ୍ରଣ ପାଇଁ ପରାମର୍ଶ ଦେଇଥିଲେ। ପଞ୍ଚଦଶ ଅର୍ଥ କମିଶନ୍ ମଧ୍ୟ ସ୍ଲାବ୍‌ର ମିଶ୍ରଣ ପାଇଁ ପରାମର୍ଶ ଦେଇଛନ୍ତି। ଜିଏସ୍‌ଟି ପରିଷଦର ବୈଠକ ଆଗାମୀ ମାର୍ଚ୍ଚ ମାସରେ ଅନୁଷ୍ଠିତ ହେବାର ଅଛି। ଏହି ବୈଠକରେ ଜିଏସ୍‌ଟି ପରିଷଦ ଟ୍ୟାକ୍ସ ସ୍ଲାବ୍‌ର ମିଶ୍ରଣ ଉପରେ ନିଷ୍ପତ୍ତି ନେଇପାରେ। ବର୍ତ୍ତମାନ ସମୟରେ ମୂଲ୍ୟବାନ ପଥର ଓ ଧାତୁ ଉପରେ ଜିଏସ୍‌ଟି ୦.୨୫ ଓ ୩%ର ବିଶେଷ ସ୍ଲାବ୍ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ସାମଗ୍ରୀ ଉପରେ ଜିଏସ୍‌ଟି ସ୍ଲାବ୍ ଯଥାକ୍ରମେ ୫%, ୧୨%, ୧୮% ୨୮% ରହିଛି। ଏହାବ୍ୟତୀତ ବିଳାସ ଦ୍ରବ୍ୟ ତଥା ତମାଖୁ ଜାତୀୟ ଦ୍ରବ୍ୟ ଓ ମଦ ଉପରେ ସରକାର ସେସ୍ ଲାଗୁ କରିଥାଆନ୍ତି। ଅର୍ଥ ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ ଯେ ସ୍ଲାବ୍‌ର ମିଶ୍ରଣ ସମ୍ବନ୍ଧରେ ଆଲୋଚନା ଜାରି ରହିଛି। ଆଗାମୀ ମାର୍ଚ୍ଚରେ ଜିଏସ୍‌ଟି ପରିଷଦର ବୈଠକରେ ଏହା ଉପରେ ଚର୍ଚ୍ଚା ହୋଇପାରେ। ଏହାବ୍ୟତୀତ ରାଜ୍ୟମାନଙ୍କର ମଞ୍ଜୁରୀ ଆବଶ୍ୟକ। ସୂଚନାଯୋଗ୍ୟ ଯେ ସରକାର ୧୭ ପ୍ରକାରର ଟ୍ୟାକ୍ସକୁ ମିଶାଇ ଜିଏସ୍‌ଟି ପ୍ରଚଳନ କରିଥିଲେ। ସେତେବେଳେ କୁହାଯାଉଥିଲା ଯେ ଜିଏସ୍‌ଟି ଯୋଗୁଁ ରାଜ୍ୟ ତଥା କେନ୍ଦ୍ରର ରାଜସ୍ୱ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ଯଦିଓ ପରବର୍ତ୍ତୀ ସମୟରେ ଜିଏସ୍‌ଟି ରେଟ୍‌ରେ ହ୍ରାସ କରିବା ଯୋଗୁଁ ରାଜସ୍ୱ ସଂଗ୍ରହରେ ହ୍ରାସ ପାଇଥିଲା। ଆର୍ଣ୍ଣେଷ୍ଟ ଆଣ୍ଡ ୟଙ୍ଗ୍‌ର ପାର୍ଟନର୍ ଅଭିଷେକ୍ ଜୈନ୍ କହିଛନ୍ତି ଯେ ସରକାରଙ୍କ ଦ୍ୱାରା ଉଭୟ ପ୍ରକାରର ଟ୍ୟାକ୍ସ ସ୍ଲାବ୍‌କୁ ମିଶ୍ରଣ କରାଯିବା ଫଳରେ କେତେକ ଦ୍ରବ୍ୟର ଦର ବୃଦ୍ଧି ପାଇପାରେ। ଯେପରିକି ୧୨% ସୀମାରେ ଆସୁଥିବା କିଛି ଦ୍ରବ୍ୟର ବୃଦ୍ଧି ଘଟିବ। ୧୮% ସୀମାରେ ଆସୁଥିବା ଦ୍ରବ୍ୟର ମୂଲ୍ୟରେ ହ୍ରାସ ଘଟିବ। ଅର୍ଥ ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ ଯେ ଏହି ମିଶ୍ରଣ ଫଳରେ ଜିଏସ୍‌ଟି ବ୍ୟବସ୍ଥାରେ ସରଳୀକରଣ ହେବା ସହିତ ସରକାରଙ୍କ ରାଜସ୍ୱରେ ମଧ୍ୟ ବୃଦ୍ଧି ଘଟିବ। ସରକାର ଚଳିତ ଆର୍ଥିକ ବର୍ଷର ଗତ ଡିସେମ୍ବର ଓ ଜାନୁଆରୀରେ ରେକର୍ଡ ୧.୧୫ ଲକ୍ଷ କୋଟି ଓ ୧.୧୯ ଲକ୍ଷ କୋଟିର ଜିଏସ୍‌ଟି ରାଜସ୍ୱ ସଂଗ୍ରହ କରିଥିଲେ। ଏନ୍ କେ ସିଂଙ୍କ ନେତୃତ୍ୱରେ ପଞ୍ଚଦଶ ଅର୍ଥ କମିଶନ୍ ତିନି ପ୍ରକାରର ଜିଏସ୍‌ଟି ସ୍ଲାବ୍ ରଖିବାର ପରାମର୍ଶ ଦେଇଛନ୍ତି। କମିଶନ୍ ୧୨% ଓ ୧୮%କୁ ମିଶାଇ କେବଳ ୫% ତଥା ୨୮ କିମ୍ବା ୩୦% ରଖିବାର ପରାମର୍ଶ ଦେଇଛନ୍ତି। କମିସନ୍‌ଙ୍କ ମତରେ ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଜିଏସ୍‌ଟିର ପ୍ରଭାବୀ ଦର ୧୧.୮%କୁ ସଠିକ୍ ଦର ଭାବରେ ଆକଳନ କରିଛି।

## ମଙ୍ଗଳରେ ପାଦ ଥାପିଲା 'ପର୍ସିଭିରନ୍ସ'

**ନୂଆଦିଲ୍ଲୀ :** ଇତିହାସ ରଚିଲା ନାସା। ମଙ୍ଗଳ ଗ୍ରହରେ ସଫଳତାର ସହ ପାଦ ଥାପିଛି ନାସାର ଯାନ ପର୍ସିଭିରନ୍ସ ରୋଭର। ଆମେରିକା ମହାକାଶ ଗବେଷଣ ସଂସ୍ଥା ନାସାର ଏହି ରୋଭର ସଫଳତାର ସହ ମଙ୍ଗଳ ଗ୍ରହରେ ଲ୍ୟାଣ୍ଡ କରିଛି। ଉଡାଣ ଭରିବାର ୭ ମାସ ପରେ ମଙ୍ଗଳ ଗ୍ରହରେ ଓହ୍ଲାଇଛି ନାସାର ଏହି ରୋଭର। ଭାରତୀୟ ସମୟ ଅନୁସାରେ, ଗୁରୁବାର ରାତି ୨ଟା ୨୫ ମିନିଟରେ ଏହି ରୋଭର ଅବତରଣ କରିଥିଲା। ରୋଭର ଲ୍ୟାଣ୍ଡ କରିବା ମାତ୍ରେ କାଲିଫର୍ଣ୍ଣିଆସ୍ଥିତ ଜେଟ୍ ପ୍ରପଲସନ୍ ଲାବୋରେଟୋରୀରେ ଖୁସିର ବାତାବରଣ ଖେଳିଯାଇଥିଲା। ୬ ଚକିଆ ଏହି ରୋଭର ଯାନ ମଙ୍ଗଳ ଗ୍ରହରେ ଜୀବନର ସତ୍ତା ସନ୍ଧାନ କରିବ। ମଙ୍ଗଳ ଗ୍ରହରେ ଯେ ଯଦି କେବେ ବି ଜୀବନ ରହିଥିବ ତେବେ ଏହା ୩ରୁ ୪ ନିୟୁତ ବର୍ଷ ପୂର୍ବେ ରହିଥିବ ବୋଲି ନାସାର ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି। ସେହି



ସମୟରେ ମଙ୍ଗଳ ଗ୍ରହରେ ଜଳ ରହିଥିବା ଅନୁମାନ କରିଛନ୍ତି ବୈଜ୍ଞାନିକ। ଏହି ମିଶନ ଦ୍ୱାରା ବୈଜ୍ଞାନିକ ଗବେଷଣା ସହ ଦର୍ଶନ ଏବଂ ମହାକାଶ ଗବେଷଣା ନେଇ ଅଧିକ ତଥ୍ୟ ମିଳିପାରିବ। ୧୯୭୦ ପରେ ନାସାର ଏହା ନବମ ମଙ୍ଗଳ ଅଭିଯାନ। ନାସା ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନ୍ୟ ଗ୍ରହକୁ ପଠାଯାଇଥିବା ସବୁଠାରୁ ବୃହତ ରୋଭର ହେଉଛି 'ପର୍ସିଭିରନ୍ସ'। ନାସା ବୈଜ୍ଞାନିକଙ୍କ ସୂଚନା ଅନୁସାରେ ପର୍ସିଭିରନ୍ସ ରୋଭରକୁ ମଙ୍ଗଳ ପୃଷ୍ଠରେ ଲ୍ୟାଣ୍ଡ କରିବାର ଶେଷ ୭ ମିନିଟ ଥିଲା ସବୁଠାରୁ କଠିନ। ପର୍ସିଭିରନ୍ସ ରୋଭର ଟେରେନ୍ ରିଲେଟିଭ୍ ନାଭିଗେସନ୍ ଜରିଆରେ ମଂଗଳ ଗ୍ରହରେ ଅବତରଣ କରିଥିଲା। ନାସାର ମଙ୍ଗଳ ମିଶନ୍‌ରେ ରହିଛି ଭାରତୀୟ ବୈଜ୍ଞାନିକଙ୍କ ପ୍ରମୁଖ ଭୂମିକା। ନାସାରେ କାର୍ଯ୍ୟରତ ଭାରତୀୟ ବଂଶୋଦ୍ଭବ ବୈଜ୍ଞାନିକ ଡାକ୍ତର ସ୍ୱାତୀ ମୋହନଙ୍କ ଏହି ମିଶନ୍‌ରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି। ରୋଭର୍ ଲ୍ୟାଣ୍ଡିଂ ଓ ମଙ୍ଗଳ ପୃଷ୍ଠରେ ଅବତରଣ ପ୍ରକ୍ରିୟା ଦାୟିତ୍ୱ ସ୍ୱାତୀଙ୍କ ପାଖରେ ଥିଲା। ପର୍ସିଭିରନ୍ସ ରୋଭରର ନିର୍ମାଣ, ବିକାଶ ଓ ଏହାକୁ ମଙ୍ଗଳ କକ୍ଷରେ ପହଞ୍ଚାଇବା ଭଳି କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ବି ନିକଟରୁ ଅନୁଧ୍ୟାନ କରିଛନ୍ତି ସ୍ୱାତୀ। ଡାକ୍ତର ସ୍ୱାତୀ ମୋହନଙ୍କ ଜନ୍ମ ଭାରତରେ ହୋଇଥିଲେ ବି ସେ ବର୍ଷକ ପରେ ପରିବାର ସହ ଆମେରିକା ଚାଲି ଯାଇଥିଲେ। ଛୋଟ ବେଳୁ ବୈଜ୍ଞାନିକ ହେବା ସ୍ୱପ୍ନ ଦେଖିଥିବା ସ୍ୱାତୀ ଏବେ ବିଶ୍ୱର ସବୁଠୁ ବଡ଼ ମହାକାଶ ଅଭିଯାନର ଅଙ୍ଗ ହୋଇପାରିଛନ୍ତି।

## ୧୩୦ ରାଷ୍ଟ୍ରକୁ ମିଳିନି କୋଭିଡ୍ ଟିକା : ଜାତିସଂଘ

**ନ୍ୟୁୟର୍କ :** କୋଭିଡ୍ ରୋଗକୁ ନିୟନ୍ତ୍ରଣ କରିବାକୁ ଅଧିକାଂଶ ରାଷ୍ଟ୍ର ବର୍ତ୍ତମାନ ଟିକାକରଣ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଛନ୍ତି। ଜରୁରୀକାଳୀନ ଭିତ୍ତିରେ ବିଶ୍ୱବ୍ୟାପୀ ଟିକାକରଣ କରିବାକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁତିରେଜ୍ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ତେବେ ୧୩୦ଟି ରାଷ୍ଟ୍ରକୁ ଏପର୍ଯ୍ୟନ୍ତ କୋଭିଡ୍ ଟିକା ମିଳିନଥିବାରୁ ଗୁତିରେଜ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସଭ୍ୟ ମାନବ ସମାଜ ପାଇଁ ଏହା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ ବୋଲି ସେ ଆକ୍ଷେପ କରିଛନ୍ତି। ସବୁ ରାଷ୍ଟ୍ର ଯେପରି ସମୟ ଅନୁଯାୟୀ କୋଭିଡ୍ ଟିକା ପାଇବେ, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ସେ ଟିକା ପ୍ରସ୍ତୁତକାରୀ ଦେଶଗୁଡ଼ିକୁ ଅନୁରୋଧ କରିଛନ୍ତି। ବିଶ୍ୱର କେତେକ ହାତଗଣତି ରାଷ୍ଟ୍ର ଯଥା ଆମେରିକା, ଭାରତ, ଚୀନ୍, ବ୍ରିଟେନ, ରୁଷ ଓ ଜର୍ମାନୀ ବର୍ତ୍ତମାନ କୋଭିଡ୍ ଟିକା ପ୍ରସ୍ତୁତ କରୁଛନ୍ତି। ଭାରତ ଇତିମଧ୍ୟରେ ଦେଶରେ ବ୍ୟାପକ ଟିକାକରଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିବାବେଳେ କେତେକ ବିଦେଶୀ ରାଷ୍ଟ୍ରକୁ ମଧ୍ୟ ଟିକା ଯୋଗାଇ ସାରିଲାଣି। ଯେଉଁ ଗରିବ ରାଷ୍ଟ୍ର ଟିକା କିଣିବାକୁ ଅସମର୍ଥ, ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ମାଗଣାରେ ଟିକା ଯୋଗାଇବାକୁ ଗୁତିରେଜ୍ ଅନୁରୋଧ କରିଛନ୍ତି। ଫଳରେ ବିଶ୍ୱର ସବୁ ରାଷ୍ଟ୍ରର ଲୋକେ ସମାନଭାବେ ଟିକାର ସୁବିଧା ପାଇବେ ବୋଲି ସେ କହିଛନ୍ତି। କୋଭିଡ୍ ଟିକା ଯୋଗାଣ ପ୍ରକ୍ରିୟାରେ ଶତ୍ରୁ ମିତ୍ର ଭେଦଭାବ ପୋଷଣ ନକରିବାକୁ ଗୁତିରେଜ୍ ଆନ୍ତର୍ଜାତିକ ସମୁଦାୟକୁ ପରାମର୍ଶ ଦେଇଛନ୍ତି। କୋଭିଡ୍ ଏକ ବୈଶ୍ୱିକ ମହାମାରୀ ହୋଇଥିବାରୁ ମାନବିକତା ଦୃଷ୍ଟିକୋଣରୁ ବିଭିନ୍ନ ରାଷ୍ଟ୍ରକୁ ଏହା ଯୋଗାଇବା ମହାନ କର୍ତ୍ତବ୍ୟ ବୋଲି ସେ କହିଛନ୍ତି। ଟିକା ଯୋଗାଣକୁ କୂଟନୈତିକ ଅସ୍ତ୍ରଭାବେ ବ୍ୟବହାର ନକରିବାକୁ ଗୁତିରେଜ୍ ଜାତିସଂଘର ସବୁ ସଦସ୍ୟ ରାଷ୍ଟ୍ରଙ୍କୁ ଅନୁରୋଧ କରିଛନ୍ତି। ଏଥିରେ ସ୍ୱଚ୍ଛତା ଅବଲମ୍ବନ କରାଗଲେ, ମାନବ ସମାଜର କଲ୍ୟାଣ ଘଟିବ ଏବଂ ବିଶ୍ୱ ଏହି ମହାମାରୀରୁ ଶୀଘ୍ର ମୁକ୍ତି ପାଇବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ୧୦ ସହରରେ ଆରମ୍ଭ ହେବ ପେୟ ଜଳ ସର୍ବେକ୍ଷଣ ପାଇଲଟ୍ ପ୍ରକଳ୍ପ

**ନୂଆଦିଲ୍ଲୀ :** ଭାରତ ସରକାରଙ୍କ ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱର ସମେତ ଦେଶର ୧୦ଟି ସହରରେ ପେୟ (ପାନୀୟ) ଜଳ ସର୍ବେକ୍ଷଣ ପାଇଲଟ୍ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ମନ୍ତ୍ରଣାଳୟର ସଚିବ ଦୁର୍ଗା ଶଙ୍କର ମିଶ୍ରା ଏହି ମିଶନର ଶୁଭାରମ୍ଭ କରିଛନ୍ତି। ଶ୍ରୀ ମିଶ୍ରୀ ଏହି ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ସହରାଞ୍ଚଳରେ ପାନୀୟ ଜଳର ଉପଯୁକ୍ତ ବିତରଣ ଓ ବର୍ଜ୍ୟଜଳର ପୁନଃଉପଯୋଗ ସମ୍ପର୍କରେ ସୂଚନା ସଂଗ୍ରହ କରିବା ତଥା ପ୍ରତିଯୋଗିତାମୂଳକ ପ୍ରକ୍ରିୟାରେ ଜଳର ପରିମାଣ ଓ ଗୁଣବତ୍ତା ସମ୍ପର୍କରେ ଜାଣିବା ଲାଗି ଜଳ ଉତ୍ସଗୁଡିକର ମ୍ୟାପିଂ କରିବା ଉଦ୍ଦେଶ୍ୟରେ ଏହି ସର୍ବେକ୍ଷଣ କରାଯିବ। ମନ୍ତ୍ରଣାଳୟ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଦଶଟି ସହର ଯଥା ଭୁବନେଶ୍ୱର, ଆଗ୍ରା, ବଦଲାପୁର, ଭୁବନେଶ୍ୱର, ଚୁରୁ, କୋଚ୍ଚି, ମଦୁରାଇ, ପଟିଆଲା, ରୋହତକ, ସୁରତ ଏବଂ ତୁମକୁରରେ ପାଇଲଟ୍ ପ୍ରକଳ୍ପ ସ୍ୱରୂପ ଏହି ସର୍ବେକ୍ଷଣ ଆୟୋଜନ କରାଯିବ। ଏଥିରୁ ମିଳିବାକୁ ଥିବା ଅଭିଜ୍ଞତା ଆଧାରରେ ସମସ୍ତ ଅମୃତ ସହରରେ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ କାର୍ଯ୍ୟକାରୀ କରାଯିବ। ନାଗରିକ ଏବଂ ପୌରପାଳିକା ଅଧିକାରୀଙ୍କ ସହିତ ସାମ୍ନାସାମ୍ନି ସାକ୍ଷାତକାର ମାଧ୍ୟମରେ ପାନୀୟ ଜଳ, ବର୍ଜ୍ୟ ଜଳ ପରିଚାଳନା, ଅଣ ରାଜସ୍ୱ ଜଳ ଏବଂ ସହରର



ତିନୋଟି ଜଳାଶୟର ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ। ଏହି ସର୍ବେକ୍ଷଣ ମଞ୍ଜୁରିପ୍ରାପ୍ତ ପ୍ରଶ୍ନାବଳୀ ଏବଂ ଅନକଲ ସାକ୍ଷାତକାର, ଜଳନମୁନା ସଂଗ୍ରହ ଏବଂ ପରୀକ୍ଷାଗାର ପରୀକ୍ଷଣ ଆଧାର ଏବଂ ଅଣରାଜସ୍ୱ ଜଳ ପାଇଁ କ୍ଷେତ୍ର ସର୍ବେକ୍ଷଣ ଆଧାରରେ କରାଯିବ। ପ୍ରଯୁକ୍ତି ଆଧାରିତ ପ୍ଲାଟଫର୍ମ ଜରିଆରେ ମିଶନକୁ ଅନୁଧ୍ୟାନ କରାଯିବ। ଏହି ପ୍ଲାଟଫର୍ମର ଅଗ୍ରଗତି ଏବଂ ଫଳାଫଳ ଆଧାରରେ ହିତାଧିକାରୀଙ୍କ ନିରୀକ୍ଷଣ କରାଯିବ। ଏହି ପ୍ରକଳ୍ପ ଲାଗି ସରକାରଙ୍କ ପକ୍ଷରୁ ତିନୋଟି ପର୍ଯ୍ୟାୟରେ ଅର୍ଥ ୨୦:୪୦:୪୦ ଯୋଗାଇ ଦିଆଯିବ। ତୃତୀୟ କିସ୍ତି କାର୍ଯ୍ୟକାରିତା ଫଳାଫଳ ଆଧାରରେ ଜାରି କରାଯିବ ଏବଂ ପାଣି ଯୋଗାଣ ବିଶ୍ୱସନୀୟ କାର୍ଯ୍ୟକାରିତା ଆଧାରରେ କରାଯିବ। ଜଳ ଜୀବନ ମିଶନ (ସହରାଞ୍ଚଳ) (ଜେଜେଏମ୍ (ୟୁ) ସମସ୍ତ ୪୩୭୮ ବୈଧାନିକ ସହରରେ ଟ୍ୟାପ ଯୋଗେ ସାର୍ବଜନୀନ ଜଳଯୋଗାଣ ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି। ଏହା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଅନୁକୂଳ। ଏହାର ଉଦ୍ଦେଶ୍ୟ ୫୦୦ ଅମୃତ ସହରରେ ସ୍ୱେରେଜ ପରିଚାଳନା କରିବା ଯାହାଫଳରେ ଏସବୁ ସହରରେ ଜଳଯୋଗାଣକୁ ସୁରକ୍ଷିତ କରାଯାଇପାରିବ। ୫୦୦ ଅମୃତ ସହରରେ ସହରୀ ପରିବାରକୁ ନଳଯୋଗେ ପାନୀୟ ଜଳ ଉପଲବ୍ଧ କରାଇବାର ବ୍ୟବଧାନ ୨.୬୮ କୋଟି ରହିଛି ଏବଂ ସ୍ୱେରେଜ ସଂଯୋଗ ଦେବାର ବ୍ୟବଧାନ ୨.୬ କୋଟି ରହିଛି। ଜଳ ଜୀବନ ମିଶନ (ସହରାଞ୍ଚଳ)ରେ ଏହି ବ୍ୟବଧାନକୁ ହ୍ରାସ କରିବା ଲାଗି ଲକ୍ଷ୍ୟ ରଖାଯାଇଛି।



# ‘ଧାତବ ଶିଳ୍ପ କ୍ଷେତ୍ରରେ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହେବ ଓଡ଼ିଶା’

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଓ ଖଣି ବିଭାଗ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ମିଳିତ ଭାବରେ ଓଡିଶା ଖଣି ନିଗମକୁ ଆବଣ୍ଟିତ ଦୁଇଟି ଖଣି ଗୁଆଳି ଓ ଜିଲିଙ୍ଗ ଲାଙ୍ଗଲୋଟା ଲୁହାପଥର ଖଣିର ଉତ୍ପାଦନ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଦୁଇଟି ଖଣିରୁ ଉତ୍ପାଦନ ଦ୍ୱାରା ଲୁହାପଥର ବଜାରରେ ସ୍ଥିରତା ଆସିବା ସହ ଶିଳ୍ପର ଯୋଗାଣ ଚାହିଦା ମେଣ୍ଟାଇବାରେ ସହାୟକ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶା ସବୁବେଳେ ଖଣି ସଂପର୍କିତ କ୍ଷେତ୍ରରେ ଅନେକ ଆଗୁଆ ପଦକ୍ଷେପ ନେଇଛି। ଏହି କ୍ଷେତ୍ରରେ ସ୍ୱଚ୍ଛତା ପାଇଁ ଲୁହାପଥର ପରିବହନର ତଦାରଖ ନିମନ୍ତେ ୧ ୩ ଏମ୍‌ଏସ୍ ସିଷ୍ଟମ ଆରମ୍ଭ କରାଯାଇଛି ଏବଂ ଗତ କିଛି ବର୍ଷ ମଧ୍ୟରେ ଅନେକ ବଡ ବଡ ଖଣିର ନିଲାମ ପ୍ରକ୍ରିୟା ସଫଳତାର ସହ କରାଯାଇଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡିଶାରେ ଖଣି ଓ ଧାତବ ଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଇସ୍ପାତ, ଆଲୁମିନିୟମ ଓ ଅନ୍ୟ ଧାତବ ଶିଳ୍ପ କ୍ଷେତ୍ରରେ ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହେବାର ଦକ୍ଷତା ଓଡିଶାର ରହିଛି। ରାଜ୍ୟର ଶିଳ୍ପ ଅନୁକୂଳ ପଦକ୍ଷେପ ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରିଛି। ଖଣି ଓ ଧାତବ ଶିଳ୍ପ କ୍ଷେତ୍ରରେ ରାଜ୍ୟର ବିପୁଳ ସମ୍ଭାବନାକୁ ବାସ୍ତବ ରୂପ ଦେବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ମିଳିତ ଭାବେ କାର୍ଯ୍ୟ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ଖଣି କ୍ଷେତ୍ରରେ ସଂସ୍କାରକୁ ରାଜ୍ୟ ସରକାର ସବୁବେଳେ ସମର୍ଥନ ଦେଇଆସିଛନ୍ତି ଏବଂ ଏହାଦ୍ୱାରା ଉଭୟ କେନ୍ଦ୍ର ଓ ରାଜ୍ୟ ଲାଭବାନ ହେବେ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଏହି ଦୁଇଟି ଖଣିକୁ ଓଏମ୍‌ସିକୁ ଆବଣ୍ଟନ କରିବା ଏବଂ ଅଳ୍ପ ସମୟ ମଧ୍ୟରେ ବିଭିନ୍ନ ମଞ୍ଜୁରୀ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି ଓଏମ୍‌ସି ମଧ୍ୟ ଏହି ଖଣି ଦୁଇଟିକୁ କାର୍ଯ୍ୟକ୍ଷମ କରିବା ପାଇଁ ତ୍ୱରିତ ପଦକ୍ଷେପ ନେଇଥିବାରୁ ମୁଖ୍ୟମନ୍ତ୍ରୀ ଓଏମ୍‌ସିକୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଥିଲେ ଯେ ଓଡିଶା ଖଣିଜ ସଂପଦରେ ସମୃଦ୍ଧ। ତେଣୁ କେନ୍ଦ୍ର ଓ ରାଜ୍ୟ ପରସ୍ପର ମଧ୍ୟରେ ସହଯୋଗ ରଖି କାମ କଲେ ଉଭୟ ରାଜ୍ୟ ଓ ଦେଶର ଅର୍ଥନୀତି ସମୃଦ୍ଧ ହେବ। ଏହି ଦୁଇଟି ନୂଆ ଖଣିରୁ ରାଜ୍ୟ ସରକାର ବାର୍ଷିକ ୪ ରୁ ୫ ହଜାର କୋଟି ଟଙ୍କା ରାଜସ୍ୱ ଭାବରେ ପାଇବେ ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀ ଯୋଶୀ କରିଥିଲେ। ଏହାସହିତ ଲୁହାପଥର ବଜାରରେ ଦେଖାଦେଇଥିବା ଅଭାବ ଦୂର କରିବାରେ ମଧ୍ୟ ସହାୟକ ହେବ ବୋଲି କହିଥିଲେ। ଭିତ୍ତିଭୂମି ବିକାଶ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟର ସହଯୋଗ ଦେଶର ଅର୍ଥନୀତିରେ ସମୃଦ୍ଧିର ଏକ ନୂଆ ଯୁଗ ଆରମ୍ଭ ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଥିଲେ। ଉଦ୍ଘାଟନ ଉତ୍ସବରେ ଉପସ୍ଥିତ ରାଜ୍ୟ ଖଣି, ଇସ୍ପାତ ଓ ପୂ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଗୁଆଳି ଓ ଜିଲିଙ୍ଗ ଲାଙ୍ଗଲୋଟା ଖଣି ଦୁଇଟିରୁ ଉତ୍ପାଦନ ପାଇଁ କେନ୍ଦ୍ର ଓ ରାଜ୍ୟ ସମନ୍ୱୟ ରଖି କାର୍ଯ୍ୟ କରିଥିବାରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନା ପ୍ରମୁଖ ଉପସ୍ଥିତ ଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଖଣି ନିଗମର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ବଳବନ୍ତ ସିଂ ଧନ୍ୟବାଦ ଜଣାଇଥିଲେ। ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲାର ଏହି ଖଣି ଦୁଇଟିରୁ ବାର୍ଷିକ ୧୨ ବିଲିଅନ ଟନ୍ ଲୁହାପଥର ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଜିଲିଙ୍ଗ ଲାଙ୍ଗଲୋଟା ୭୯.୧୨ ମିଲିଅନ ଟନ୍ ଲୁହାପଥର ଥିବାବେଳେ ଏଥିରୁ ବାର୍ଷିକ ୬.୨୮ ମିଲିଅନ ଟନ୍ ଉତ୍ପାଦନ ପାଇଁ ପରିବେଶ ମଞ୍ଜୁରୀ ମିଳିଛି। ସେହିପରି ୧୯୪.୯୪ ମିଲିଅନ ଟନ୍ ଲୁହାପଥର ଥିବା ଗୁଆଳି ଖଣିରୁ ବାର୍ଷିକ ୫.୭ ମିଲିଅନ ଟନ୍ ଲୁହାପଥର ଉତ୍ତୋଳନ ପାଇଁ ପରିବେଶ ମଞ୍ଜୁରୀ ମିଳିଛି। ଓଡିଶା ଖଣି ନିଗମ ଦ୍ରୁତ ଅଭିବୃଦ୍ଧି କରୁଥିବା ଦେଶର ଏକ ଖଣି କମ୍ପାନୀ। ଏହି ଦୁଇଟି ନୂଆ ଖଣି ପାଇବା ପରେ ଓଏମ୍‌ସିର ବାର୍ଷିକ ଉତ୍ପାଦନ ୨୦ ବିଲିଅନ ଟନ୍‌ରେ ପହଞ୍ଚିବ ବୋଲି ଆଶା କରାଯାଉଛି।




# ଶ୍ରେଷ୍ଠ ୨୫ ସହର ମଧ୍ୟରେ ରାଉରକେଲା



**ରାଉରକେଲା :** ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା ନର୍ଚରିଂ ନେଇବରହୁଡ ଚ୍ୟାଲେଞ୍ଜରେ ବାଜିମାତ କରିଛି ରାଉରକେଲା ସ୍ମାର୍ଟ ସିଟି। ସାରା ଦେଶରେ ଶ୍ରେଷ୍ଠ ୨୫ଟି ସହର ମଧ୍ୟରେ ରାଉରକେଲା ସ୍ଥାନ ପାଇଛି। ପ୍ରାକ୍ ଶୈଶବ କାଳ ଅର୍ଥାତ୍ ୫ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁଙ୍କ ସୁବିଧାକୁ ନଜରରେ ରଖି ସହରରେ କିଭଳି ବ୍ୟବସ୍ଥା କରାଯାଇପାରିବ ସେହି ଆଧାରରେ ଏହି ପ୍ରତିଯୋଗିତା ବା ଚ୍ୟାଲେଞ୍ଜ ଆରମ୍ଭ କରାଯାଇଥିଲା। ଏହି ଚ୍ୟାଲେଞ୍ଜରେ ଶ୍ରେଷ୍ଠ ଚୟନ ହୋଇଥିବା ସହର ଗୁଡିକୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁ ବିକାଶ ଲାଗି ଆବଶ୍ୟକ ବୈଷୟିକ ସହାୟତା ଓ ସହଯୋଗ ଯୋଗାଇ ଦିଆଯିବ। ସର୍ବସାଧାରଣ ଖୋଲା ସ୍ଥାନ ଯେପରିକି ପାର୍କ ଏବଂ ଅନ୍ୟ ସ୍ଥାନ ମାନଙ୍କରେ ଶିଶୁ ମାନଙ୍କ ଚଳପ୍ରଚଳ ଲାଗି ଉତ୍ତମ ବ୍ୟବସ୍ଥା କରିବା। ସେମାନଙ୍କ ଅଭିଭାବକ ମାନଙ୍କ ଲାଗି ସୁବିଧା ଯୋଗାଇଦେବା ଏବଂ ଉନ୍ନତ ସେବା ପ୍ରଦାନ ଦିଗରେ ଚେଷ୍ଟିତ ହେବା ଏହି ଚ୍ୟାଲେଞ୍ଜର ମୂଳ ଲକ୍ଷ୍ୟ। ବର୍ଣ୍ଣାର୍ଡ୍ୟ ଭେନ୍ ଲିର ଫାଉଣ୍ଡେସନ ଏବଂ ଡବ୍ଲୁଆରଇ ଇଣ୍ଡିଆ ସହାୟତାରେ ମନ୍ତ୍ରଣାଳୟ ପକ୍ଷରୁ ଏହି ଚ୍ୟାଲେଞ୍ଜ ଆରମ୍ଭ କରାଯାଇଥିଲା। ଏହି ଚ୍ୟାଲେଞ୍ଜ ମାଧ୍ୟମରେ ଯୋଗ୍ୟ ବିବେଚିତ ହୋଇଥିବା ସହରମାନଙ୍କୁ ଶୈଶବ ବିକାଶ ସମ୍ପର୍କିତ ବୈଷୟିକ ଏବଂ ତାଲିମ ଆଦି ସହଯୋଗ ଯୋଗାଇ ଦିଆଯିବ। ସହର ଗୁଡିକ ମଧ୍ୟରେ ବାଲ୍ୟକୈନ୍ଦ୍ରିକ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିବା ଏବଂ ସହର କର୍ତ୍ତୃପକ୍ଷଙ୍କୁ ସେମାନଙ୍କର ନିଷ୍ପତ୍ତି ନେବାରେ ସହଯୋଗ କରିବା, ଶିଶୁଙ୍କ ଭାଷା ଏବଂ ତଦ୍ ସମ୍ବନ୍ଧୀୟ ଯୁକ୍ତିଯୁକ୍ତତା ପ୍ରତିପାଦନ କରାଇବା, ନୀତି ନିର୍ଦ୍ଧାରଣ କରିବା, ଏହି କାର୍ଯ୍ୟ ସହ ଜଡିତ ଅଧିକାରୀମାନଙ୍କ ଦକ୍ଷତା ବିକାଶକୁ ସୁଗମ କରିବା ଏବଂ ଶିଶୁମାନଙ୍କ ବିକାଶ ଲାଗି ପରସ୍ପର ସହିତ ଜଡିତ ହେବା ଏବଂ ସର୍ବୋତ୍ତମ ଅଭ୍ୟାସ ଉପରେ ଜୋର ଦେବା ପାଇଁ ଏକ ଭିତ୍ତିଭୂମିର ବିକାଶ କରିବା ଇତ୍ୟାଦି ଲକ୍ଷ୍ୟ ନେଇ ଏହି ଚ୍ୟାଲେଞ୍ଜ ବା ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା।

# ୨୦୨୨ ଡିସେମ୍ବର ସୁଦ୍ଧା କଳିଙ୍ଗ ଷ୍ଟୁଡିଓର ନବକଳେବର




**ଭୁବନେଶ୍ୱର :** ରାଜ୍ୟ ସରକାର କଳିଙ୍ଗ ଷ୍ଟୁଡିଓକୁ ନୂଆ ରୂପ ଦେବା ପାଇଁ ପଦକ୍ଷେପ ନେଇଛନ୍ତି। କଳିଙ୍ଗ ଷ୍ଟୁଡିଓର ବିକାଶ ପାଇଁ ରାଜ୍ୟ ସରକାର ୨୦୦ କୋଟି ଟଙ୍କା ବିନିଯୋଗ କରିବେ। ଏହି ଷ୍ଟୁଡିଓର ନବକଳେବର କରାଯାଇ ଏହାକୁ ‘ଷ୍ଟେଟ୍ ଅଫ୍ ଦି ଆର୍ଟ’ ଫିଲ୍ମ ହବ୍ ଭାବେ ବିକଶିତ କରିବାକୁ ନିଷ୍ପତ୍ତି ହୋଇଛି। ୨୦୨୨ ଡିସେମ୍ବର ସୁଦ୍ଧା ଏହି ନବକଳେବର କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ପୁନର୍ବିନ୍ୟାସ ଯୋଜନାକୁ ଅନୁମୋଦନ ମିଳିଛି। ଏହି ଷ୍ଟୁଡିଓକୁ ମଧ୍ୟ ରାଜ୍ୟର ଏକ ପର୍ଯ୍ୟଟନ ଓ ସାମାଜିକ କେନ୍ଦ୍ର ଭାବେ ବିକଶିତ କରିବା ସହ ଏକ ନିଯୁକ୍ତି ସୃଷ୍ଟିକାରୀ ୟୁନିଟ୍ ଓ ପ୍ରତିଯୋଗିତାମୂଳକ ବ୍ୟବସାୟିକ ଢଙ୍ଗରେ ବିକଶିତ କରିବାକୁ ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ରବିବାର ମୁଖ୍ୟ ସଚିବ ଶ୍ରୀ ମହାପାତ୍ର କଳିଙ୍ଗ ଷ୍ଟୁଡିଓ ଯାଇ କ୍ଷେତ୍ରସ୍ତରୀୟ ସ୍ଥିତି ଅନୁଧ୍ୟାନ କରିବା ପରେ ଯୋଜନା ପ୍ରସ୍ତୁତ ନିମନ୍ତେ ଶିଳ୍ପ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଷ୍ଟୁଡିଓକୁ ଆଉଟସୋର୍ସିଂ ମଡେଲ ଦ୍ୱାରା ପରିଚାଳନା କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଏହି ଷ୍ଟୁଡିଓରେ ନିବେଶକର ବିସ୍ତୃତ ଯୋଜନାର କାର୍ଯ୍ୟାନ୍ୱୟନ, ନିଯୁକ୍ତି ସୁଯୋଗ ସୃଷ୍ଟି, ନିର୍ଦ୍ଧାରିତ ଅବଧି ମଧ୍ୟରେ ରାଜସ୍ୱ ସଂଗ୍ରହ ସହ ଟେକ୍ନୋଲୋଜି ଯୁଗରେ ଏହାକୁ ପ୍ରତିଯୋଗିତାମୂଳକ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଶିଳ୍ପ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ, ଏବେ କଳିଙ୍ଗ ଷ୍ଟୁଡିଓଟି ସହରର ମଧ୍ୟଭାଗରେ ୨୬ ଏକର ଜମିରେ ଅବସ୍ଥିତ। ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହାକୁ ଆଧୁନିକ ଫିଲ୍ମ ସେଣ୍ଟର ଭାବେ ବିକଶିତ କରାଯାଇପାରିବ। ୨୦୧୪-୧୮ରେ ଏହି ଷ୍ଟୁଡିଓର ସାମାନ୍ୟ ମରାମତି କାର୍ଯ୍ୟ ହୋଇଥିଲା। ୨୦୨୦ ସେପ୍ଟେମ୍ବର ମାସ ପରଠୁ ଏହି ଷ୍ଟୁଡିଓ ମାସକୁ ୪ଲକ୍ଷ ଟଙ୍କା ରାଜସ୍ୱ ସଂଗ୍ରହ କରୁଛି। ଏହି ଷ୍ଟୁଡିଓକୁ ଇଡକୋ ଦ୍ୱାରା ୩ଟି ଜୋନରେ ପୁନର୍ବିନ୍ୟାସ କରାଯିବ। ପ୍ରଥମ ଜୋନରେ ଇନଡୋର ସୁଟିଂ ଫ୍ଲୋର, ସେଣ୍ଟ୍ରାଲ କଣ୍ଟ୍ରିୟାର୍ଡ, ଫିଲ୍ମ ଟେକ୍ ଜୋନ, କମର୍ସିଆଲ ସ୍ଥାନ ଓ କାଫେଟେରିଆ ଆଦି ରହିବ। ଦ୍ୱିତୀୟ ଜୋନରେ ଆଉଟଡୋର ସୁଟିଂ ସୁବିଧା, ଥିମ୍ ଆଧାରିତ ସୁଟିଂ, ଗାର୍ଡେନ୍, କିଡସ ଜୋନ୍, କାଷ୍ଟେଲ ଭ୍ୟୁ, ସ୍ନୋ ୱାର୍ଲ୍ଡ ଓ ଆଡଭେଞ୍ଚର ଲ୍ୟାଣ୍ଡ ଆଦି ବିକଶିତ କରାଯିବ। ସେହିପରି ତୃତୀୟ ଜୋନରେ ଫୁଡ୍ କୋର୍ଟ, ଫିଲ୍ମ ନିର୍ମାଣ ସଦସ୍ୟଙ୍କ ରହିବା ଓ ଖାଇବା ପାଇଁ ଲଜିଂ ସୁବିଧା, ବିବାହ ଓ ସାମାଜିକ ଉତ୍ସବ ନିମନ୍ତେ ସ୍ଥାନ ଆଦି ବିକଶିତ କରାଯିବ। ଏହି ଉଚ୍ଚସ୍ତରୀୟ ବୈଠକରେ କଳିଙ୍ଗ ଷ୍ଟୁଡିଓକୁ ନବକଳେବର କରିବା ନିମନ୍ତେ ଶିଳ୍ପ ବିଭାଗର ୨୦୦ କୋଟି ଟଙ୍କାର ପ୍ୟାକେଜକୁ ଅନୁମୋଦନ ମିଳିଥିଲା।

**ସ୍କୁଲସ୍ତରରେ ଶିକ୍ଷକଙ୍କ ବଦଳିରେ ସ୍ୱଚ୍ଛତାକୁ ଗୁରୁତ୍ୱ**

# ଆବେଦନ ପୂର୍ବରୁ ଡିଇଓଙ୍କଠାରୁ କ୍ଲିନ୍‌ଚିଟ୍ ବାଧ୍ୟତାମୂଳକ

**ଭୁବନେଶ୍ୱର :** ସ୍କୁଲସ୍ତରରେ ଶିକ୍ଷକଙ୍କ ବଦଳିରେ ସ୍ୱଚ୍ଛତା ଆଣିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ସଂସ୍କାର ଆଣିବାକୁ ନିଷ୍ପତ୍ତି ହୋଇଛି। ଏଣିକି ନିଜ ଇଚ୍ଛାରେ କୌଣସି ଶିକ୍ଷକ, ଶିକ୍ଷୟିତ୍ରୀ ଆବେଦନ କରିପାରିବେ ନାହିଁ। ବଦଳି ଲାଗି ଆବେଦନ ପୂର୍ବରୁ ଜିଲ୍ଲାୱାରୀ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଜିଲ୍ଲାଶିକ୍ଷା ଅଧିକାରୀ(ଡିଇଓ)ଙ୍କଠାରୁ କ୍ଲିନ୍‌ଚିଟ୍ ଆଣିବା ବାଧ୍ୟତାମୂଳକ କରାଯିବ। କେଉଁ କାରଣରୁ ବଦଳିର ଆବଶ୍ୟକତା ରହିଛି ଏବଂ ସମ୍ପୃକ୍ତ ବ୍ୟକ୍ତିର ସମସ୍ୟା ଏବଂ ଆବଶ୍ୟକତାକୁ ଯାଞ୍ଚ କରି ଡିଇଓ ରିପୋର୍ଟ ଦେବା ପରେ ଅନ୍‌ଲାଇନ୍‌ରେ ଆବେଦନ କରାଯିବ। ଯଦି କୌଣସି ଶିକ୍ଷକଙ୍କର ପରିବାର ସମସ୍ୟା, କୌଣସି ରୋଗ କିମ୍ବା ବୃଦ୍ଧ ପିତାମାତା ନିର୍ଭରଶୀଳ ହୋଇଥିବେ ସେହି ବ୍ୟକ୍ତିଙ୍କ ତାଲିକା ପ୍ରସ୍ତୁତ କରାଯିବ। ସେହିପରି ଅନାନ୍ୟ କାରଣ ଦର୍ଶାଇଥିବା ଶିକ୍ଷକଙ୍କ ଲାଗି ମଧ୍ୟ ତାଲିକା ପ୍ରସ୍ତୁତ କରାଯିବ। ଯେଉଁ କାରଣ ଦର୍ଶାଯାଇଥିବ ତାହା ଯାଞ୍ଚ ହେବା ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ଏକ ସିରିଏଲ୍ ନମ୍ବର ପ୍ରଦାନ କରାଯିବ। ଆବେଦନ ସମୟରେ ଶିକ୍ଷକ, ଶିକ୍ଷୟିତ୍ରୀମାନେ ସେହି ସିରିଏଲ ନମ୍ବର ବା ରେଫରେନ୍ସ ନମ୍ବର ମାଧ୍ୟମରେ ଆବେଦନ କରିବେ। ଫଳରେ ପୂର୍ବରୁ ଆବେଦନ ସମୟରେ ଯେଉଁ ମିଥ୍ୟା କାରଣ ଦର୍ଶାଯାଉଥିଲା ତାହା ଧରାପଡ଼ିବ। ଫଳରେ ବଦଳି ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରହିବ ବୋଲି ଆଶା କରାଯାଉଥିବାବେଳେ ଏହାକୁ ମଧ୍ୟ ସବୁସ୍ତରରେ ସ୍ୱାଗତ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାୱାରୀ ଶିକ୍ଷକ ବଦଳିରେ ସ୍ୱଚ୍ଛତା ଆଣିବା ଲାଗି ସରକାର ଅନ୍‌ଲାଇନ୍ ବ୍ୟବସ୍ଥା ଆରମ୍ଭ କରିଥିଲେ। ଫଳରେ ଏନେଇ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ଆବେଦନ ଏବଂ ଯାଞ୍ଚ ପ୍ରକ୍ରିୟା ଶେଷକରି ଗୋଟିଏ ସମୟ ମଧ୍ୟରେ ବଦଳି ତାଲିକା ପ୍ରସ୍ତୁତ କରାଯାଇଥାଏ। ମାତ୍ର ଅନ୍‌ଲାଇନ୍ ବ୍ୟବସ୍ଥାରେ ଯେଉଁମାନେ ଆବେଦନ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅନେକ ମିଥ୍ୟା କାରଣ ଦର୍ଶାଉଛନ୍ତି। ଫଳରେ ଯାଞ୍ଚ ସମୟରେ ସେହି ସବୁ ଧରାପଡ଼ିବା ସହ ବଦଳି ପ୍ରକ୍ରିୟାରେ ବିଳମ୍ବ ହେଉଛି। ଯାହାଫଳରେ ପ୍ରକୃତରେ ଯେଉଁମାନଙ୍କର ବଦଳିର ଆବଶ୍ୟକତା ରହିଥାଏ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏପରି ସମସ୍ୟାର ସମାଧାନ ଲାଗି ବିଭାଗ ପକ୍ଷରୁ ଅଭିନବ ପ୍ରକ୍ରିୟା ଆରମ୍ଭ କରିବାକୁ ଯୋଜନା ହୋଇଛି। ବଦଳି ପାଇଁ କେଉଁ କାରଣ ଦର୍ଶାଉଛନ୍ତି ତାହା ଠିକ୍ କି ଭୁଲ୍ ତାକୁ ଯାଞ୍ଚ କରାଯିବ। ଜିଲ୍ଲାସ୍ତରରେ ଏହି ଯାଞ୍ଚ ପ୍ରକ୍ରିୟା ଲାଗି ଏକ କମିଟି ଗଠନ କରାଯିବ। ଏ ସମ୍ପର୍କରେ ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଏହି ପ୍ରକ୍ରିୟାରେ ସର୍ବାଧିକ ସ୍ୱଚ୍ଛତା ରହିବା ସହ ପୂର୍ବରୁ ବଦଳି ପ୍ରକ୍ରିୟାରେ ଯେଉଁ ସାମାନ୍ୟ ବିଳମ୍ବ ହେଉଥିଲା ତାହା ହେବନି। ଯେହେତୁ ପୂର୍ବରୁ ଶିକ୍ଷକଙ୍କର ସମସ୍ୟାର ଯାଞ୍ଚ କରାଯାଇ ରିପୋର୍ଟ ଦାଖଲ କରାଯିବ ତାହାକୁ ଗୁରୁତ୍ୱ ଦେଇ ଶିକ୍ଷକଙ୍କ ଆବେଦନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେଥିପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ତେବେ ବିଭାଗୀୟ ମନ୍ତ୍ରୀଙ୍କର ଏପରି ନିଷ୍ପତ୍ତିକୁ ଶିକ୍ଷାବିତ୍‌ମାନେ ମଧ୍ୟ ସ୍ୱାଗତ କରିଛନ୍ତି।

## ଓଡ଼ିଶାର ସୀମା ସୁରକ୍ଷାରେ ସରକାର ବିଫଳ : ନିରଞ୍ଜନ

**ଭୁବନେଶ୍ୱର:** ରାଜ୍ୟ ସରକାରଙ୍କର ଅପାରଗତା ଓ ଦୂର ଦୃଷ୍ଟି ହୀନତା ପାଇଁ ଆମ ମାତୃଭୂମିର ମାଟିକୁ ଆମେ ହରାଇବାକୁ ଯାଉଛୁ। ଆଗରୁ ମହାନଦୀର ପାଣିକୁ ଆମେ ହରାଇଥିଲୁ ଆଉ ଏବେ କୋଟିଆ ପରି ଅଂଚଳ ଗୁଡ଼ିକ ପାଇଁ ପ୍ରଶ୍ନବାଚୀ ହୋଇଛି। ଏହା ଦୁର୍ଭାଗ୍ୟଜନକ ଓ ଅକ୍ଷମଣୀୟ ବୋଲି କୋଟିଆ ବିବାଦ ସଂକ୍ରାନ୍ତରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଓଡ଼ିଶାର ସୀମାନ୍ତରେ ୭୬ଟି ଗାଁ ବିବାଦୀୟ ବୋଲି ଚିହ୍ନଟ ହୋଇଛି। କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ମୟୁରଭଞ୍ଜ, କେଉଁଝର ଓ ବାଲେଶ୍ୱର ଜିଲ୍ଲା ମାନଙ୍କରେ ଥିବା ଏହି ୭୬ଟି ଗାଁ ଗୁଡ଼ିକ ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସହିତ ବିବାଦୀୟ ହୋଇ ରହିଛି। ଏହି ବିବାଦର ବର୍ତ୍ତମାନ ସ୍ଥିତି କ’ଣ ଓ ରାଜ୍ୟ ସରକାର ଏହି ବିବାଦର ସମାଧାନ ଦିଗରେ କ’ଣ କରିଛନ୍ତି ଓ କରିବାକୁ ଯାଉଛନ୍ତି, ସେ ବିଷୟରେ ରାଜ୍ୟବାସୀଙ୍କୁ ଅବଗତ କରାନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଏ ସଂକ୍ରାନ୍ତରେ ଏକ ଚିଠି ମୁଖ୍ୟମନ୍ତ୍ରୀଙ୍କୁ ଲେଖିଛନ୍ତି ଶ୍ରୀ ପଟ୍ଟନାୟକ।

# ମାର୍ଚ୍ଚ ୧୫ରୁ କୃଷି ଓଡ଼ିଶା

**ଭୁବନେଶ୍ୱର :** ଚଳିତ ବର୍ଷ କୃଷି ଓଡ଼ିଶା-୨୦୨୧ ମାର୍ଚ୍ଚ ୧୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚେମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ସହଯୋଗରେ ୫ ଦିନିଆ କୃଷି ଓଡ଼ିଶା ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡ଼ିଆଠାରେ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ କୃଷି ଭବନଠାରେ ଏକ ପ୍ରସ୍ତୁତି ବୈଠକ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ କୃଷି ଓଡ଼ିଶାର ବିଷୟବସ୍ତୁ ‘ସମନ୍ୱିତ ଚାଷ: ଚାଷୀଙ୍କ ବିକାଶ’ ରଖାଯାଇଥିବାବେଳେ କୃଷି ଓଡ଼ିଶାର ଆୟୋଜନ ଯେପରି ରାଜ୍ୟର କୃଷି ଓ କୃଷକମାନଙ୍କ ଉନ୍ନତି ଦିଗରେ ସହାୟକ ହୋଇପାରିବ ସେଥି ନିମନ୍ତେ ପ୍ରତ୍ୟେକ ସ୍ତରରେ ନିଷ୍ଠାପର ଉଦ୍ୟମ ହେବା ଆବଶ୍ୟକ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ବିଭିନ୍ନ ବିଭାଗ ସହିତ ଉପଯୁକ୍ତ ସମନ୍ୱୟ ରଖି କୃଷି ଓଡ଼ିଶା ଆୟୋଜନକୁ ସଫଳ କରିବା ପାଇଁ ମନ୍ତ୍ରୀ କହିଥିଲେ। ଚଳିତ ବର୍ଷ କୃଷି ଓଡ଼ିଶା ୨୦୨୧ରେ କୃଷକ ଉତ୍ପାଦକ ସଂଗଠନ, ମିଲେଟ୍ ମିଶନ ଓ ମିଶନ ଶକ୍ତି, ଅମଳ ପରବର୍ତ୍ତୀ ଫସଲ ପରିଚାଳନା ନିମନ୍ତେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଆଦି ବିଷୟ ଉପରେ କେନ୍ଦ୍ରିତ ହେବ। କୋଭିଡ୍ ?-୧୯ ମାର୍ଗଦର୍ଶିକାକୁ ପାଳନ କରି କୃଷି ଓଡ଼ିଶାର ଆୟୋଜନ କରାଯିବାବେଳେ ଏହାକୁ ଯେପରି ଅଧିକରୁ ଅଧିକ ଲୋକ ଦେଖିପାରିବେ ସେଥି ନିମନ୍ତେ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଂ କରାଯିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବଆର ରଘୁପ୍ରସାଦ, ସ୍ୱତନ୍ତ୍ର ଶାସନ ସଚିବସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଫିକିର କର୍ମକର୍ତାମାନେ ଯୋଗଦେଇଥିଲେ।

## ସୁନାମୁହିଁ ନଦୀରେ ହେବ କଣ୍ଟ୍ରୋଲ ଷ୍ଟ୍ରକଚର

**ଭୁବନେଶ୍ୱର :** ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ରହ୍ମଗିରି ବ୍ଲକ୍‌ର ନରସିଂହପାଟଣାଠାରେ ସୁନାମୁହିଁ ନଦୀ ଉପରେ ଏକ କଂଟ୍ରୋଲ୍ ଷ୍ଟ୍ରକଚର ନିର୍ମାଣ ହେବ ଏହି କଂଟ୍ରୋଲ୍ ଷ୍ଟ୍ରକଚର ନିର୍ମାଣ ହେଲେ ସମୁଦ୍ରର ଲୁଣାପାଣି ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ନରସିଂହପାଟଣା, ଜଗନ୍ନାଥପାଟଣା, ବଳଭଦ୍ରପାଟଣା ଓ ବରୁଡ଼ି ଭଳି ୬/୭ ଖଣ୍ଡ ମଉଜାର ଦୁଇ ହଜାର ପାଖାପାଖି ଚାଷଜମିର ଚାଷୀମାନେ ଉପକୃତ ହୋଇପାରିବେ । ଶୁକ୍ରବାର ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ କୁମାର ଦାସବର୍ମାଙ୍କ ଅଧ୍ୟକ୍ଷତାରେ ସେଚ ସଦନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତି ହୋଇଛି। ସେହିପରି ଭାର୍ଗବୀ ନଦୀ ଉପରେ ପୁରୀ ସଦର ବ୍ଲକ୍‌ର ପ୍ରତାପ ପୁରୁଷୋତମପୁର ଗ୍ରାମପଂଚାୟତର ମାଳିସାହିଠାରେ ନିର୍ମାଣାଧୀନ ବ୍ରିଜକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ପାଇଁ ରାଜ୍ୟ ଯୋଜନାବୋର୍ଡ ଉପାଧ୍ୟକ୍ଷ ଶ୍ରୀ ଦାସବର୍ମା ଗୁରୁତ୍ୱ ଦେଇଛନ୍ତି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହି ଦୁଇଟି ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ କରିବା ସହିତ ଚଳିତ ବଜେଟ ପରେ ସମସ୍ତ ପ୍ରଶାସନିକ ଓ ବୈଷୟିକ ନିଷ୍ପତିକୁ ଚୂଡ଼ାନ୍ତ କରି ଦୀର୍ଘଦିନ ଧରି ଅବହେଳିତ ପ୍ରକଳ୍ପର କାର୍ଯ୍ୟ ସଂପୂର୍ଣ୍ଣ କରିବା ଉପରେ ଶ୍ରୀ ଦାସବର୍ମା ଗୁରୁତ୍ୱ ଦେଇଛନ୍ତି। ଏହି ବୈଠକରେ ଜଳସଂପଦ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ, ଡ୍ରେନେଜ ବିଭାଗ ମୁଖ୍ୟ ଯନ୍ତ୍ରୀ ବିକ୍ରମ କେଶରୀ ସ୍ୱାଇଁ, ମହାନଦୀ ନିମ୍ନ ଅବବାହିକା ମୁଖ୍ୟଯନ୍ତ୍ରୀ ଭକ୍ତରଞ୍ଜନ ମହାନ୍ତି, କେନ୍ଦ୍ରୀୟ ଜଳସେଚନ ସର୍କଲର ସୁପରିଟେଣ୍ଡେଂଟ ଇଂଜିନିୟର ଚିନ୍ମୟ ରଞ୍ଜନ ରାଉତ, ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଉପଶାସନ ସଚିବ ଅଭୟ କୁମାର ମହାନ୍ତି, ପୁରୀ ଜଳସେଚନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାସ ଏବଂ ଡ୍ରେନେଜ୍ ଡିଭିଜନ୍, ପୁରୀର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭଗବାନ ଚନ୍ଦ୍ର ଦାସଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନରସିଂହପୁରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

**ନରସିଂହପୁର :** ନରସିଂହପୁର ବ୍ଲକ ଅଧିନରେ ଥିବା ନରସିଂହପୁର ଏବଂ କାନପୁର ଥାନା ସମେତ ଯୋଡୁମୁଁ ଫାଣ୍ଡି ରହିଛି। ମାତ୍ର ଦୁଇଟି ଥାନା ଓ ଫାଣ୍ଡିରେ ଆବଶ୍ୟକୀୟ ଅଧିକାରୀ ଓ କର୍ମଚାରୀ ପଦବୀ ଖାଲି ପଡିଛି। ଦିନକୁ ଦିନ ପୋଲିସର କାର୍ଯ୍ୟଭାର ବଢୁଥିବାବେଳେ କର୍ମଚାରୀ ସଂଖ୍ୟା କମୁଛି ଯାହା ଫଳରେ ବିଭିନ୍ନ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏପରିକି ନରସିଂହପୁର ଥାନାରେ ଜଣେ ପ୍ରାୟ ଏକ ବର୍ଷ ହେବ ସବ ଇନ୍ସପେକ୍ଟର ଏବଂ ପ୍ରାୟ ଦେଢ ବର୍ଷ ହେବ ଡ୍ରାଇଭର ପଦବୀ ଖାଲି ପଡିଥିବା ବେଳେ ଦୁଇ ଜଣ ଏଏସଆଇ ପଦବୀ ମଧ୍ୟ ଖାଲି ପଡିଛି। ସେହିପରି ଜଣେ ସବ ଇନ୍ସପେକ୍ଟର ଜଣେ କନେଷ୍ଟବଳ ରେ ଯୋଡୁମୁଁ ଫାଣ୍ଡି ଚାଲିଥିବା ବେଳେ କାନପୁର ଥାନାରେ ଦୁଇ ଜଣ ଏଏସଆଇଙ୍କ ସମେତ ବିଭିନ୍ନ ପଦବୀ ଖାଲି ପଡିଛି। ସୂଚନାରୁ ପ୍ରକାଶ ଯେ ନରସିଂହପୁର ଥାନା ଅଧିନରେ ୨୭ଟି ପଞ୍ଚାୟତ ରହିଥିବା ବେଳେ ସେଥି ମଧ୍ୟରୁ ଯୋଡୁମୁଁ ଫାଣ୍ଡି ଅଧିନରେ ୫ଟି ପଞ୍ଚାୟତ ରହିଛି। ନରସିଂହପୁର ଥାନା ଉପରେ ପ୍ରାୟ ୧ଲକ୍ଷ ରୁ ଅଧିକ ଲୋକ ନିର୍ଭର କରିଥାନ୍ତି। ନରସିଂହପୁର ଥାନା ଏବଂ ଯୋଡୁମୁଁ ଫାଣ୍ଡି ମାଓବାଦୀ ପ୍ରବଣ ଅଞ୍ଚଳରେ ଯାଉଛି। ଯାଉଥିବାରୁ ଏହିଅଞ୍ଚଳରେ ଅଧିକ ସୁରକ୍ଷା ବ୍ୟବସ୍ଥା ରହିଛି। ନରସିଂହପୁର ଥାନାରେ ଜଣେ ଇନ୍ସପେକ୍ଟର, ଜଣେ ସବ ଇନ୍ସପେକ୍ଟର,୫ଜଣ ଏଏସଆଇ ଏବଂ ୭ଜଣ କନେଷ୍ଟବଳ ଜଣେ ଡ୍ରାଇଭର ପଦବୀ ରହିଥିବା ବେଳେ। ପ୍ରାୟ ଏକ ବର୍ଷ ହେବ ଏହି ଥାନାରେ ସବ ଇନ୍ସପେକ୍ଟର ପଦବୀ ଖାଲି ପଡିଥିବା ବେଳେ ୫ଜଣ ଏଏସଆଇଙ୍କ ସ୍ଥାନରେ ୩ଜଣ ଏଏସଆଇ ରହିଥିବା ବେଳେ ଆଉ ଦୁଇ ଜଣ ଏଏସଆଇ କେବଳ କାର୍ଯ୍ୟରେ ଯୋଗଦେଇ ଦୀର୍ଘ ଦିନ ଧରି ଛୁଟିରେ ରହିଛନ୍ତି। ସେହିପରି କରୋନା ମହାମାରୀ ପାଇଁ ଟ୍ରେନିଂ ସମୟରେ ଦୁଇ ଜଣ ସବ ଇନ୍ସପେକ୍ଟର ଏହିଥାନାରେ ଅତିରିକ୍ତ ଦାୟୀତ୍ୱ ତୁଲାଉଥିଲେ। ମାତ୍ର ସେ ମଧ୍ୟ ଦୁଇ ଜଣ ଏକ ମାସ ହେବ ତାଙ୍କୁ ମଧ୍ୟ ନରସିଂହପୁର ଥାନାରୁ ନିଜ ଏରିୟା କୁ ସ୍ଥାନାନ୍ତର କରାଯାଇଛି। ଦୀର୍ଘ ଦେଢବର୍ଷ ହେବ ସ୍ଥାୟୀ ଡ୍ରାଇଭର ପଦବୀ ଖାଲି ପଡିଛି। ଦିନକୁ ଦିନକୁ ପୋଲିସ ବିଭିନ୍ନ କାର୍ଯ୍ୟଭାର ତଥା ଅତିରିକ୍ତ କାର୍ଯ୍ୟ ବଢୁଥିବା ବେଳେ ଆବଶ୍ୟକୀୟ ଅଧିକାରୀ ଓ କର୍ମଚାରୀ ପଦବୀ ଖାଲି ପଡିଛି। ଯାହା ଫଳରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଦିନକୁ ଦିନ ଚୋରି, ଡକାୟତି, ରାହାଜାନୀ, ବଢିବା ସହ ବିଭିନ୍ନ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଥାନାରେ ଆବଶ୍ୟକୀ କର୍ମଚାରୀ ଅଭାବରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ସେହିପରି ଯୋଡୁମୁଁ ଫାଣ୍ଡି ଜଣେ ଏଏସଆଇ, ୪ଜଣ କନେଷ୍ଟବଳଙ୍ୟକ ବଦଳରେ ମାତ୍ର ଜଣେ ଫାଣ୍ଡି ଅଧିକାରୀ ସବ ଇନ୍ସପେକ୍ଟର ରହିଥିବା ୪ଜଣ ବଦଳରେ ମାତ୍ର ଜଣେ କନେଷ୍ଟବଳ ରହିଛନ୍ତି। ମାତ୍ର ଜଣେ ଫାଣ୍ଡି ଅଧିକାରୀ ଓ ଜଣେ କନେଷ୍ଟବଳରେ ଚାଲିଛି ଯୋଡୁମୁଁ ଫାଣ୍ଡି। ସେହିପରି କାନପୁର ଥାନା ଅଧିନରେ ୧୦ଟି ପଞ୍ଚାୟତ ରହିଥିବା ବେଳେ ୫୦ହଜାରରୁ ଅଧିକା ଲୋକ ଏହି ଥାନା ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏହି ଥାନାରେ ମଧ୍ୟ ଦୁଇ ଜଣ ଏଏସଆଇ ପଦବୀ ସହିତ ଆବଶ୍ୟକୀୟ କର୍ମଚାରୀ ପଦବୀ ଖାଲି ପଡିଛି। ପ୍ରକାଶ ଯେ ନରସିଂହପୁର ଥାନା ଯୋଡୁମୁଁ ଫାଣ୍ଡି ଅଧିନ ତଥା ଏହି ଫାଣ୍ଡି ଅଞ୍ଚଳକୁ ସଂଯୋଗ କରୁଥିବା ଅନୁଗୁଳ, ନୟାଗଡ ଓ ବୌଦ୍ଧ ଲାଗି ରହିଛି। ଏହି ଅଞ୍ଚଳରେ ୨୦୧୪-୧୫ମସିହାରୁ ମାଓବାଦୀଙ୍କ ଚଳପ୍ରଚଳ ଲୋକ ଲୋଚନକୁ ଆସିଥିବା ବେଳେ କାର୍ଯ୍ୟକଳାପ ଦେଖା ଯାଇଥିଲା ଟୋଲକା ଅଞ୍ଚଳରେ। ମାଓବାଦୀ ମାନେ ବନ କର୍ମଚାରୀଙ୍କୁ ମାଡ ମାରିବା ସହ ଗାଡି ପୋଡିଦେଇଥିଲେ। ଆବଶ୍ୟକୀୟ ପୋଲିସ ଅଧିକାରୀ ଓ କର୍ମଚାରୀ ଅଭାବରୁ ନରସିଂହପୁର ଅଞ୍ଚଳରେ ଗୋଟିଏ ସପ୍ତାହରେ ଚାରି ଚାରୋଟି ଡକାୟତ ରାହାଜାନୀ ଘଟିଛି। ତିନି ଜଣ ଦୁର୍ବୃତ୍ତ କମଳାଦେଇପୁର ସ୍ଥିତ ଗ୍ରାହକ ସେବାକେନ୍ଦ୍ରର ସ୍ୱଷ୍ଟ ଦିବାଲୋକରେ ମୁଣ୍ଡରେ ବନ୍ଧୁକ ଲଗାଇ ୧ଲକ୍ଷ ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଉଥିବା ବେଳେ ଗୁହାଳ ସାହି ନିକଟରେ ଜଣେ ବ୍ୟବସାୟୀଙ୍କୁ ମାରଣାସ୍ତ୍ର ଦେଖାଇ ମାଡମାରି ୩୫ହଜାର ଟଙ୍କା ଏବଂ ଗୁହାଳ ଗ୍ରାମର ବ୍ୟକ୍ତିଙ୍କ ଘରେ ପଶି ୨୯ହଜାର ଟଙ୍କା ଓ ସୁନା ଗହଣା ଲୁଟି ନେଇଥିବା ବେଳେ ଚତରା ପଦା ନିକଟରୁ ଜଣେ ବ୍ୟବସାୟୀଙ୍କୁ ଭୟଭୀତ କରି କିଛି ସାମଗ୍ରୀ ନେଇଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି କାନପୁର ଥାନା ଅଧିନରେ ଜଣେ ଫାଇନାନ୍ସ କର୍ମଚାରୀ ଙ୍କୁ ମାଡମାରି ୭୦ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ଏଥିପ୍ରତି ଦୃଷ୍ଟିଦେବା ସହିତ ତୁରନ୍ତ ନରସିଂହପୁର ଥାନା , କାନପୁର ଥାନା ଏବଂ ଯୋଡୁମୁଁ ଫାଣ୍ଡିରେ ଆବଶ୍ୟକୀୟ ପୋଲିସ ଅଧିକାରୀ ଓ କର୍ମଚାରୀ ପଦବୀ ପୂରଣ କରିବା ସହିତ ଯୋଡୁମୁଁ ଫାଣ୍ଡିକୁ ଥାନାର ମାନ୍ୟତା ଦେବା ପାଇଁ ଦାବି ହେଉଛି।

ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୨ - ୨୮ ଫେବୃଆରୀ, ୨୦୨୧

# ଚଳଣିରେ ପରିବର୍ତ୍ତନ ଲୋଡ଼ା

ସାମ୍ପ୍ରତିକ ପରିସ୍ଥିତିରେ ପରିବେଶ ଓ ମଣିଷର ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି । ଗବେଷଣା ଲବ୍ଧ ଜ୍ଞାନ, ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଯେଉଁଳି ବ୍ୟାପକ ହୋଇଚାଲିଛି, ସେହି ଅନୁପାତରେ ସମାଜରେ ସଂସ୍କାର ବଢ଼ିପାରୁନାହିଁ । ଯାହାଫଳରେ ଆବଶ୍ୟକ ଅନୁସାରେ ମଣିଷର ଅନ୍ତର୍ନିହିତ ଜ୍ଞାନ ପରିପ୍ରକାଶ କ୍ଷେତ୍ରରେ ପ୍ରତିବନ୍ଧକ ରହିଛି । ବଞ୍ଚିବାର ରାହା ଖୋଜିବା ବାହାନରେ ଦୁନିଆରେ ଅନେକ କିଛି ବିଘଟନ ଦେଖିବାକୁ ମିଳୁଛି । ସୁନ୍ଦର ବିଶ୍ୱର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଯେଉଁ ନମନୀୟତାକୁ ଅନୁଭବ କରି ପ୍ରାଣ ଆଲ୍‌ହାଦିତ ହେବାକଥା ତାହା ହୋଇପାରୁନାହିଁ । ବରଂ ବସ୍ତୁବାଦର ସୁନାମି ଭିତରେ ସ୍ୱପ୍ନର ଅସଲ ସ୍ୱରୂପ କିମ୍ଭୁତ କିମାକାର ଦୃଶ୍ୟମାନ ହେବା ବିଚଳିତ କରୁଛି । ଯଦିଓ ବିଜ୍ଞାନୀ ବୃଦ୍ଧି ପ୍ରୟୋଗ ଦ୍ୱାରା ଆମେ ଅନ୍ତରୀକ୍ଷକୁ ଯାତ୍ରା କରିପାରିଛେ, ତଥାପି ଏହାରି ଜରିଆରେ ସମାଜର କଲ୍ୟାଣ କେତେ ହୋଇଛି ବା ହେଉଛି ସେ ଦିଗ ପ୍ରତି ଅତିମାତ୍ରାରେ ସତର୍କ ରହିବାର ଆବଶ୍ୟକତା ରହିଛି । କାରଣ ଯେଉଁ ଆକାରରେ ଅସନ୍ତୁଳନ ସୃଷ୍ଟି ହେଉଛି, ସେହି ଅନୁପାତରେ ସନ୍ତୁଳନ ସୃଷ୍ଟି କରିବାର ଗୁରୁଦାୟିତ୍ୱ ଆମ ଉପରେ ରହିଛି । ହେଲେ ତଥାକଥିତ ରାଷ୍ଟ୍ର ମୁଖ୍ୟ, ପରାମର୍ଶଦାତା, ବିଜ୍ଞ, ବୁଦ୍ଧିଜୀବୀ ମହଲ ବିଶ୍ୱ ସୁରକ୍ଷାଠୁ ଊର୍ଦ୍ଧ୍ୱରେ ରହି ସୀମାରେଖା ଭିତ୍ତିକ ରାଜନୀତିକୁ ଦୃଷ୍ଟିଦେବା ଦ୍ୱାରା ବିଶ୍ୱ ସନ୍ତୁଳନ ଗମ୍ଭୀର ସମସ୍ୟା ଦେଇ ଗତିକରୁଛି । ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ସମସ୍ୟା ସହିତ ବର୍ଜ୍ୟବସ୍ତୁ ଜନିତ ସମସ୍ୟା ଉତ୍କଟ ରୂପ ଧାରଣ କରିବାର ଆଶଙ୍କା ଦେଖାଦେଲାଣି । ଯେଉଁ ଉଦ୍ଭାବନକୁ ନେଇ ଆମେ ଗର୍ବ ଅନୁଭବ କରୁଛେ, ସେଥିରେ ଭବିଷ୍ୟତ ପାଇଁ ଅନେକ ସମସ୍ୟା ରହିଛି । କାରଣ ଇ-ବର୍ଜ୍ୟର ମାତ୍ରା ଅତିମାତ୍ରାରେ ବୃଦ୍ଧି ପାଇବା ହିଁ ଭବିଷ୍ୟତରେ ନୂଆ ସମସ୍ୟା ନେଇଆସିବ । ଯାହାକି ପ୍ରକୃତି ଓ ମଣିଷ ଭିତରେ ଘୋର ସଙ୍କଟ ସୃଷ୍ଟିକରିପାରେ । ଏଥିରୁ ବର୍ତ୍ତିବା ପାଇଁ ଏବେଠାରୁ ଦୀର୍ଘମିଆଦି ଯୋଜନାର ଆବଶ୍ୟକତା ରହିଛି । ତେଣୁ ବିଶ୍ୱସମୁଦାୟ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରି ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ଜାତି ଧର୍ମ ବର୍ଣ୍ଣ ଅପେକ୍ଷା ସାମ୍ପ୍ରତିକ ପରିସ୍ଥିତିର ଅନୁଶୀଳନ, ଯଥାର୍ଥ କାର୍ଯ୍ୟ ହିଁ ଆମକୁ ଭବିଷ୍ୟତ ବିପଦରୁ ରକ୍ଷା କରିପାରେ । ନିକଟରେ ନୂଆ ଭୂତାଣୁ ମହାମାରୀ କରୋନାର ଭୟାବହତା ବିଶ୍ୱ ଦେଖିଛି । ତେଣୁ ସାମ୍ପ୍ରତିକ ସମୟରେ ନୂଆ ନୂଆ ରୋଗ, ଉତ୍କଟ ଜଳଭାବ ସହିତ ହିମସ୍ଖଳନ, ନଦୀ ଓ ସମୁଦ୍ରର ଗଭୀରତା ହ୍ରାସ ମଣିଷ ସମାଜ ପାଇଁ ବିପଦର ପ୍ରମୁଖ କାରଣ । ଜୈବ ବିବିଧତାର ସୁରକ୍ଷା, ବୃକ୍ଷ ରୋପଣ ଉପରେ ଅଧିକ ଧ୍ୟାନ ଦିଆଗଲେ ତାପମାତ୍ରା ନିୟନ୍ତ୍ରଣ ସହିତ ପ୍ରକୃତି ରକ୍ଷା ପାଇପାରନ୍ତା । ହେଲେ ନିଜକୁ ଶିଳ୍ପ ସମୃଦ୍ଧ କରିବାକୁ ଯାଇ ଆମେ ନିଜ ଭିତରେ ଭୀଷଣ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିଛେ । ବିକାଶ ପାଇଁ ଏହାର ଆବଶ୍ୟକତା ରହିଥିଲା ବେଳେ ଜୀବନ ପାଇଁ ଚିନ୍ତାକରିବା ଦିଗ ପ୍ରତି ଉପେକ୍ଷା କରିପାରିବାକି ! ଜୀବଜଗତ ସୁରକ୍ଷିତ ରହିବାକୁ ହେଲେ ତ୍ରୁଟିହୀନ କାର୍ଯ୍ୟକ୍ରମ ଜରିଆରେ ଆଗକୁ ବଢ଼ିବାକୁ ହେବ । ପରିବର୍ତ୍ତିତ ପ୍ରେକ୍ଷାପଟରେ ପରିବେଶ ସନ୍ତୁଳନ ସହ ଜନସଂଖ୍ୟା ଆଧାରରେ ସମସ୍ତଙ୍କ ମୌଳିକ ସୁବିଧା ମିଳିବା ହେଉଛି ସର୍ବଶ୍ରେଷ୍ଠ ଆହ୍ୱାନ । ଏହା କେବଳ ଗୋଟିଏ ରାଷ୍ଟ୍ର କିମ୍ବା ଗୋଟିଏ ଅଞ୍ଚଳର ସମସ୍ୟା ନୁହେଁ । ଦାରିଦ୍ର୍ୟ ବିଲୋପନ, ଖାଦ୍ୟ, ବସ୍ତ୍ର, ଶିକ୍ଷା, ସ୍ୱାସ୍ଥ୍ୟ ସହ ଭାଗବତ ସୁରକ୍ଷା ପାଇଁ ସମସ୍ତଙ୍କୁ ସଚେତନ ରହି କାର୍ଯ୍ୟ କରିବାର ଆବଶ୍ୟକତା ଅଛି । ଜଣେ ବା ଗୋଟେ ରାଷ୍ଟ୍ର ସମୃଦ୍ଧ ହୋଇ ଅନ୍ୟକୁ ଅସୁବିଧା ଉପୁଯାଇବା ଦ୍ୱାରା ମିଳୁଥିବା ସ୍ୱାର୍ଥ ବିଶ୍ୱ ସ୍ୱାର୍ଥ ସହ ଜଡିତ ନୁହେଁ । ସାମଗ୍ରିକ ଭାବେ ସମସ୍ତଙ୍କ ପାଇଁ ସୁବିଧା ଉପଲବ୍ଧ କରାଇବାର ମାନସିକତା ନଜାଗିଲେ କାହାର କିଛି ଦୀର୍ଘକାଳୀନ ଲାଭ ହୋଇପାରେନାହିଁ । ମହାଭାରତ ସମୟର ଘଟଣାକୁ ଅନୁଶୀଳନ କଲେ ଜଣାଯାଏ, ଅହଂକାର ଓ ସ୍ୱାର୍ଥ ହାସଲ କିଭଳି ଉଗ୍ର ରୂପ ନେଇପାରେ ଯେଉଁଥିରେ ଗୋଟେ ସାମ୍ରାଜ୍ୟ ଖଣ୍ଡବିଖଣ୍ଡିତ ହୋଇଥାଏ । ଜିଦ ଆଗରେ ଶହ ଶହ ପ୍ରାଣ ଅନାୟାସରେ ଚାଲିଯାଇପାରେ । ପରେ ଏଥିପାଇଁ ଅନୁତାପ ବା ଅନୁଶୋଚନା କଲେ କେବଳ ଦୁଃଖ ବଢ଼େ ହେଲେ ଶାନ୍ତି ମିଳିନଥାଏ । ପରବର୍ତ୍ତୀ ଜୀବନ ହା ହତାଶ ଭିତରେ ବିତେ, ଯନ୍ତ୍ରଣା ଅସହ୍ୟ ହୋଇଉଠେ । ଏଥିରେ ଜୀବନର କେଉଁ ସଫଳତା ବା ଶ୍ରେୟ ପ୍ରସଙ୍ଗ ରହିଛି ତାହା ବୁଝିବା କଷ୍ଟ । ତେଣୁ ଆଜିକାଲି ଅନ୍ୟକୁ କଷ୍ଟଦେଇ ଏଥିରୁ ସ୍ୱାର୍ଥ ହାସଲ କରିବା କେତେ ଯୁକ୍ତିଯୁକ୍ତ ତାହା ଚିନ୍ତାର ବିଷୟ । ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜର ସ୍ୱାର୍ଥ ପଛରେ ଏଭଳି ଭାବରେ ପାଗଳ ହୋଇଯାଇଛି ଯେ, ଯିଏ ଅନ୍ୟର ଅଧିକାର ଛଡାଇନେବାକୁ ଆଦୌ କୁଣ୍ଠା ପ୍ରକାଶ କରୁନାହିଁ । ଅତଏବ ଆଜିର ମଣିଷ ଏତେ ଅହଙ୍କାରୀ ହୋଇପଡିଛି ଯେ, ନିଜ ତୁଳନାରେ ଅନ୍ୟକୁ ନଗଣ୍ୟ ଦେଖାଇବା ପାଇଁ ସବୁପ୍ରକାର... । ବିଶାଳ ପୃଥ୍ୱୀ, ଅନନ୍ତ ଆକାଶ ତା ଭିତରେ ପ୍ରକୃତିର ଅପରୂପ ଶୋଭା ଦର୍ଶନର ସୌଭାଗ୍ୟ ମଣିଷକୁ ମିଳିଥିଲା ବେଳେ, ମଣିଷ ଏହାର ସଦବ୍ୟବହାର କରିବା ବଦଳରେ ପ୍ରକୃତି ଉପରେ ଦାଉ ସାଧିବା ଦ୍ୱାରା ଆଜି ବିଶ୍ୱରେ ଅନେକ ସମସ୍ୟା ଦେଖାଦେଇଛି । ଜଙ୍ଗଲ କ୍ଷୟ ଦ୍ୱାରା ପରିବେଶ ବିଗିଡିଯାଇ ଜଳବାୟୁ ସମସ୍ୟା ଦେଖାଦେଇଛି । କୃତ୍ରିମ ଉପଗ୍ରହ ଦ୍ୱାରା ଅନେକ ଲାଭ ହୋଇଥିଲେ ବି ଆକାଶ ପଥରେ ଅନେକ ବର୍ଜ୍ୟ ସୃଷ୍ଟି ହୋଇଛି । ମୃତ୍ତିକା ସଂରକ୍ଷଣ ଅଭାବରୁ ସମୁଦ୍ର ଭିତରେ ପଟୁ ମାଡିଚାଲିଛି । ଅବକ୍ଷୟମୁଖୀ ପରିବେଶ ସଜଡା ଯିବା ପରିବର୍ତ୍ତେ ଦିନକୁଦିନ ପରିବେଶ ଅଶାନ୍ତ ହେଉଛି, ଯାହାଫଳରେ ସୁନାମି ଭଳି ବିପର୍ଯ୍ୟୟ ବାରମ୍ବାର ସଭ୍ୟତାକୁ ଖୋଲା ଚ୍ୟାଲେଞ୍ଜ ଦେଉଛି । ଏହାରି ମଧ୍ୟରେ ପରିବେଶ ଅସନ୍ତୁଳନ ହେତୁ ତଥା ବର୍ଜ୍ୟବସ୍ତୁର କ୍ରମାଗତ ବୃଦ୍ଧି ମଣିଷ ପାଇଁ ନୂଆ ନୂଆ ବିପଦ ଟାଣି ଆଣୁଛି । ଅନେକ ପ୍ରକାର ଅଦୃଶ୍ୟ ବ୍ୟାଧି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଥିଲା ବେଳେ ଲୋକମାନେ ନିଜ ଚଳଣୀରେ ଆଧୁନିକତାର ପ୍ରଭାବ ବଢ଼ାଇ ଚାଲିବା ଫଳରେ ସେହି ଅନୁପାତରେ ସମସ୍ୟା ମଧ୍ୟ ବୃଦ୍ଧି ପାଇଚାଲିଛି । ରକ୍ତଚାପ ଓ ମଧୁମେହ ଭଳି ରୋଗ ସାଧାରଣ ଭାବେ ଅନେକଙ୍କୁ ଆକ୍ରାନ୍ତ କରିଥିଲା ବେଳେ କର୍କଟ ଓ ଏଡ୍‌ସ ଭଳି ବ୍ୟାଧି ମାନବ ସଭ୍ୟତା ପାଇଁ ଏକ ଚ୍ୟାଲେଞ୍ଜ ପାଲଟିଛି । ଏପରିକି ଅନେକ ଗୁଡିଏ ରୋଗର ପୂର୍ଣ୍ଣ ନିରାକରଣ ସମ୍ଭବ ହୋଇପାରି ନଥିଲା ବେଳେ ମହାମାରୀ କୋଭିଡ୍ ସାରା ବିଶ୍ୱକୁ ଡରାଇବା ଆରମ୍ଭ କରିଛି । ଗତ ଏକବର୍ଷ ହେବ କରୋନା ଭୂତାଣୁକୁ ନେଇ ବିଭିନ୍ନ ରାଷ୍ଟ୍ର ଏହାର ନିରାକରଣ ତଥା ଔଷଧ ପ୍ରସ୍ତୁତି ଦିଗରେ ଅକ୍ଳାନ୍ତ ପରିଶ୍ରମ କରିଥିଲେ ବି କରୋନାର ନୂଆ ରୂପ ପୁଣିଥରେ ମଣିଷ ଭିତରେ ଭୟ ସଞ୍ଚାର ଆରମ୍ଭ କରିଦେଇଛି । ସୁସ୍ଥ ଜୀବନଜାପନ ପାଇଁ ଯେଉଁ ଯେଉଁ ପଦ୍ଧତି ଅନୁସରଣ କରିବା କଥା ସେଥିରୁ ଦୂରେଇ ଆସିବା ଫଳରେ ମଣିଷକୁ ଏଭଳି ଭୟଙ୍କର ରୋଗର ଭୟ ଧୀରେ ଧୀରେ ଗ୍ରାସ କରିଚାଲିଛି । ଯଦ୍ୱାରା ପରମାୟୁ ହାନୀ, ଅକାଳ ବାର୍ଦ୍ଧକ୍ୟ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଏଭଳି ଭାବେ ବଢ଼ିଚାଲିଛି ଯେ, ଏକ ସୁସ୍ଥ ସମାଜର ଚିତ୍ର ଖୋଜିବା କଷ୍ଟକର । ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଦୈନନ୍ଦିନ ଜୀବନର ଚଳଣିରେ ପରିବର୍ତ୍ତନ ଲୋଡ଼ା ।

ସମ୍ବାଦକାନ୍ତି

ତାରକ ମହାନ୍ତି



**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଆତ୍ମହତ୍ୟା ଏକ ଅପରାଧ, କେତେ ଯଥାର୍ଥ ?



ଚିତ୍ତରଞ୍ଜନ କାନୁନଗୋ

ବଞ୍ଚିବାର ଅଧିକାର ସହିତ ମରିବାର ଅଧିକାର ସମାନ କି ? ଏ ପ୍ରଶ୍ନ ଏ ଯାବତ ଅସମାହିତ ହୋଇ ରହିଅଛି, ଯଦିଓ ଏବାବଦରେ ଆଇନରେ ଥିବା ପ୍ରାବଧାନକୁ ବାରମ୍ବାର ତର୍ଜମା କରାଯାଇଅଛି, ତଥାପି ଏ ଅବଧି ଏହାର କୌଣସି ନିର୍ଦ୍ଦିଷ୍ଟ ନିଷ୍କର୍ଷ ବାହାରିପାରିନାହିଁ । ୧୮୬୦ ମସିହାରେ ଇଂରେଜମାନଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଭାରତୀୟ ଦଣ୍ଡବିଧି ଆଇନ ଇତି ମଧ୍ୟରେ ଅନେକଥର ସଂଶୋଧିତ ହୋଇଥିଲେ ସୁଦ୍ଧା ଦଫା ୩୦୯ ଏପର୍ଯ୍ୟନ୍ତ ବଳବତ୍ତର ଅଛି । ଏହି ଦଫା ଅନୁସାରେ ଯଦି କୌଣସି ବ୍ୟକ୍ତି ଆତ୍ମହତ୍ୟା ନିମନ୍ତେ ଉଦ୍ୟମକରେ ତେବେ ସେ ଏକବର୍ଷପର୍ଯ୍ୟନ୍ତ ଅଶ୍ରମ କାରାଦଣ୍ଡ କିମ୍ବା ଜରିମନା କିମ୍ବା ଉଭୟରେ ଦଣ୍ଡିତହେବେ । ଏହା ଏକ ପୋଲିସ ଧର୍ତ୍ତବ୍ୟ ଏବଂ ଯାମିନି ଯୋଗ୍ୟ ଅପରାଧ । ଏହି ଅପରାଧ ସମ୍ବନ୍ଧରେ ଆଇନର ଛାତ୍ରମାନଙ୍କ ମଧ୍ୟରେ ଏକ ମଜାଳିଆ ପ୍ରଶ୍ନ ଆଲୋଚନା କରାଯାଏ । ପ୍ରଶ୍ନଟି ହେଉଛି ଏମିତି କେଉଁ ଅପରାଧ ଅଛି ଯାହାକୁ ଉଦ୍ୟମ କଲେ ଦୋଷୀ ଦଣ୍ଡପାଏ, ମାତ୍ର ସଂପୂର୍ଣ୍ଣ କରିଦେଲେ କୌଣସି ଦଣ୍ଡପାଏ ନାହିଁ । ଏହାର ଉତ୍ତର ହେଉଛି ଆତ୍ମହତ୍ୟା ।

ଆଇନ ପ୍ରଣୟନ କଲାବେଳେ ଏଥିରେ ଥିବା ମାନବ ସଭ୍ୟତାର ମୂଲ୍ୟବୋଧଏବଂ ଏହାର ସମାଜ ପାଇଁ ଉପଯୋଗୀତାକୁ ଗୁରୁତ୍ୱଦିଆଯାଇଥାଏ । ଆତ୍ମହତ୍ୟା ହେଉଛି ନିଜକୁ ନିଜେ ହତ୍ୟା ବା ନିଃଶେଷ କରିବା । ଏହାକୁ ଅକାଳ ମୃତ୍ୟୁ ଭାବେ ବିବେଚନା କରାଯାଏ । ଧାର୍ମିକ ପରିଭାଷାରେ ବିଚାର କଲେ ମଣିଷ ଇଶ୍ୱରଙ୍କ ସନ୍ତାନ । ସୁତରାଂ ଇଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ ନିଜକୁ ନିଜେ ମୃତ୍ୟୁ ମୁଖକୁ ଠେଲିଦେବା ଏକ ମହାପାପ ଯାହାର ଦଣ୍ଡ ନର୍କଭୋଗ ।

ପରିସଂଖ୍ୟାନ ଅନୁସାରେ ଆତ୍ମହତ୍ୟା ଉଦ୍ୟମ କରୁଥିବା ପ୍ରତ୍ୟେକ ୨୫ ଜଣ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ମୃତ୍ୟୁବରଣ କରନ୍ତି । ଭାରତରେ ୨୦୧୮ ମସିହାରେ ୧,୩୪,୫୧୬ଜଣ ବ୍ୟକ୍ତି ଆତ୍ମହତ୍ୟାରେ ମୃତ୍ୟୁବରଣ କରିଛନ୍ତି । ଆତ୍ମହତ୍ୟା କରି ମରୁଥିବା ବ୍ୟକ୍ତିର ମୃତ୍ୟୁକୁ ଏକ ଅପ୍ରାକୃତିକ ମୃତ୍ୟୁ ଘୋଷଣା କରାଯାଇ ଥାନାରେ ଏକ ମାମଲା ରୁଜୁ କରାଯାଏ ଏବଂ ଏହାର ଅନୁସନ୍ଧାନ କରାଯାଏ । ଅନୁସନ୍ଧାନ ସମୟରେ ଶବକୁ ତନଖି କରାଯାଇ ସେଥିରେ ଥିବା ଦାଗ, ଜଖମ ଓ ପିନ୍ଧା ବସ୍ତ୍ର ଅଳଙ୍କାର ଗୁଡିକର ସାକ୍ଷୀମାନଙ୍କ ଉପସ୍ଥିରେ ଏକ ରିପୋର୍ଟ ତିଆରି କରାଯାଏ ଏବଂ ମୃତକକୁ ପୋଷ୍ଟମୋଟମ ପରୀକ୍ଷା ପାଇଁ ସ୍ଥାନୀୟ ମେଡିକାଲକୁ ପଠାଯାଏ । ପରୀକ୍ଷାରୁ ଆତ୍ମହତ୍ୟାର ଲକ୍ଷଣ ପ୍ରକାଶ ପାଇଲେ ଚୁଡାନ୍ତ ରିପୋର୍ଟ ଦାଖଲ କରି କେସ୍‌କୁ ବନ୍ଦ କରିଦିଆଯାଏ । ଯଦି ସେଥିରେ ହତ୍ୟା ସମ୍ବନ୍ଧୀୟ କୌଣସି କାରଣ ପ୍ରକାଶ ପାଏ, ତେବେ ଅନୁସନ୍ଧାନ କରୁଥିବା ଅଫିସରଙ୍କ ରିପୋର୍ଟ ବଳରେ ଏକ ମକଦ୍ଦମା ରୁଜୁ କରାଯାଇ ତଦନ୍ତ କରାଯାଏ ।

ଭାରତୀୟ ଦଣ୍ଡବିଧି ଆଇନର ଦଫା ୩୦୯ ଏକ ଆବଶ୍ୟକୀୟ ଆଇନ କିମ୍ବା ଏହାକୁ ବର୍ଜନ କରିଯିବା ଉଚିତ ଏ ସମ୍ବନ୍ଧରେ ଅନେକ ବିତର୍କ ପ୍ରକାଶ ପାଇଛି । ବିଶେଷ କରି ୧୯୭୦ମସିହାରେ ଭାରତୀୟ ବିଧି ଆୟୋଗ ତାଙ୍କ ରିପୋର୍ଟରେ ଆତ୍ମହତ୍ୟା ଉଦ୍ୟମକୁ ଅପରାଧ ଭାବେ ବିବେଚନା କରାଯିବାକୁ ନାପସନ୍ଦ କରିଥିଲେ । ଏହି ରିପୋର୍ଟକୁ ଭାରତ ସରକାର ଗ୍ରହଣ କରି ଲୋକସଭାରେ ଏକ ବିଲ୍ ଆଗତ କରିଥିଲେ । କିନ୍ତୁ ୧୯୭୯ ମସିହାରେ ସରକାର ବଦଳିଯିବାପରେ ଏହା କାର୍ଯକାରୀ ହୋଇପାରିଲା ନାହିଁ । ୧୯୮୫ ମସିହାରେ ସଞ୍ଜୟ କୁମାର ଭାଟିଆ ଦାଏର କରିଥିବା ଏକ ମକଦ୍ଦମା ବିଚାର କରି ମାନ୍ୟବର ଦିଲ୍ଲୀ ହାଇକୋର୍ଟ ୩୦୯ ଦଫାକୁ ମାନବ ସଭ୍ୟତା ପାଇଁ ଏକ ଅଯୋଗ୍ୟ ଆଇନ ବୋଲି ଘୋଷଣା କଲେ । ୧୯୮୭ ମସିହାରେ ମାରୁତି ଶତପତି ଦୁବଲଙ୍କ ଦ୍ୱାରା ମକଦ୍ଦମାରେ ମାନ୍ୟବର ବମ୍ବେ ହାଇକୋର୍ଟ ଏହାକୁ ଆଇନର ପରିପନ୍ଥୀ ଓ ଭାରତୀୟ ସମ୍ବିଧାନର ଧାରା ୧୪ ଓ ୨୧ରେ ଏକ ବିରୋଧାଭାଷ ଭାବେ ବର୍ଣ୍ଣନା କାଲେ । ସମ୍ବିଧାନର ଧାରା ୧୪ରେ ସମାନତା ଓ ସମାନ ଆଇନଗତ ସୁରକ୍ଷାର ଅଧିକାର ଏବଂ ଧାରା ୨୧ ରେ ମଣିଷର ବଞ୍ଚିବାର ଅଧିକାରକୁ ସନ୍ନିବେଶିତ କରାଯାଇଅଛି । ମାତ୍ର ୧୯୮୮ ମସିହାରେ ମାନ୍ୟବର ଆନ୍ଧ୍ରପ୍ରଦେଶ ହାଇକୋର୍ଟରେ ଚେତ୍ତା ଜଗଦେଶ୍ୱର କେସ୍ ବିଚାର କରି ୩୦୯ ଦଫାର ପ୍ରାସଙ୍ଗିକତାକୁ ସ୍ୱୀକୃତି ଦେଇଥିଲେ ଏବଂ କୌଣସି ବ୍ୟକ୍ତିର ମରିବାର ଅଧିକାର ନାହିଁ ବୋଲି ରାୟ ଶୁଣାଇଥିଲେ । ଏହିଭଳି ଏକ ବିବାଦୀୟ ପରିସ୍ଥିତିରେ୧୯୯୪ ମସିହାରେ ମାନ୍ୟବର ସୁପ୍ରିମ୍ କୋର୍ଟର ଦୁଇଜଣିଆ ଖଣ୍ଡପୀଠ ପି. ରଥିନାମଙ୍କ ଦ୍ୱାରା ଦାଏର କରାଯାଇଥିବା ଏକ ମକଦ୍ଦମାର ବିଚାର କରି ଆତ୍ମହତ୍ୟା ଏକ ଅପରାଧ ନୁହେଁ ଏବଂ ଭାରତୀୟ ଦଣ୍ଡବିଧି ଆଇନର ଦଫା ୩୦୯କୁ ଅଣସମ୍ବିଧାନିକ ଭାବେ ବର୍ଣ୍ଣନା କରିଥିଲେ । ଏହାର ଠିକ୍ ଦୁଇବର୍ଷପରେ ଅର୍ଥାତ ୧୯୯୬ ମସିହାରେ ଜ୍ଞାନ କାଉର ବନାମ ପଞ୍ଜାବ ସରକାର ମକଦ୍ଦମା ବିଚାରକରି ମାନ୍ୟବର ସୁପ୍ରିମ୍ କୋର୍ଟର ପାଞ୍ଚଜଣିଆ ଖଣ୍ଡପୀଠ ପି ରଥିନାମ୍ କେସ୍‌ର ଆଦେଶକୁ ଖାରଜ କରି ପୁନଶ୍ଚ ୩୦୯ ଦଫାକୁ ସଂପୂର୍ଣ୍ଣ ସାମ୍ବିଧାନିକ ବିବେଚନା କରିଥିଲେ । ଏହା ଏ ଯାବତ ବଳବତ୍ତର ଅଛି । ୧୯୯୭ ମସିହାରେ ଭାରତରବିଧି ଆୟୋଗ ଏ ଆଇନର କାର୍ଯ୍ୟକାରିତାକୁ ସମର୍ଥନ କଲେ । ମାତ୍ର ୨୦୦୮ ରେ ବିଧି ଆୟୋଗ ଏହାକୁ ଉଠାଇ ଦେବାକୁ ସୁପାରିସ୍ କଲେ । ଆତ୍ମହତ୍ୟା ଉଦ୍ୟମକରି ଅସଫଳ ହେଉଥିବା ବ୍ୟକ୍ତି ସହିତ ନିବିଡଭାବେ ଆଲୋଚନା କଲେ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ ସେ କୌଣସି ଆଇନ ଉଲ୍ଲଂଘନ କରିବା ଉଦ୍ଦେଶ୍ୟରେ ଏପରି କାର୍ଯ୍ୟ କରେନାହିଁ, ବରଂ ମାନସିକ ବିଷାଦ, ଅବସାଦ, ହତାଶା ଏବଂ ନିରାଶାବାଦ ଦ୍ୱାରା ପ୍ରରୋଚିତ ପରିସ୍ଥିତିରେ ଏପରି ପଥ ଆପଣାଇ ନିଏ । ସୁତରାଂ, ଯେଉଁ ବ୍ୟକ୍ତିର ସୁରକ୍ଷା, ମାନସିକ ଚିକିତ୍ସା ଏବଂ ସେବାଯତ୍ନ ଦରକାର, ତାକୁ ଏକ ଫୌଜଦାରି ମକଦ୍ଦମାରେ ମୁଦାଲା କରିବା କେତେ ଯୁକ୍ତି ସଙ୍ଗତ ? ଏଭଳି ଏକ ଦୃଷ୍ଟିଭଙ୍ଗୀର ତର୍ଜମା ଚାଲିଥିବା ବେଳେ ୨୦୧୧ ମସିହାରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ଅରୁଣା ରାମଚନ୍ଦ୍ର ଶନବୁଗଙ୍କ ଆଗତ ମକଦ୍ଦମାରେ ଏକ ଯୁଗାନ୍ତକାରୀ ରାୟ ଶୁଣାଇଲେ । ଏହି ରାୟରେ ପରୋକ୍ଷ ଇଚ୍ଛାମୃତ୍ୟୁକୁ ମଞ୍ଜୁର କରାଯାଇ ଏକ ମାର୍ଗଦର୍ଶିକା ଜାରିକରାଗଲା । ରାୟ ଅନୁସାରେ ଯଦି କୌଣସି ବ୍ୟକ୍ତି ଦୀର୍ଘଦିନ ଡାକ୍ତରୀ ଚିକିତ୍ସାରେ ମୃତ୍ୟୁ ଅପେକ୍ଷାରେ ଅଛନ୍ତି ଏବଂ ତାଙ୍କର ଆରୋଗ୍ୟ ହେବାର କୌଣସି ସମ୍ଭାବନା ନାହିଁ, ତେବେ ତାଙ୍କର ପିତାମାତା, ସ୍ୱାମୀ/ସ୍ତ୍ରୀ କିମ୍ବା ସମ୍ପର୍କୀୟଙ୍କ ସମ୍ମତି ନିଆଯାଇ ତାଙ୍କୁ ମର୍ଯ୍ୟାଦାର ସହିତ ମରିବାକୁ ଦିଆଯିବ । ପରବର୍ତ୍ତୀ ସମୟରେ ୨୦୧୮ ମସିହାରେ କମନ କଜ ନାମକ ଏକ ସଂସ୍ଥା ଦ୍ୱାରା ଆଗତ ଏକ ମକଦ୍ଦମାରେ ସର୍ବୋଚ୍ଚ ନ୍ୟାୟାଳୟ ସମାନମତ ପୋଷଣ କରିଥିଲେ ।

ବର୍ଣ୍ଣିତ ସମସ୍ତ ବିଷୟକୁ ବିଚାରକୁ ନେଇ ଭାରତ ସରକାର ୨୦୧୭ ମସିହାରେ ମେଣ୍ଟାଲ ହେଲଥ୍ କେୟାର (ମାନସିକ ସ୍ୱାସ୍ଥ୍ୟ ଆଇନ) ପ୍ରଣୟନ କରିଅଛନ୍ତି । ସେଥିରେ ଆତ୍ମହତ୍ୟାକୁ ଏକ ଆଇନଗତ ସମସ୍ୟା ଭାବେ ନଦେଖି ମାନସିକ ଚିକିତ୍ସା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଅଛି । ଏଥିରେ ଥିବା ଦଫା ୧୧ର ବିଧି ବ୍ୟବସ୍ଥା ଅନୁସାରେ ଆତ୍ମହତ୍ୟା ଉଦ୍ୟମ କରିଥିବା ବ୍ୟକ୍ତିଙ୍କ ମାନସିକ ଚାପ ଓ ରୋଗଥିବାର ପ୍ରମାଣ ହେଲେ ତାଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା କରାଯିବ ନାହିଁ । ଦ୍ୱିତୀୟରେ ସରକାରୀ ଖର୍ଚ୍ଚରେ ତାଙ୍କର ସମସ୍ତ ଚିକିତ୍ସା ଏବଂ ପୁନଃସଂସ୍ଥାନ କରାଯିବ ଯେପରି ସେ ପୁନର୍ବାର ଆତ୍ମହତ୍ୟା ଉଦ୍ୟମ ନ କରନ୍ତି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁସାରେ ପୃଥିବୀରେ ୫୯ଟି ଦେଶରେ ଆତ୍ମହତ୍ୟାର ଅଣଅପରାଧିକରଣ କରାଯାଇ ସାରିଲାଣି । ସେମାନଙ୍କ ମଧ୍ୟରେ ଫ୍ରାନ୍ସ, ଜର୍ମାନୀ , ଅଷ୍ଟ୍ରେଲିଆ, ନିଉଜଲାଣ୍ଡ, କାନାଡା ଓ ଶ୍ରୀଲଙ୍କା ଅନ୍ୟତମ ।

ପ୍ରକୃତରେ ଏହା ନିରାଟ ସତ୍ୟ ଯେ ଅତ୍ୟଧିକ ମାନସିକ ଚାପ ଓ ମାନସିକ ଅସୁସ୍ଥତାର ବଶବର୍ତ୍ତୀ ହୋଇ ଜଣେ ବ୍ୟକ୍ତି ଆତ୍ମହତ୍ୟାର ପନ୍ଥା ବାଛି ନିଏ । ସେତେବେଳେ ସେ ଚିନ୍ତାକରେ ଯେ ଆତ୍ମହତ୍ୟା ବ୍ୟତୀତ ତା ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ । ଭାଗ୍ୟବଶତଃ ଯଦି ସେ ବଞ୍ଚିଯାଏ ତେବେ ତାକୁ ଏକ ଫୌଜଦାରୀ ମକଦ୍ଦମାରେ କୋର୍ଟକୁ ପଠାଇବା କେତେଦୂର ଯଥାର୍ଥ ? କାରଣ ସେ ସମୟରେ ବ୍ୟକ୍ତିଟି ଅନ୍ୟମାନଙ୍କଠାରୁ ବିଶେଷଭାବେ ରାଷ୍ଟ୍ରଠାରୁ ସହାନୁଭୂତି ଓ ସମ୍ବେଦନଶୀଳତା ଆଶାକରେ । ତାକୁ ମକଦ୍ଦମାରେ ଛନ୍ଦିଦେଲେ ତାର ପୀଡା ବହୁଗୁଣିତ ହେବନାହିଁ କି ?

*ଉପ-ନିର୍ଦ୍ଦେଶକ*
*ରାଜ୍ୟ କ୍ରାଇମ ବ୍ରାଞ୍ଚ,ଓଡ଼ିଶା, କଟକ*
*ଦୂରଭାଷ - ୮୯୧୭୨୭୬୭୩୦*

# ବିଶ୍ୱ ମାତୃଭାଷା ଦିବସର ଅନୁଚିନ୍ତା



ଡକ୍ଟର ମନୋରଞ୍ଜନ ବିଷୋୟୀ

ପ୍ରତ୍ୟେକ ଜାତିର ଭାଷା ହେଉଛି, ସେହି ଜାତିର ଅମୂଲ୍ୟ ସଂପଦ । ଏହାକୁ ନେଇ ଜାତି ଗର୍ବ କରେ, ତା'ର ଅନ୍ତରାତ୍ମାରେ ଭରିଯାଏ ସ୍ୱାଭିମାନ । ଓଡ଼ିଶା ଆମର ରାଜ୍ୟ । ଓଡ଼ିଆ ଏଇ ଜାତିର ହାର୍ଦ୍ଦିକ ଭାବସ୍ପନ୍ଦକୁ ବହନ କରେ । ଓଡ଼ିଆ ହୃଦୟବୀଣାର ଏହା ମଧୁଝଙ୍କାର । ଓଡ଼ିଶାର ସ୍ୱାଭିମାନର ଅସ୍ତ୍ର- ଓଡ଼ିଆ ଭାଷା । ତେଣୁ ମାତୃଭୂମି ପରି ଓଡ଼ିଆ ଭାଷା ମଧ୍ୟ ବନ୍ଦନୀୟ ।

"ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।"

ବାସ୍ତବିକ ସ୍ୱଭାବକବି ଗଙ୍ଗାଧରଙ୍କର ଏହି ଉକ୍ତିଟି ଉତ୍କଳର ପ୍ରତ୍ୟେକ ପାଠକ ପାଠିକାଙ୍କର ସ୍ମରଣୀୟ ହେବା ଉଚିତ । ଭାଷା ମଣିଷ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆଜି ସମସ୍ତଙ୍କ ଅନୁଭବର ବିଷୟ । ହେଲେ ଉତ୍କଳବାସୀ ଆଜି ନିଜେ ନିଜର ମାତୃଭାଷା ପ୍ରତି ଘୃଣାଭାବ ପୋଷଣ କରି ଚାଲିଛନ୍ତି । ଯେଉଁ ମାଟିରେ ତାର ଜନ୍ମ, ଯେଉଁଠି ସେ ଖେଳି କୁଦି ମଣିଷ ହୋଇଛି, ତାରି ପାଣି ପବନରେ ସେ ବଢ଼ିଛି, ତାର ଅବଦାନକୁ ଭୁଲି ସେହି ମାଟି ମାଆର ଭାଷାକୁ ତୁଣ୍ଡରେ ଧରିବାକୁ କୁଣ୍ଠାବୋଧ କରୁଛି । ଓଡ଼ିଆ ବୋଲି ନିଜର ପରିଚୟକୁ ଲୁଚାଇ ରଖିଛି । ସେ ବୁଝିପାରୁନାହିଁ ଯେ ଏକ ଜାତିର ପ୍ରଗତି ମୂଳରେ ଭାଷାହିଁ ବିଦ୍ୟମାନ । ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତେ ବିଭବଶାଳୀ । ବ୍ୟାସକବି ଫକୀରମୋହନଙ୍କ ଭାଷାରେ-

"ପୁରୁଷ ଶ୍ରୀ ଅଟେ ବୀର୍ଯ୍ୟଜାତି ଶିରୀ ଭାଷା
ଯାହା ଘେନି-ଜାତି କରେ ଉନ୍ନତି ପ୍ରତ୍ୟାଶା
ଭାଷା ହିଁ ଜୀବନ ଶକ୍ତି ଜାତିମାନଙ୍କର
ଯେଉଁ ଜାତି ଭାଷା ହୀନ ସେ ଜାତି ବର୍ବର ।"

ପ୍ରତ୍ୟେକ ଜାତି ନିଜ ନିଜର ମାତୃଭାଷାକୁ ଉଚ୍ଚାସନ ଦେବାରେ ବ୍ୟାକୁଳ ଥିଲାବେଳେ, ଓଡ଼ିଆ ଜାତି ନିଜର ମାତୃଭାଷା ପ୍ରତି ଏପରି ବୈମାତୃକ ମନୋଭାବ ପୋଷଣ କରେ କାହିଁକି ? ସେ ତା'ର ଭାଷାକୁ ସମ୍ମାନ ଦେଇ ନିଜକୁ ଗୌରବାନ୍ୱିତ କରିବାକୁ କୁଣ୍ଠାବୋଧ କରେ କାହିଁକି ? ଅତୀତରେ ମାତୃଭାଷା ପ୍ରତି ଓଡ଼ିଆମାନଙ୍କର ମନୋଭାବ ହିଁ ଉତ୍କଳର ଯୋଗ୍ୟତମ ସୁତଗଣକୁ ଘୋର ଅପମାନ ଦେଇଥିଲେ । ତେଣୁ ଗଙ୍ଗାଧର ଲେଖିଥିଲେ-

"ମାତୃଭାଷା ପୋଥି ଛୁଇଁବାକୁ କରେ
ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ।"

ମାତୃଭାଷା ପ୍ରୀତିର ଜ୍ୱଳନ୍ତ ଉଦାହରଣ ଇତିହାସ ପୃଷ୍ଠାରେ ବିରଳ ନୁହେଁ । ସଂସ୍କୃତ ପରି ସମୃଦ୍ଧ ଭାଷା ଥାଇ ମଧ୍ୟ ବୁଦ୍ଧ, ମହାବୀର, ଅଶୋକ ପ୍ରଭୃତି ମହାପୁରୁଷମାନେ ଲୋକଭାଷାରେ ଧର୍ମ ପ୍ରଚାର କରିଥିଲେ । ସେମାନେ ଜାଣିଥିଲେ ଲୋକଙ୍କ ମନକୁ ଛୁଇଁବା ପାଇଁ ମାତୃଭାଷା ହିଁ ପ୍ରକୃଷ୍ଟ ମାଧ୍ୟମ । ଅନ୍ୟ ଭାଷା ହେଉଛି ବାହାରେ ବୋଳା ଯାଉଥିବା ଔଷଧ, ମାତ୍ର ମାତୃଭାଷା ହେଉଛି ଇଞ୍ଜେକ୍‌ସନ୍ । ସଙ୍ଗେ ସଙ୍ଗେ ରକ୍ତରେ ମିଶିଯିବ ।

ଯଦିଓ ମାତୃଭାଷା ଏପରି ମହନୀୟ, ସହଜ, ସୁମଧୁର ଓ ଶକ୍ତିଶାଳୀ ଅଟେ ତେବେ କାହିଁକି ଓଡ଼ିଶାବାସୀ ନିଜ ଭାଷାକୁ ମୁଖରେ ପ୍ରକାଶ କରିବାକୁ କୁଣ୍ଠାବୋଧ କରୁଛନ୍ତି । ପ୍ରତ୍ୟେକ ଶିକ୍ଷିତ ଓଡ଼ିଆ ନର, ନାରୀଗଣ ପଦେ ପଦେ ଇଂରାଜୀ ଏବଂ ହିନ୍ଦୀ ଭାଷା ଶିକ୍ଷାକରି, ଶିକ୍ଷାର ସର୍ବୋଚ୍ଚ ସୋପାନ ଅତିକ୍ରମ କଲାପରି ଅନୁଭବ କରୁଛନ୍ତି । ଏପରିକି ଓଡ଼ିଶାବାସୀ ଇଂରାଜୀ କିମ୍ବା ହିନ୍ଦୀ ଭାଷା କହି ନିଜକୁ ଓଡ଼ିଆ ବୋଲି ଗୋପନ ରଖନ୍ତି । ଏହାଠାରୁ ବଳି ଲଜ୍ଜାର ବିଷୟ ଆଉ କ'ଣ ଥାଇପାରେ ? ମାତୃଭାଷା ପ୍ରତି ଆମ୍ଭମାନଙ୍କର ଏପରି ଘୃଣ୍ୟ ଭାବ କାହିଁକି ?

ଗଙ୍ଗାଧର କହନ୍ତି-

"ମାତୃଭୂମି ମାତୃଭାଷାର ମମତା ଯା
ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନୀ ରହିବେ କାହିଁ ।"

କେତେ ଯେ ବାଧା ବିପତ୍ତି ମଧ୍ୟ ଦେଇ ଓଡ଼ିଆ ଭାଷା ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରି ପାରିଛି ତାହା ହୁଏତ ଆପଣମାନଙ୍କୁ ଜଣାଥିବ । ଏହି ଓଡ଼ିଶାରେ ରାଜା ମହାରାଜାମାନେ ଶାସନ କରି ନିଜ ନିଜର ପ୍ରଭୁତ୍ୱ ବିସ୍ତାର କରି ଓଡ଼ିଆ ଭାଷାକୁ ଦୂରେଇ ଦେବାକୁ ଚେଷ୍ଟା କରିଥିଲେ । ବଙ୍ଗାଳୀମାନେ ମଧ୍ୟ ନିଜର ଭାଷାର ସ୍ୱାତନ୍ତ୍ର୍ୟ ଆରୋପ କରି 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷାନୟ' ବୋଲି ଆନ୍ଦୋଳନ କରିଥିଲେ । କିନ୍ତୁ କେହି ହେଲେ ସଫଳତା ଲାଭ କରିପାରି ନଥିଲେ । ଓଡ଼ିଶାର ସାହିତ୍ୟ ଓ ଭାଷାପ୍ରେମୀ ସୁଯୋଗ୍ୟ ସନ୍ତାନଙ୍କ ଅକ୍ଳାନ୍ତ ଉଦ୍ୟମ ଓ ଅପ୍ରତିହତ ସଂଗ୍ରାମରୁ ସୃଷ୍ଟିଲାଭ କରିଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ।

ଫକୀରମୋହନ, ଗୋପବନ୍ଧୁ, ଗଙ୍ଗାଧର, ରାଧାନାଥ ଓ ମଧୁସୂଦନଙ୍କ ଅବଦାନ ଏଥିପାଇଁ ଅବଶ୍ୟ ସ୍ମରଣଯୋଗ୍ୟ । ଆଜି ମାକ୍‌ଲେକ ଭୂତ ସମସ୍ତଙ୍କୁ ଗ୍ରାସ କରିଛି । ଇଂରାଜୀ ଭାଷା ପ୍ରତି ଅହେତୁକ ଦୁର୍ବଳତା ସମସ୍ତଙ୍କୁ ପ୍ରଭାବିତ କରିଛି । ଉଚ୍ଚଶିକ୍ଷିତ ବ୍ୟକ୍ତିଗଣ ପ୍ରଥମେ ତାଙ୍କର ସନ୍ତାନ ସନ୍ତତିକୁ ଓଡ଼ିଆ ଶିକ୍ଷା ନ ଦେଇ ଇଂରାଜୀ ଶିକ୍ଷା ଦେଇଥାନ୍ତି । ସେମାନଙ୍କର ଧାରଣା ଯେ ଇଂରାଜୀ ଶିକ୍ଷା ମାଧ୍ୟମରେ ହିଁ ତାଙ୍କର ସନ୍ତାନଗଣ ଭବିଷ୍ୟତରେ ନିଜକୁ ବେଶ୍ ଉଚ୍ଚ ପଦବୀରେ ପ୍ରତିଷ୍ଠିତ କରିପାରିବେ । କିନ୍ତୁ ସେମାନେ ଜାଣିପାରନ୍ତି ନାହିଁ ଯେ, ଯେତେ ଇଂରାଜୀ କହିଲେ ବା କୋଟ୍, ପ୍ୟାଣ୍ଟ୍ ପିନ୍ଧି ଉଚ୍ଚ ପଦବୀ ଲାଭ କଲେ ମଧ୍ୟ ସେ ଇଂରେଜୀ ହୋଇ ପାରିବେ ନାହିଁ । ସେ ଓଡ଼ିଆ ବୋଲି ପରିଚୟ ଦେବ, କିମ୍ବା ତାର କଳା କେଶ କେବେ ସାହେବ ପରି ଧଳା ହୋଇଯିବନି ।

"ପିନ୍ଧି Waist Coat କଥା କୁହ
ଇଂରାଜୀରେ
ଖାଅ ଦରସିଝା ମାଂସ ଦୁର୍ଗନ୍ଧ ପନିର
ଠିଆ ହୋଇ ମୁତ ଅବା ଘସ ନାହିଁ
ଦାନ୍ତ
ଇଂରେଜୀ ନ ହେବ, ଥିବ ଓଡ଼ିଆ
ନିତାନ୍ତ
ମୟୂର ଲାଞ୍ଜକୁ ଗୁଞ୍ଜି ବୁଲ ନାହିଁ ଆଉ
ନ ହେବ ମୟୂର, ଥିବ ଯେ କାଉ
ସେ କାଉ ।"

ଏପରିକି ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବିଷୟ ଶିକ୍ଷା ଦିଆଯିବ, ଏ କଥାକୁ ଓ ସେମାନେ ଆଦୌ ପସନ୍ଦ କରୁନାହାନ୍ତି । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବିଷୟ ନେଇ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀମାନେ ଅନ୍ୟମାନଙ୍କ ଦ୍ୱାରା ବହୁବାର ସମାଲୋଚନା ହୋଇଥାନ୍ତି ।

ମୁଁ ମଧ୍ୟ ଜଣେ ଓଡ଼ିଆ ଛାତ୍ର ହିସାବରେ ଅନେକଙ୍କ ଦ୍ୱାରା ବହୁବାର ସମାଲୋଚିତ ହୋଇଅଛି । ଏଣୁ ମୁଁ ସମୀକ୍ଷା କରି ଦେଖିଲି ମାତୃଭାଷା ପ୍ରତି ଆମ ଓଡ଼ିଆଙ୍କ ଜନ୍ମିଥିବା ଏହି ମନୋଭାବର କାରଣ ହେଲା- ଯେଉଁ ଛାତ୍ରଛାତ୍ରୀମାନେ ପ୍ରବଳ ଆଗ୍ରହର ସହ ଏହାକୁ ପାଠ୍ୟକ୍ରମ ଭାବେ ଅଧ୍ୟବସାୟ କରିଥାନ୍ତି ସେମାନେ ଅନ୍ୟ ବିଷୟ ତୁଳନାରେ ଅଧିକ ନମ୍ବର ପରୀକ୍ଷାରେ ରଖିପାରୁ ନାହାନ୍ତି । ଏହାର ଆଉ ଗୋଟିଏ ଦିଗ ହେଲା ଏହି ପାଠ୍ୟକ୍ରମ ଦ୍ୱାରା ବିଶେଷ କର୍ମନିଯୁକ୍ତିର ସୁଯୋଗ ନାହିଁ । ଏହି କାରଣ ହେତୁ କଲେଜ ସ୍ତରରେ ୭୫ ପ୍ରତିଶତ ସ୍ଥାନ ଖାଲି ରହୁଛି । ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ସରକାର କେତେକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ।

ଓଡ଼ିଆ ମାଧ୍ୟମ ସ୍କୁଲମାନଙ୍କରେ ଓଡ଼ିଆ ପ୍ରଥମ ଭାଷା ହୋଇଥିବା ବେଳେ ଇଂରାଜୀ ମାଧ୍ୟମ ସ୍କୁଲରେ ଏହାକୁ ତୃତୀୟ ଭାଷା ଭାବେ ଗ୍ରହଣ କରାଯାଇଛି । ଏହି ସବୁ ବିଦ୍ୟାଳୟରେ ଓଡ଼ିଆ ଭାଷାକୁ ପ୍ରଥମ ବା ଦ୍ୱିତୀୟ ବିଷୟ ରୂପେ ରଖାଗଲେ ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି ହୋଇପାରିବ । ସେହିଭଳି ବୈଷୟିକ, ମେଡ଼ିକାଲ ଓ ଜେଇଇ ଭଳି ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଓଡ଼ିଆ ବିଷୟ ରଖାଗଲେ ଏହାର ଗୁରୁତ୍ୱ ବଢ଼ିବ । ଏତଦ୍‌ବ୍ୟତୀତ ଅର୍ଥନୀତି, ରାଜନୀତି ବିଜ୍ଞାନ, ଦର୍ଶନଶାସ୍ତ୍ର, ଇତିହାସ ଇତ୍ୟାଦି ବିଷୟ ମାତୃଭାଷା ମାଧ୍ୟମରେ ଶିକ୍ଷା ଦେଲେ ସାଧାରଣ ବ୍ୟକ୍ତି ମଧ୍ୟ ଏଥିରୁ ଜ୍ଞାନଲାଭ କରିପାରିବ ଏବଂ ତାର ଏହି ବିଷୟ ପ୍ରତି ଆଗ୍ରହ ଜନ୍ମିବ । ବିଶେଷକରି ବିଶ୍ୱବିଦ୍ୟାଳୟ ସ୍ତରରେ ଆଞ୍ଚଳିକ ଭାଷାକୁ ଶିକ୍ଷାର ମାଧ୍ୟମ କରାଗଲେ ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହେବେ । ଓଡ଼ିଆ ବିଷୟ ରଖି ପାଶ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରାଗଲେ ଏହି ଭାଷାର ଗୁରୁତ୍ୱ ବୃଦ୍ଧି ପାଇବ ।

ବାସ୍ତବିକ ଭାଷାର ବନ୍ଧନ ସବୁଠାରୁ ବଡ଼ ବନ୍ଧନ । ପରକୁ ଆପଣାର କରିବା ପାଇଁ ଏହା ଏକ ଅମୋଘ ଅସ୍ତ୍ର । ତେଣୁ ପ୍ରତ୍ୟେକେ ନିଜ ନିଜର ଭାବଧାରାକୁ ମାତୃଭାଷା ମାଧ୍ୟମରେ ପ୍ରକାଶ କରିବା ସଂଗେ ସଂଗେ ଏହି ଭାଷାରେ ଶିକ୍ଷାଦାନ ଏକାନ୍ତ ଆବଶ୍ୟକ ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*



EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

ପ ରି କ୍ର ମା




ଭୁବନେଶ୍ୱର, ୨୨ - ୨୮ ଫେବୃଆରୀ, ୨୦୨୧




### ନକଲି ଶିକ୍ଷକ ଯାଞ୍ଚ ପାଇଁ ଗଣଶିକ୍ଷା ବିଭାଗର ତତ୍ପରତା

# ଆଧାରରେ ତ୍ରୁଟି ଥିଲେ ଘୋଷଣାନାମା ଦାଖଲ କର

**ଭୁବନେଶ୍ୱର :** ଗତ କିଛିଦିନ ହେବ ରାଜ୍ୟରେ ନକଲି ଶିକ୍ଷକ ଶିକ୍ଷାଗତ ଯୋଗ୍ୟତା ଦେଇ ନିଯୁକ୍ତି ପାଇଥିବା ଶିକ୍ଷକ ଧରାପଡୁଛନ୍ତି। ଗତ ଗୁରୁବାର ମଧ୍ୟ ନବରଙ୍ଗପୁରରୁ ଜଣେ ଭୂତ ଶିକ୍ଷକ ଧରାପଡ଼ିଛନ୍ତି। ନକଲି ସାର୍ଟିଫିକେଟ୍ ଦେଇ ନିଯୁକ୍ତି ପାଇଥିବା ପରେ ୬ବର୍ଷ ପରେ ଜାଲ୍ ସାର୍ଟିଫିକେଟ୍ ଥିବା ଧରାପଡ଼ିବା ବେଳେ ତାଙ୍କୁ ଗିରଫ କରାଯାଇଛି। ଏପରିକି ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରାୟ ୧୫ହଜାରରୁ ଅଧିକ ଭୂତ ବା ନକଲି ଶିକ୍ଷକ ଥିବା ଅନୁମାନ କରାଯାଉଛି। କାରଣ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଶିକ୍ଷକଙ୍କ ଆଧାର ଲିଙ୍କ୍ ଶତପ୍ରତିଶତ ସଫଳ ହୋଇପାରିଲା ନାହିଁ। ଏବେ ମଧ୍ୟ ପ୍ରାୟ ୫ରୁ ୭% ଶିକ୍ଷକଙ୍କ ଆଧାର ଲିଙ୍କ୍ ନଥିବା ଜଣାପଡ଼ିଛି। ଭୂତ ଶିକ୍ଷକ ନିଯୁକ୍ତି ପାଇଥିବା ଶିକ୍ଷା ସହାୟକ ନିଯୁକ୍ତି ସମୟରେ ଠିକ୍ ଭାବେ ସାର୍ଟିଫିକେଟ୍ ଯାଞ୍ଚ ହୋଇନଥିବା ବେଳେ କିଛି ଶିକ୍ଷକଙ୍କ ଆଧାର ଲିଙ୍କ୍ ନଥିବାରୁ ଏଭଳି ନକଲି ଶିକ୍ଷକଙ୍କ କାରନାମା ଧରାପଡ଼ିବାରେ ବିଳମ୍ବ ହୋଇଛି। ତେବେ ଏହି ନକଲି ଶିକ୍ଷକ ଏବଂ ଶିକ୍ଷା ବିଭାଗ ସହ ଜଡ଼ିତ ବିଭିନ୍ନ ପଦବୀରେ ନିଯୁକ୍ତି ପାଇଥିବା ପିଲାଙ୍କୁ ଧରିବା ଲାଗି ଗଣଶିକ୍ଷା ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଆକ୍ସନ୍‌ପ୍ଲାନ୍। ଯେଉଁ ଶିକ୍ଷକଙ୍କ ଆଧାରରେ ତ୍ରୁଟି ରହିଛି ସମ୍ପୃକ୍ତ ଶିକ୍ଷକମାନେ ବିଇଓ କାର୍ଯ୍ୟାଳୟରେ ଖୁବ୍‌ଶୀଘ୍ର ଘୋଷଣାନାମା ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ରାଜ୍ୟରେ ଶିକ୍ଷକଙ୍କ ଶିକ୍ଷାଦାନ ପଦ୍ଧତି ଯାଞ୍ଚ କରାଯିବା ସହ ସବୁ ଶିକ୍ଷକଙ୍କ ତଥ୍ୟ ୟୁଡାଇସ୍ ମାଧ୍ୟମରେ ରଖିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଏହି ପ୍ରକ୍ରିୟା ଆରମ୍ଭ ହେବା ପରେ ରାଜ୍ୟରେ ବହୁ ନକଲି ଶିକ୍ଷକ ଧରାପଡ଼ିଥିଲେ। ତେବେ ଆଧାର ଲିଙ୍କ୍ ସଂଯୋଗ କରାଯିବା ପରେ ବାହାର ଅନୁଷ୍ଠାନରୁ ବିଭିନ୍ନ ସାର୍ଟିଫିକେଟ୍ ପାଇଥିବା ପ୍ରାୟ ୧୫ପ୍ରତିଶତ ଶିକ୍ଷକଙ୍କ ଜାଲ ଥିବା ମଧ୍ୟ ଧରାପଡ଼ିଥିଲା। ଏପରି ସମସ୍ୟା ଲାଗି ରାଜ୍ୟରେ ସବୁ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା କଡ଼ାକଡ଼ି ଭାବେ ଯାଞ୍ଚ କରି ୟୁଡାଇସ୍‌ରେ ରଖିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରାଯାଇନଥିବାରୁ ଏବେ ଗୋଟିଏ ପରେ ଗୋଟିଏ ନକଲି ଶିକ୍ଷକ ଧରାପଡୁଛନ୍ତି। ରିପୋର୍ଟ ଅନୁଯାୟୀ, ରାଜ୍ୟରେ କେବଳ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷକଙ୍କ ସଂଖ୍ୟା ୧ଲକ୍ଷ ୯୭ହଜାର ୩୨୬ ରହିଛି। ସେଥିରୁ ପ୍ରାଥମିକ ଶିକ୍ଷକଙ୍କ ସଂଖ୍ୟା ୧ଲକ୍ଷ ୩୦ହଜାର ୫୧୬ଜଣ ଏବଂ ଉଚ୍ଚ ପ୍ରାଥମିକ ଶିକ୍ଷକଙ୍କ ସଂଖ୍ୟା ୬୬ହଜାର ୮୧୦ ରହିଛି। ଜିଲ୍ଲାୱାରୀ ରିପୋର୍ଟ ଅନୁଯାୟୀ, ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୩ହଜାର ୯୮୫ଜଣ ଶିକ୍ଷକ ଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୧୩ହଜାର ୮୭୬, ବାଲେଶ୍ୱରରେ ୧୦ହଜାର ୩୯୫ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ତେବେ ଖୋର୍ଦ୍ଧା ଜିଲ୍ଲାରେ ୟୁଡାଇସ୍ ରିପୋର୍ଟ ଅନୁଯାୟୀ, ପ୍ରାଥମିକ ଶିକ୍ଷକଙ୍କ ସଂଖ୍ୟା ୩୯୩୪ ଏବଂ ଉଚ୍ଚପ୍ରାଥମିକ ଶିକ୍ଷକଙ୍କ ସଂଖ୍ୟା ୨୫୩୧ ରହିଛି। ମାତ୍ର ଖୋର୍ଦ୍ଧା ଜିଲ୍ଲାରେ ସବୁ ଶିକ୍ଷକଙ୍କ ତଥ୍ୟ ନଥିବାବେଳେ ବର୍ତ୍ତମାନ ସୁଦ୍ଧା କେବଳ ଏହି ଜିଲ୍ଲାରେ ୮ପ୍ରତିଶତ ଶିକ୍ଷକଙ୍କ ଆଧାର ଲିଙ୍କ୍ ହୋଇପାରି ନାହିଁ। ମୋଟ୍ ଉପରେ ୧୩ହଜାର ଶିକ୍ଷକଙ୍କ କୌଣସି ତାଳମେଳ ନଥିବା ଅଭିଯୋଗ ମଧ୍ୟ ହୋଇଛି। ଏମାନଙ୍କ ମଧ୍ୟରୁ ପ୍ରାୟ ସାଢ଼େ ଛଅ ହଜାର ଶିକ୍ଷକଙ୍କ ଆଧାର ଲିଙ୍କ୍ ନଥିବା ବେଳେ ୫ହଜାର ଶିକ୍ଷକଙ୍କ ଆଧାରରେ ତ୍ରୁଟି ରହିଛି। ସେହିପରି ଅଢ଼େଇ ହଜାର ଶିକ୍ଷକଙ୍କ ବ୍ୟକ୍ତିଗତ ତଥ୍ୟ ଏବଂ ଆଧାର ଲିଙ୍କ୍‌ରେ ବ୍ୟବଧାନ ରହୁଛି। ଏପରିକି, ଖୋର୍ଦ୍ଧା ଜିଲ୍ଲାରେ ୬ଟି ପ୍ରାଥମିକ ସ୍କୁଲରେ ଜଣେ ଲେଖାଏଁ ଶିକ୍ଷକ ଥିବାବେଳେ ୫୪୨ଟି ପ୍ରାଥମିକ ଏବଂ ୫ଟି ଉଚ୍ଚପ୍ରାଥମିକ ସ୍କୁଲରେ ୨ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ସେହିପରି ୧୯୪ଟି ପ୍ରାଥମିକ ଏବଂ ୨୬ଟି ଉଚ୍ଚପ୍ରାଥମିକ ସ୍କୁଲରେ ୩ଜଣ ଶିକ୍ଷକ, ୬୩ଟି ପ୍ରାଥମିକ ଏବଂ ୫୭ଟି ଉଚ୍ଚପ୍ରାଥମିକ ସ୍କୁଲରେ ୪ଜଣ ଶିକ୍ଷକ ଏବଂ ୩୬ଟି ପ୍ରାଥମିକ ଏବଂ ୯୫ଟି ଉଚ୍ଚପ୍ରାଥମିକ ସ୍କୁଲରେ ୫ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ରାଜ୍ୟରେ ଉଭୟ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ଶିକ୍ଷାରେ ବିକାଶ ଲାଗି ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ସ୍କୁଲରେ ଏପରି ଶିକ୍ଷକଙ୍କ ନିଯୁକ୍ତି ନେଇ ଚର୍ଚ୍ଚା ହେଉଛି। ଏପରକି ଶିକ୍ଷାଗତ ଯୋଗ୍ୟତାରେ ମୋଟ୍ ଉପରେ ୧୫ପ୍ରତିଶତ ଶିକ୍ଷକଙ୍କ +୩ ସ୍ତରରେ ସମସ୍ୟା ଥିବା ଅଭିଯୋଗ ହୋଇଥିବାବେଳେ ୨୨ପ୍ରତିଶତ ଶିକ୍ଷକଙ୍କ ବିଇଡି ଏବଂ ୧୩ପ୍ରତିଶତ ଶିକ୍ଷକଙ୍କ ଉଚ୍ଚଶିକ୍ଷା ସାର୍ଟିଫିକେଟ୍‌ରେ ତାଳମେଳ ନଥିବା ଅଭିଯୋଗ ହେଉଛି। ତେବେ ନିଯୁକ୍ତି ସମୟରେ ଏପରି ସମସ୍ୟା ଉପରେ କାହିଁକି ନଜର ଦିଆଯାଇନଥିବା ବୋଲି ସାଧାରଣରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସ୍କୁଲ ଓ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ରାଜ୍ୟରେ ଜିଲ୍ଲାୱାରୀ ସବୁ ଶିକ୍ଷକଙ୍କ ତଥ୍ୟର ଯାଞ୍ଚ କରାଯାଉଛି। ଏନେଇ ସବୁ ବିଇଓ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଠିକ୍‌ଭାବେ ସାର୍ଟିଫିକେଟ୍ ଯାଞ୍ଚ କରିବା ନିର୍ଦ୍ଦେଶ ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୁଣି ଲକ୍‌ଡାଉନ ...

ବାବଦରେ ବିଶଦ୍ ଭାବେ ବଖାଣିଛନ୍ତି। ସାହସର ସହ ଓଡ଼ିଶା ଏହି ସଂକଟର ମୁକାବିଲା କରି ଦେଶରେ ଅଗ୍ରଣୀ ରାଜ୍ୟ ମାନ୍ୟତା ପାଇଥିବାବେଳେ ବିଶ୍ୱବ୍ୟାପୀ ଉଦାହରଣ ସୃଷ୍ଟିକରିଛି। ସବୁ କ୍ଷେତ୍ରରେ ସରକାରଙ୍କ ଆଗୁଆ ପଦକ୍ଷେପ ବହୁ ଜୀବନ ରକ୍ଷା କରିବା ସାଙ୍ଗକୁ ରାଜ୍ୟର ଅର୍ଥନୀତିକୁ ମଧ୍ୟ ପୂର୍ବସ୍ଥିତିକୁ ଫେରାଇ ଆଣିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମାନବ ସଭ୍ୟତାର ଇତିହାସରେ କେବେ ବି ଏପରି ଏକ ଭୟଙ୍କର ମହାମାରୀ ସାରା ବିଶ୍ୱକୁ କବଳିତ କରି ନଥିଲା। ଏହା କେବଳ ଏକ ଜନସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ଏହା ସମସ୍ତଙ୍କର ଅର୍ଥନୀତି ତଥା ଜୀବନ ଜୀବିକାକୁ ମଧ୍ୟ ଭୀଷଣ କ୍ଷତି କରିଛି। ସମସ୍ତେ ଏକ ଅଜଣା ଓ ଅଦୃଶ୍ୟ ଶତ୍ରୁ ବିରୋଧରେ ସଂଗ୍ରାମ କରୁଥିଲୁ। ସେ ଯାହାହେଉ ନା କାହିଁକି ଏକ ସମାଜ ଭାବରେ ଆମେ ସାହସ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଏହାର ଫଳପ୍ରଦ ମୁକାବିଲା କରିପାରିଛୁ। କୋଭିଡ-୧୯ ମହାମାରୀ ସୃଷ୍ଟିକରିଥିବା ଆହ୍ୱାନକୁ ସମ୍ମୁଖୀନ ହେବାରେ ଆମର ବିପର୍ଯ୍ୟୟ ପ୍ରସ୍ତୁତି ତଥା ଜନସାଧାରଣଙ୍କ ସହଯୋଗ ପାଇଁ ମୁଁ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଉଛି। ମହାମାରୀର ସଫଳ ମୁକାବିଲା ପାଇଁ ଓଡ଼ିଶା ଡବ୍ଲୁଏଚ୍‌ଓ ତଥା ଅନ୍ୟ ପ୍ରସିଦ୍ଧ ଅନୁଷ୍ଠାନଗୁଡ଼ିକ ଦ୍ୱାରା ମଧ୍ୟ ପ୍ରଶଂସିତ ହୋଇଛି। ଆମର ପଞ୍ଚାୟତ ପ୍ରତିନିଧିମାନଙ୍କ ଠାରୁ ଆରମ୍ଭ କରି ମିଶନ ଶକ୍ତିର ମା', ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ପୁଲିସ ଇତ୍ୟାଦି ସମସ୍ତଙ୍କ କଠିନ ପରିଶ୍ରମ ପାଇଁ ଏହା ସମ୍ଭବ ହୋଇପାରିଥିଲା। ଏହି ସଂଗ୍ରାମରେ ଶହୀଦ ହୋଇଥିବା ଆମର କୋଭିଡ୍ ଯୋଦ୍ଧାମାନଙ୍କ ତ୍ୟାଗକୁ ସ୍ମରଣ ରଖାଯିବ। ଏହି ଯୋଦ୍ଧାମାନଙ୍କ ପରିବାରକୁ ସରକାର ସବୁପ୍ରକାର ସହଯୋଗ ଯୋଗାଇ ଦେବେ। ଯଦିଓ ସଂକ୍ରମଣ କମିଛି; ତଥାପି ଯୁଦ୍ଧ ବିରତି ପାଇଁ ଆମକୁ ଆହୁରି ପଥ ଅତିକ୍ରମ କରିବାକୁ ହେବ। ମହାରାଷ୍ଟ୍ର ତଥା ଅନ୍ୟ କେତେକ ରାଜ୍ୟରେ ଏବେ ଯେଉଁଳି କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ପୁଣି ବୃଦ୍ଧିପାଉଛି ତାହା ଚିନ୍ତାଜନକ। ତେଣୁ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରଖିବା ଏବଂ କୋଭିଡ ନିୟମାବଳୀକୁ କଡ଼ାକଡ଼ି ଭାବରେ ପାଳନ କରିବା ପାଇଁ ମୁଁ ଓଡ଼ିଶାବାସୀଙ୍କୁ ଅନୁରୋଧ କରୁଛି। ଆମ ସରକାର ସବୁବେଳେ ଗୋଟିଏ ଲକ୍ଷ୍ୟ ନେଇ କାମ କରୁଛି, ତାହା ହେଲା ପ୍ରତିଟି ଜୀବନ ଆମ ପାଇଁ ମୂଲ୍ୟବାନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ବିକାଶ ନେଇ ସରକାର କ'ଣ କାର୍ଯ୍ୟକ୍ରମ ରଖିଛନ୍ତି ଏନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିକାଶ ପାଇଁ ଜିଲ୍ଲା ଚିକିତ୍ସାଳୟ ତଥା ମେଡ଼ିକାଲ କଲେଜ ପରି ବଡ଼ ବଡ଼ ସ୍ୱାସ୍ଥ୍ୟ ପ୍ରକଳ୍ପ କାମ ଜାରି ରହିଛି। ଏସ୍‌ସିବି ମେଡିକାଲ କଲେଜକୁ ଦେଶର ଏକ ଅଗ୍ରଣୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭାବରେ ଗଢ଼ିବା ପାଇଁ ୩୫୦୦ କୋଟି ଟଙ୍କା ବିନିଯୋଗ ପ୍ରସ୍ତାବ ରହିଛି। ଉଚ୍ଚସ୍ତରୀୟ ସ୍ୱାସ୍ଥ୍ୟ ଭିତ୍ତିଭୂମି ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ଆମ ରାଜ୍ୟର ଲୋକମାନେ ମାଗଣାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ମହାମାରୀ ପ୍ରଭାବରୁ ରାଜ୍ୟ ଅର୍ଥନୀତିକୁ ପୁନରୁଦ୍ଧାର କରିବା ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଥିଲେ ହେଁ ଏହା ଏବେ ପୂର୍ବ ଅବସ୍ଥାକୁ ଫେରିଆସିଛି ଏବଂ ଗତବର୍ଷର ଏହି ସମୟ ତୁଳନାରେ ରାଜସ୍ୱ ୭.୫% ବୃଦ୍ଧି ପାଇଥିବା ମୁଖ୍ୟମନ୍ତ୍ରୀ ଖୁସିର ସହ ଜଣାଇଛନ୍ତି। ଓଡ଼ିଶାର ଆର୍ଥିକ ସ୍ଥିତି ଦେଶର ଅନ୍ୟ ରାଜ୍ୟମାନଙ୍କ ଠାରୁ ବହୁତ ଭଲ ଅଛି ବୋଲି ସେ କହିଛନ୍ତି। ମହାମାରୀ ସତ୍ତ୍ୱେ ଗତ ଏକ ବର୍ଷ ମଧ୍ୟରେ ଓଡ଼ିଶାରେ ୧.୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ବିନିଯୋଗ ହୋଇଛି। ଷ୍ଟାର୍ଟଅପ୍ ରାଙ୍କିଂରେ ମଧ୍ୟ ଆମେ ଟପ୍ ପର୍ଫମର ହୋଇପାରିଛୁ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ଐତିହ୍ୟ ସଂରକ୍ଷଣ ଏବଂ ବିକାଶ ଆମର ସର୍ବୋଚ୍ଚ ପ୍ରାଥମିକତା ରହି ଆସିଛି। ପୁରୀ, ଏକାମ୍ର କ୍ଷେତ୍ର, ମା' ସମଲେଶ୍ୱରୀ, ହରିଶଙ୍କର, ନୃସିଂହନାଥ, କୋଣାର୍କ, ତାରାତାରେଣୀ ଆଦି ପୀଠ ମାନଙ୍କରେ ବ୍ୟାପକ ବିକାଶ ପାଇଁ ପଦକ୍ଷେପ ନେଇଛୁ। ପୁରୀରେ ଏକ ଆନ୍ତର୍ଜାତିକ ବିମାନବନ୍ଦର ପାଇଁ ପ୍ରସ୍ତାବ ଦେଇଛୁ। ଇକୋ ରିଟ୍ରିଟ୍ ପ୍ରୋଜେକ୍ଟ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛି ଏବଂ ଏହା ପର୍ଯ୍ୟଟନ କ୍ଷେତ୍ରକୁ ଚଳଚଞ୍ଚଳ କରିଛି। ଏହାସହ ଆମର ବେଳାଭୂମି ଓ ପର୍ଯ୍ୟଟନ ଭିତ୍ତିଭୂମି ବିଶ୍ୱସ୍ତରୀୟ ହେବାର ସାମର୍ଥ୍ୟ ରଖିଥିବା ପୁରୀର ବ୍ଲୁ ଫ୍ଲାଗ୍ ବିଚ୍ ପ୍ରମାଣିତ କରିଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସେହିଭଳି ଉଭୟ ସହର ଓ ଗ୍ରାମାଞ୍ଚଳରେ ପାଇପ୍ ପାଣି ଯୋଗାଣ ଆମର ଏକ ମୁଖ୍ୟ ଫୋକସ୍ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଜଣାଇଛନ୍ତି ଯେ ୭,୨୦୦ କୋଟି ଟଙ୍କାର ୨୭ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ କାମ ଆରମ୍ଭ ହୋଇଛି। ଶତ ପ୍ରତିଶତ ଘରକୁ ପାଇପ୍ ପାଣି ଯୋଗାଇବାରେ ଭୁବନେଶ୍ୱର ଦେଶର ପ୍ରଥମ ପ୍ରମୁଖ ସହର। ଅନ୍ୟପଟେ ଗଭୀର ନଳ କୂଳ ଯୋଜନା ଏବଂ ପାର୍ବତୀଗିରି ମେଗା ଉଠା ଜଳସେଚନ ଯୋଜନା ରାଜ୍ୟର ଜଳସେଚନ ଦୃଶ୍ୟପଟ୍ଟରେ ବ୍ୟାପକ ପରିବର୍ତ୍ତନ ଆଣିଛି। ଜଳସମ୍ବଳର ଦକ୍ଷ ପରିଚାଳନା ତଥା ସଂରକ୍ଷଣ ପାଇଁ ଆଗାମୀ ୪.୫ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ସେ ଜଣାଇଛନ୍ତି। କାଳିଆ ଓ ବଳରାମ ଯୋଜନା କୃଷି କଲ୍ୟାଣ କ୍ଷେତ୍ରରେ ସାରା ଦେଶରେ ଅଗ୍ରଦୂତ ସାଜିଛି। ମାଣ୍ଡିଆ ମିଶନକୁ ନିତି ଆୟୋଗ ଶ୍ରେଷ୍ଠ ମଡେଲ ସ୍ୱୀକୃତି ପ୍ରଦାନ କରିଛି। ସମାନଭାବେ ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟର ମାନ୍ୟତା ପାଇଥିବା କଥା ମଧ୍ୟ ସେ ଦର୍ଶାଇଛନ୍ତି। ଶେଷରେ ୫-ଟି ନୀତି ତଥା ମୋ ସରକାର କାର୍ଯ୍ୟକ୍ରମ ଜରିଆରେ ରାଜ୍ୟର ସମସ୍ତ ବିଭାଗ ଏବଂ ସବୁ ସରକାରୀ ସେବାରେ ପରିବର୍ତ୍ତନ ଆଣିବା ପାଇଁ ପଦକ୍ଷେପ, ଅନ୍‌ଲାଇନ ସେବା ଏବଂ ରୂପାନ୍ତରମୂଳକ ଉପକ୍ରମକୁ ବଡ଼ ସଫଳତା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ସରକାରୀ ସେବା ଯୋଗାଣରେ ଦକ୍ଷତା ଏବଂ ଗୁଣବତ୍ତା କ୍ଷେତ୍ରରେ ଆସିଥିବା ପ୍ରଭେଦକୁ ଜନସାଧାରଣ ଭଲଭାବରେ ଉପଲବ୍ଧି କରୁଛନ୍ତି ଏବଂ ଫିଡ୍‌ବ୍ୟାକରେ ଏହାର ସ୍ପଷ୍ଟ ସୂଚନା ମିଳୁଥିବା ସେ ଜଣାଇଛନ୍ତି। ଏହାସହ କହିଛନ୍ତି ଯେ ଆମେ ଏପରି ଏକ ସଶକ୍ତ ଓଡ଼ିଶା ଗଠନ ପାଇଁ ଦୃଢ଼ ଭାବରେ ଅଗ୍ରସର ହେଉଛୁ, ଯାହାକି ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ସହ ସେମାନଙ୍କୁ ବଡ଼ ବଡ଼ ସ୍ୱପ୍ନ ଦେଖିବା ଏବଂ ସେମାନଙ୍କ ସାମର୍ଥ୍ୟକୁ ସଫଳ ରୂପ ଦେବାରେ ଅମାପ ସୁଯୋଗ ଦେବ।

### ଲକର୍ ଦାୟିତ୍ୱ ...

ବୋଲି କହିଛନ୍ତି ସୁପ୍ରିମକୋର୍ଟ। ଆରବିଆଇକୁ ନୂଆ ନିୟମ କରିବାକୁ କହି ସୁପ୍ରିମକୋର୍ଟ ଏହାର ଗାଇଡ୍ ଲାଇନ୍ ବି ଜାରି କରିଛନ୍ତି। ଗାଇଡଲାଇନ ଗୁଡ଼ିକ ହେଲା- ଲକର ଭାଙ୍ଗିବା ପୂର୍ବରୁ ବ୍ୟାଙ୍କ କର୍ତ୍ତୃପକ୍ଷ ନିଶ୍ଚିତ ଭାବେ ଗ୍ରାହକଙ୍କୁ ଅବଗତ କରିବେ। ଲକର ପରିଚାଳନା ନେଇ ଆରବିଆଇ ୬ ମାସ ଭିତରେ ନୂଆ ନିୟମ ପ୍ରସ୍ତୁତ କରିବ। ଲକର୍‌ରେ ଥିବା ସାମଗ୍ରୀ ହଜିଲେ ବ୍ୟାଙ୍କକୁ ଦାୟୀ କରିବା ନେଇ ଆରବିଆଇ ନିୟମ କରିବ। ଲକର୍‌ରେ କ'ଣ ଅଛି ତାହା ଜାଣି ନାହିଁ କହି ବ୍ୟାଙ୍କ କର୍ତ୍ତୃପକ୍ଷ ନିଜ ଦାୟିତ୍ୱରୁ ଖସି ପାରିବେ ନାହିଁ। ଗ୍ରାହକମାନେ ଭରସା କରି ବ୍ୟାଙ୍କ ହେପାଜତରେ ନିଜ ସମ୍ପତ୍ତି ରଖୁଥିବାରୁ ଗ୍ରାହକଙ୍କୁ ଏମିତି ଅସୁବିଧାରେ ଛାଡ଼ି ପାରିବେ ନାହିଁ। ବ୍ୟାଙ୍କ ଲକର ଦେୟ ପ୍ରଦାନ ନ କରିବା ଅଭିଯୋଗରେ କୋଲକାତାର ଏକ ବ୍ୟାଙ୍କ ସଂପୃକ୍ତ ଗ୍ରାହକଙ୍କୁ ନ ଜଣାଇ ଲକର୍ ଭାଙ୍ଗିଥିଲେ। ପରେ ସେ ବ୍ୟକ୍ତିଜଣକ ଦେଖିଲେ ଯେ, ସେ ଯେତେ ଅଳଙ୍କାର ରଖିଥିଲେ, ସେଥିରୁ କମ୍ ଅଛି। ଏହାର ପ୍ରତିବାଦରେ ସେ ସୁପ୍ରିମକୋର୍ଟ ଯାଇଥିଲେ। ବ୍ୟାଙ୍କକୁ ୫ ଲକ୍ଷ ଟଙ୍କାର ଜୋରିମାନା କରିବା ସହିତ ଲକର୍ ନେଇ ନୂଆ ନିୟମ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦରକାର ପଡିଲେ ସଂପୃକ୍ତ ବ୍ୟାଙ୍କ ଅଧିକାରୀଙ୍କ ଦରମାରୁ ଏହି ଟଙ୍କା ଆଦାୟ କରାଯିବ ବୋଲି କୋର୍ଟ କହିଛନ୍ତି।

### ଧାନ ସଂଗ୍ରହରେ ...

କ୍ରୟ ତାରିଖ ଓ ପରିମାଣ ସମ୍ପର୍କୀୟ ତଥ୍ୟ ସେମାନଙ୍କ ମୋବାଇଲକୁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଜଣାଇ ଦିଆଯାଉଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଠାରୁ ଅଗ୍ରାଧିକାର ଭିତ୍ତିରେ ଧାନ କ୍ରୟ କରାଯାଉଛି। ଗତ ଖରିଫ୍ ତୁଳନାରେ ଚଳିତ ଖରିଫ୍‌ରେ ଅଧିକ ୨୫ ପ୍ରତିଶତ ନାମମାତ୍ର ଚାଷୀ ଓ ୨୦ ପ୍ରତିଶତରୁ ଅଧିକ କ୍ଷୁଦ୍ର ଚାଷୀ ସରକାରଙ୍କୁ ଧାନ ବିକ୍ରୟ କରିଛନ୍ତି। ଚାଷୀଙ୍କ ମୋବାଇଲକୁ ପ୍ରେରିତ ଏସ୍‌ଏମ୍‌ଏସ୍‌ରେ ଧାନକ୍ରୟ ତାରିଖରେ ଚାଷୀ କୌଣସି କାରଣରୁ ମଣ୍ଡିକୁ ଧାନ ନଆଣିପାରିଲେ ପରବର୍ତ୍ତୀ ଏକ ମାସ ମଧ୍ୟରେ ଧାନ ବିକ୍ରି କରିବା ପାଇଁ ମଧ୍ୟ ସୁଯୋଗ ପ୍ରଦାନ କରାଯାଇଛି। ସମସ୍ତ ବୈଧ ଟୋକନ ଅନୁଯାୟୀ ମଣ୍ଡିକୁ ଆସୁଥିବା ଧାନ କ୍ରୟ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଭାରତ ସରକାରଙ୍କ ନିର୍ଦ୍ଧାରଣ ଅନୁସାରେ ସାଧାରଣ ଧାନପାଇଁ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୧୮୬୮ଟଙ୍କା ହାରରେ ଚାଷୀଙ୍କୁ ପ୍ରଦାନ କରାଯାଉଛି । ଫେବୃଆରୀ ୧୯ତାରିଖ ସୁଦ୍ଧା ମୋଟ୍ ୫୫.୦୩ ଲକ୍ଷ ମେଟ୍ରିକ ଟନ ଧାନ କ୍ରୟ କରାଯାଇଛି । ଗତ ଖରିଫ୍‌ରେ ଏହି ଦିନ ସୁଦ୍ଧା ୪୫.୬୧ ଲକ୍ଷ ମେଟ୍ରିକ ଟନ ଧାନ କ୍ରୟ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଧାନ ସଂଗ୍ରହରେ ୨୧ ପ୍ରତିଶତ ବୃଦ୍ଧିଘଟିଛି। ୨୦୧୯-୨୦ ଖରିଫ୍ ଋତୁରେ ସର୍ବମୋଟ୍ ୫୮.୩୧ ଲକ୍ଷ ମେଟ୍ରିକ୍ ଟନ ଧାନ କ୍ରୟ କରାଯାଇଥିଲା । ଚଳିତ ଖରିଫ୍‌ରେ ଧାନ ସଂଗ୍ରହ ବିଗତ ଖରିଫର ଚୂଡାନ୍ତ ଧାନ କ୍ରୟର ପରିମାଣକୁ ମଧ୍ୟ ଅତିକ୍ରମ କରିସାରିଛି । ଏତଦ୍ ବ୍ୟତୀତ ଚଳିତ ଖରିଫ ଧାନ ସଂଗ୍ରହରେ ଚାଷୀ ଅଂଶଗ୍ରହଣ ମଧ୍ୟ ଉତ୍ସାହଜନକ ରହିଛି । ଏପର୍ଯ୍ୟନ୍ତ ୨,୯୩ ଲକ୍ଷ ଚାଷୀ ସରକାରଙ୍କୁ ଖରିଫ ଧାନ ବିକ୍ରୟ କରିଛନ୍ତି। ବିଗତ ବର୍ଷ ଏହି ସମୟ ସୁଦ୍ଧା ୮.୨୩ ଲକ୍ଷ ଚାଷୀ ସରକାରଙ୍କୁ ଖରିଫ ଧାନ ବିକ୍ରି କରିଥିଲେ। ୨୦୨୦ ମାର୍ଚ୍ଚ ୩୧ସୁଦ୍ଧା ଅର୍ଥାତ ସଂଗ୍ରହ କାର୍ଯ୍ୟ ପରିସମାପ୍ତି ବେଳକୁ ଧାନ ବିକ୍ରି କରିଥିବା ଚାଷୀଙ୍କ ସଂଖ୍ୟା ଥିଲା ୨.୫୬ ଲକ୍ଷ । ଖରିଫ ଋତୁ ପାଇଁ ଜଳସେଚିତ ଜମିରୁ ଏକର ପ୍ରତି ୧୯ କ୍ୱିଣ୍ଟାଲ ଏବଂ ଅଣଜଳସେଚିତ ଜମିରୁ ଏକର ପ୍ରତି ୧୩ କ୍ୱିଣ୍ଟାଲ ହିସାବରେ ଖରିଫ ଧାନ କ୍ରୟ କରାଯାଉଛି । ସଂଗୃହୀତ ଧାନର ମୂଲ୍ୟ ୧୦,୨୮୧ କୋଟି ଯାହା ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଅନଲାଇନ ପ୍ରକ୍ରିୟାରେ ପ୍ରେରଣ କରାଯାଇଛି । ଶ୍ରୀ ସ୍ୱାଇଁ କହିଥିଲେ, ସଅଳ ଧାନ ଅମଳ ହୋଇଥିବା ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳ ଜିଲ୍ଲା ଗୁଡ଼ିକରେ ଧାନକ୍ରୟ କାର୍ଯ୍ୟ ପ୍ରାୟ ସରି ଆସିଲାଣି । ଉପକୂଳ ଓ ଉତ୍ତର ଓଡ଼ିଶା ଜିଲ୍ଲାଗୁଡିକରେ ବର୍ତ୍ତମାନ ଧାନକ୍ରୟ ଧାରା ଶିଖର ଭାଗ ଛୁଇଁଚି । ଧାନ ସଂଗ୍ରହ କାର୍ଯ୍ୟ ମାର୍ଚ୍ଚ ୩୧, ୨୦୨୧ରେ ପରିସମାପ୍ତ ହେବ। ଗତବର୍ଷ ତୁଳନାରେ ଚଳିତ ଖରିଫରେ ଧାନ ସଂଗ୍ରହର ସର୍ବୋଚ୍ଚ ସୀମା ବହୁଗୁଣରେ ପ୍ରସାରିତ ହେବ ଏବଂ ସର୍ବକାଳୀନ ରେକର୍ଡସ୍ତରକୁ ଛୁଇଁବ ବୋଲି ବିଧାନସଭାରେ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

### ଫେରିଲା ...

ପୂର୍ବ ଲଦାଖର ଗୋଗ୍ରା, ହଟ୍ ସ୍ପ୍ରିଙ୍ଗ୍ ଏବଂ ଦେସ୍ପାଂଗ ଅଞ୍ଚଳରୁ ସେନା ପ୍ରତ୍ୟାହାର ବାବଦରେ ବିସ୍ତୃତ ଆଲୋଚନା ହୋଇଥିଲା। ଉକ୍ତ ଅଞ୍ଚଳରେ ଏପ୍ରିଲ ୨୦୧୯ ପୂର୍ବର ସ୍ଥିତିକୁ ଫେରିବା ପାଇଁ ଭାରତ ପକ୍ଷରୁ ଦୃଢ଼ ଦାବି କରାଯାଇଥିଲା। ଉଭୟ ପକ୍ଷ ଉତ୍ତେଜନା ରହିଥିବା ଅଞ୍ଚଳକୁ ପର୍ଯ୍ୟାୟକ୍ରମେ ସେନା ପ୍ରତ୍ୟାହାର ପାଇଁ ଆଲୋଚନା କରିଥିଲେ। ଏ ବାବଦରେ ପରବର୍ତ୍ତୀ ବୈଠକ ଚୂଡ଼ାନ୍ତ ନିଷ୍ପତ୍ତି ହେବ ଏବଂ ଏହା ସମ୍ଭବ ହେଲେ ପୂର୍ବ ଲଦାଖ ଏଲ୍‌ଏସିକୁ ନେଇ ଚାଲିଥିବା ବିବାଦର ଏକ ଦୀର୍ଘକାଳୀନ ସମାଧାନ ହୋଇପାରିବ ବୋଲି ଆଶା ରହିଛି। ସୂଚନାଥାଉ କି, ପୂର୍ବ ଲଦାଖରେ ପ୍ରକୃତ ନିୟନ୍ତ୍ରଣ ରେଖା ଅଞ୍ଚଳରେ ଦୀର୍ଘ ୮ମାସ ଧରି ଭାରତ ଓ ଚୀନ୍ ସେନା ମଧ୍ୟରେ ଲାଗି ରହିଥିବା ଉତ୍ତେଜନାପୂର୍ଣ୍ଣ ସ୍ଥିତିର ଅବସାନ ଘଟିଥିବା ବେଳେ ପୂର୍ବ ଲଦାଖ୍ ସ୍ଥିତ ପେଙ୍ଗୋଙ୍ଗ୍ ହ୍ରଦର ଉଭୟ ଉତ୍ତର ଏବଂ ଦକ୍ଷିଣ ପାର୍ଶ୍ୱକୁ ଚୀନ୍ ସୈନିକ ଖାଲି କରିଦେଇଛନ୍ତି।

### କେନ୍ଦ୍ର-ରାଜ୍ୟ ମଧ୍ୟରେ ...

ପୁଞ୍ଜିବିନିଯୋଗ ପରିସର ବୃଦ୍ଧି ସହ ହ୍ରାସ କରାଯାଇଥିବା ବାଣିଜିକ ଟିକସ ହାର ଯୋଜନାର ସୁବିଧା ଦେବାକୁ ସେ ନିବେଦନ କରିଛନ୍ତି। ବଜେଟରେ ଭିତ୍ତିଭୂମି କ୍ଷେତ୍ରରେ କରାଯାଇଥିବା ବ୍ୟୟବରାଦ ଯୋଗୁଁ ଦେଶର ଅର୍ଥ ବ୍ୟବସ୍ଥା ଅନେକ ସ୍ତରରେ ସମୃଦ୍ଧ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ରାଜ୍ୟଗୁଡିକ ଆତ୍ମ ନିର୍ଭରଶୀଳ ହେବା ସହ ସେମାନଙ୍କ ବଜେଟରେ ବିକାଶକୁ ପ୍ରାଧାନ୍ୟ ଦେବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ପଞ୍ଚଦଶ ଅର୍ଥ ଆୟୋଗଙ୍କ ଦ୍ୱାରା ସ୍ଥାନୀୟ ସଂସ୍ଥାଗୁଡ଼ିକୁ ବଡ ଧରଣର ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ସ୍ଥାନୀୟ ପ୍ରଶାସନିକ ସଂସ୍କାରରେ ଜନସାଧାରଣଙ୍କ ଅଂଶଗ୍ରହଣ ସହ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଖାଇବା ତେଲ ଆମଦାନୀରେ ଆମର ୬୫ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି ଯାହାକି ଆମ ଚାଷୀମାନଙ୍କ ପାଖରେ ରହିପାରିଥାନ୍ତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ଅନେକ କୃଷିଜାତ ସାମଗ୍ରୀ ରହିଛି ଯାହାକି ଆମ ଦେଶର ଚାହିଦା ମେଣ୍ଟାଇବା ସହ ବିଦେଶକୁ ମଧ୍ୟ ପଠାଯାଇ ପାରନ୍ତା। ସେ ଦୃଷ୍ଟିରୁ ପ୍ରତ୍ୟେକ ରାଜ୍ୟ ସେମାନଙ୍କ ଆଞ୍ଚଳିକ ଜଳବାୟୁ ଭିତ୍ତିକ କୃଷି ଯୋଜନା ଖସଡ଼ା ପ୍ରସ୍ତୁତ କରିବା ଆବଶ୍ୟକ। ବିଗତ ବର୍ଷ ଗୁଡ଼ିକରେ କୃଷିଠାରୁ ଆରମ୍ଭ କରି ପଶୁପାଳନ ଓ ମତ୍ସ୍ୟଚାଷ ପର୍ଯ୍ୟନ୍ତ ଏକ ସାମଗ୍ରୀକ ନୀତି ଗ୍ରହଣ କରାଯାଇଛି। ସେ ଦୃଷ୍ଟିରୁ କରୋନା ମହାମାରୀ ସମୟରେ ମଧ୍ୟ ଦେଶର କୃଷି ରପ୍ତାନୀ ବୃଦ୍ଧି ପାଇଛି। ଫସଲ ନଷ୍ଟ ହେବାରୁ ରୋକିବା ପାଇଁ କୃଷି ଜାତ ସାମଗ୍ରୀର ଭଣ୍ଡାରଣ ଓ ପ୍ରକ୍ରିୟା କରଣ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱଆରୋପ କରିଛନ୍ତି। ଅଧିକ ଲାଭ ଦୃଷ୍ଟିରୁ କଞ୍ଚାମାଲ ପରିବର୍ତ୍ତେ ପ୍ରକ୍ରିୟାକୃତ ଖାଦ୍ୟସାମଗ୍ରୀ ରପ୍ତାନୀ ଉପରେ ସେ ଜୋର ଦେଇଛନ୍ତି। ଆବଶ୍ୟକ ଆର୍ଥିକ ସହାୟତା, ଉନ୍ନତ ଭିତ୍ତିଭୂମି ଓ ଆଧୁନିକ ବୈଷୟିକ ଜ୍ଞାନ କୃଷକମାନଙ୍କୁ ଉପଲବ୍ଧ କରାଇବାକୁ ହେଲେ ସଂସ୍କାର ଖୁବ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି ଯ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ନିକଟରେ ଅନ୍ୟାନ୍ୟ ସେବା ଯୋଗାଣକାରୀ ବା ଓଏସପି ନିୟନ୍ତ୍ରଣରେ ସଂସ୍କାର ଅଣାଯିବା ଯୋଗୁ ଆମର ଯୁବଗୋଷ୍ଠକୁ ଯେ କୌଣସି ସ୍ଥାନରୁ କାମ କରିବାର ସୁଯୋଗ ମିଳିଛି ଓ ଆମର ପ୍ରଯୁକ୍ତି କ୍ଷେତ୍ର ଏହା ଦ୍ୱାରା ସର୍ବାଧିକ ସୁବିଧା ପାଇଛନ୍ତି। ଏଥିରେ ଥିବା ଅନେକ କଟକଣାକୁ ହଟାଇ ଦିଆଯାଇଛି। ଭୂସ୍ଥାନିକ ତଥ୍ୟାବଳୀକୁ ନିକଟରେ କୋହଳ କରିଯାଇଛି। ଏହା ଆମର ଷ୍ଟାର୍ଟଅପ ଓ ବୈଷୟିକ କ୍ଷେତ୍ରକୁ ସାହାଯ୍ୟ କରିବା ସହ ଜନସାଧାରଣଙ୍କ ଜୀବନଧାରଣ ସୁଗମତାରେ ମଧ୍ୟ ବିକାଶ ଘଟାଇଥିବା ସେ କହିଛନ୍ତି।

### ମୁଣ୍ଡ ପିଛା ...

ହାରରେ ବୃଦ୍ଧି ପାଇଥିଲେ ହେଁ ଜାତୀୟ ହାର ୬.୬ ପ୍ରତିଶତ ଥିଲା। ୨୦୨୦।୨୧ରେ ଦେଶର ଜିଏସ୍‌ଡିପି ଯୁକ୍ତ ୭.୭ ପ୍ରତିଶତ ରହିବ। ହେଲେ ଓଡ଼ିଶାର ଜିଏସ୍‌ଡିପି ଯୁକ୍ତ ୪.୯୨ ରହିବ। ତାହା ଜାତୀୟ ହାରଠୁ ଭଲ ସ୍ଥିତିରେ ରହିବ ବୋଲି ସ୍ପଷ୍ଟ ହୋଇଛି। ତେବେ ମୁଦ୍ରାସ୍ଫୀତି ୨୦୨୦ରେ ହାର ୮.୪୯ ପ୍ରତିଶତକୁ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ହାର ସହରାଞ୍ଚଳଠାରୁ ଅଧିକ ରହିଛି। ୨୦୦୪-୦୫ ଓ ୨୦୧୧-୧୨ ମଧ୍ୟରେ ଓଡ଼ିଶାର ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ୨୫ % ହ୍ରାସ ପାଇଛି। ସର୍ଭେ ରିପୋର୍ଟରେ ଗ୍ରାମ୍ୟ ଭିତ୍ତିଭୂମି ବିକାଶ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ, ଗୃହ ନିର୍ମାଣ, ଜଳସେଚନ ଏବଂ ଶ୍ରମ ଦିବସ ସୃଷ୍ଟି ଉପରେ ସରକାର ନେଇଥିବା ପଦକ୍ଷେପ ଉପରେ ଫୋକସ୍ କରାଯାଇଛି। ୨୦୧୯।୨୦ରେ ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ୨୦% ବୃଦ୍ଧି ହୋଇଛି । ଓଡ଼ିଶାରେ ୨୦୨୦ କୃଷିନୀତି ଓ ମତ୍ସ୍ୟନୀତି ଯୋଗୁଁ ଗ୍ରାମ୍ୟ ଅର୍ଥନୀତିରେ ସୁଧାର ଆସିଛି। ରାଜ୍ୟ ସରକାରଙ୍କ ପ୍ରଭାବଶାଳୀ ପଦକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇଛି। ୨୦୧୧-୧୨ରୁ ୨୦୧୭-୧୮ ମଧ୍ୟରେ ଓଡ଼ିଶାରେ ରପ୍ତାନୀ ବୃଦ୍ଧି ପାଇଛି। ଖରିଫ୍ ଋତୁରେ ୩% ଅଧିକ ଜମିକୁ ଜଳସେଚନ ହୋଇଛି । ସେହିପରି ୨୦୧୯-୨୦ରେ ମନେରଗାରେ ୧୧, ୧୫.୭୨ ଲକ୍ଷ ଶ୍ରମ ଦିବସ ସୃଷ୍ଟି ହୋଇଛି । ଏଥିଯୋଗୁଁ ୨୩.୨୭ ଲକ୍ଷ ଗ୍ରାମାଞ୍ଚଳ ପରିବାର ଉପକୃତ ହୋଇଛନ୍ତି। ୨୦୧୮।୧୯ରେ ୮୩୦.୩ ଲକ୍ଷ ଥିଲା ବେଳେ ୨୦୧୯।୨୦ରେ ୩୧.୮୬ ଲକ୍ଷ ଲୋକ ଉପକୃତ ହୋଇଥିଲେ। ୨୦୦୪।୦୫ରୁ ୨୦୧୧।୧୨ ମଧ୍ୟରେ ରାଜ୍ୟର ୨୪.୬ ପ୍ରତିଶତ ଦାରିଦ୍ର୍ୟ ହ୍ରାସ ପାଇଛି। ଏହି ଅବଧିରେ ଜାତୀୟ ସ୍ତରରେ ହାର ଥିଲା ୧୫.୩ ପ୍ରତିଶତ। ୨୦୧୯।୨୦ରେ ୩ ଲକ୍ଷ ୯୪ ହଜାର ୨୧୨ ଘର ତିଆରି ହୋଇଛି। ଏହା ମଧ୍ୟରୁ ୩ ଲକ୍ଷ ୫୭ ହଜାର ୯୧୪ଟି ଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ବେଳେ ୧୫,୫୬୭ଟି ଘର ବିଜୁ ପକ୍କାଘର ଯୋଜନା, ୧୮୫୮ ଖଣି ଅଞ୍ଚଳରେ ଘର ପକ୍କା ଘର ଯୋଜନା , ୧୦,୯୮୩ଟି ଘର ଶ୍ରମିକ ପକ୍କାଘର ଯୋଜନାରେ ନିର୍ମିତ ହୋଇଛି । ଏହାଦ୍ୱାରା ଅର୍ଥନୀତି ଗତିଶୀଳ ହୋଇଛି ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। କରୋନା ଯୋଗୁ ରାଜ୍ୟ ଅର୍ଥନୀତିର ଏଭଳି ବିପର୍ଯ୍ୟସ୍ତ ହୋଇଥିବା ନେଇ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ବେଳେ ମହାମାରୀକୁ ପରିଚାଳନା କରିବାରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଭାବଶାଳୀ ପ୍ରଶାସନିକ ପଦକ୍ଷେପ ଯୋଗୁ ଅର୍ଥନୀତି ଅତ୍ୟାଧିକ କ୍ଷତିଗ୍ରସ୍ତ ହୋଇନି ବୋଲି କୁହାଯାଇଛି।

# ସହକାରୀ କୃଷି ଅଧିକାରୀଙ୍କ ଅଜବ ନୀତି !

## ଆତ୍ମା ଯୋଜନାର ଲକ୍ଷ ଲକ୍ଷ ଟଙ୍କା ବାଟମାରଣା



**ଜଗତ୍‌ସିଂହପୁର :** ଜଗତ୍‌ସିଂହପୁର ଭଳି ଏକ କୃଷି ପ୍ରଧାନ ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟସରକାରଙ୍କ କୃଷି ଓ କୃଷକମାନଙ୍କର ଉନ୍ନତି ପାଇଁ ଯୋଜନା ଉପରେ ଯୋଜନା କରୁଥିଲେ ମଧ୍ୟ ତାହାକୁ ବ୍ଲକ୍‌ସ୍ତରରେ ଦୀର୍ଘବର୍ଷ ରହିଥିବା ଅଧିକାରୀମାନେ ମନମୁଖୀ କାମକରୁଥିବା ଯୋଗୁ ଋଷୀମାନେ ଯୋଜନାର ସୁଫଳ ପାଇପାରୁନାହାଁନ୍ତି। ଯାହାର ଏକ ନିଛକ ସତ୍ୟ ନମୁନା ଦେଖିବାକୁ ମିଳୁଛି ରଘୁନାଥପୁର ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ। ରଘୁନାଥପୁର କାର୍ଯ୍ୟାଳୟରେ ଦୀର୍ଘ ୮ବର୍ଷ ଧରି ପିସି ଆଦାୟ କରିବାରେ ଆଗଧାଡିରେ ଥିବା ସହକାରୀ କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ସାହୁଙ୍କର ପ୍ରାଦୁର୍ଭାବ ଏଠାରେ ବଢ଼ି ବଢ଼ି ଋଲିଥିବାବେଳେ କୃଷି ବୈଷୟିକ ପରିଋଳନା ସଂସ୍ଥା (ଆତ୍ମା) ଯୋଜନା ଏକ ପ୍ରକାର ସ୍ଥାଣୁ ପାଲଟି ଗଲାଣି। ଏହି ଆତ୍ମା ଯୋଜନାଟି ମୂଳଲକ୍ଷ ଠାରୁ ଦୂରେଇ ଯାଇ ଋଷୀମାନଙ୍କ କୃଷକ ତାଲିମ, ପରିଭ୍ରମଣ କାର୍ଯ୍ୟକ୍ରମ ଓ କୃଷକ ସମ୍ପର୍କ ମେଳା ଆଦି କାର୍ଯ୍ୟକ୍ରମ ନକରି କମିଟି ସଦସ୍ୟମାନଙ୍କୁ ଧରି ମିଥ୍ୟାବିଲ୍ କରାଇ ଲକ୍ଷ ଲକ୍ଷ ଟଙ୍କାକୁ ଚଲୁ କରିଦିଆଯାଉଛି। ଆତ୍ମା ଯୋଜନାରେ ମତ୍ସ୍ୟଋଷ ବିଭାଗ, ପଶୁପାଳନ ବିଭାଗ, ଉଦ୍ୟାନ କୃଷି ବିଭାଗ, କୃଷିବିଭାଗ, ମହିଳାମଣ୍ଡଳ ଓ ଯୁବକମଣ୍ଡଳ ପ୍ରମୁଖ ସଦସ୍ୟମାନେ ରହିବାର ନିୟମଥିବାବେଳେ ସହକାରୀ କୃଷିଅଧିକାରିଣୀ ଶ୍ରୀମତୀ ସାହୁଙ୍କ ଉଦ୍ୟମ ଫଳରେ ଋଷ ଉପରେ ଅଭିଜ୍ଞତା ନଥିବା ଲୋକଙ୍କୁ ଏଥିରେ ସଦସ୍ୟଭାବେ ରଖି ଏକ ପ୍ରକାର ଫାଇଦା ଉଠାଇ ଋଲିଛନ୍ତି। ସବୁଠାରୁ ପରିତାପର ବିଷୟ ହେଉଛି ଯେ ଆତ୍ମା ଯୋଜନା କମିଟିର ଆବାହିକା ଦାୟିତ୍ୱରେ ଥିବା ସହକାରୀ କୃଷି ଅଧିକାରିଣୀ କମିଟି ସଦସ୍ୟମାନଙ୍କୁ ଅଣଦେଖା କରିବା ସହିତ କୃଷି ଏବଂ କୃଷକମାନଙ୍କର ଉନ୍ନତି ନିମନ୍ତେ ମିଳୁଥିବା ଯୋଜନା ଗୁଡିକ ଚଲୁ କରିଦେଉଛନ୍ତି। ଏପରିକି ରଘୁନାଥପୁର ପଞ୍ଚାୟତ ସମିତି ବୈଠକରେ କିଛି ସରପଞ୍ଚ ଓ ସମିତିସଭ୍ୟ ଆତ୍ମା ଯୋଜନାରେ କିଛି ଅର୍ଥସବୁ ଖର୍ଚ୍ଚ କରାଯାଇଛି ବୋଲି ପଋରିବାରେ ସେ ଉତ୍ତର ଦେଇପାରିନଥିଲେ। ସେହିଭଳି ଉକ୍ତ ଆତ୍ମା ଯୋଜନାରେ ବାର୍ଷିକ କେତେ କେତେ ଟଙ୍କାର ଆର୍ଥିକ ଅନୁଦାନ ରାଶି କେଉଁ କେଉଁ ବାବଦରେ ଖର୍ଚ୍ଚ କରାଯାଉଛି ବୋଲି ସୂଚନା ଅଧିକାର ଆଇନ୍ ବଳରେ ସୂଚନା ମଗାଗଲେ ବି ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରାଯାଉନାହିଁ। ସବୁଠୁ କୌତୁହଳର କଥା ଆତ୍ମା କମିଟିର କୌଣସି ଏକ ବୈଠକ ଅଫିସ୍ କାର୍ଯ୍ୟାଳୟରେ ସମସ୍ତ ସଦସ୍ୟମାନଙ୍କୁ ନଡାକି ଏକ ଅଜ୍ଞାତ ସ୍ଥାନମାନଙ୍କରେ ଭିତିରି କାର୍ଯ୍ୟକ୍ରମ ସବୁ କରିଦିଆଯାଉଛି। ଏ ସମ୍ପର୍କରେ ବହୁ ଋଷୀମାନେ ଆତ୍ମା ଯୋଜନା ଟଙ୍କାରେ ଘୋଟଲା ହେଉଥିବାକୁ ନେଇ କୃଷି ଓ ମତ୍ସ୍ୟ ସମ୍ପଦ ବିଭାଗ ମନ୍ତ୍ରୀ, ଜିଲ୍ଲାପାଳ ଓ ଜିଲ୍ଲାମୁଖ୍ୟ କୃଷିଅଧିକାରୀମାନଙ୍କୁ ଦାବିପତ୍ର ଦେଇ ବିଋର କରିବା ନିମନ୍ତେ ନିବେଦନ କରିଥିବା ବେଳେ କୃଷି ଅଧିକାରିଣୀ ଏଠାରେ ଦୀର୍ଘ ୮ବର୍ଷ ଧରି ରହିଯାଇଥିବାରୁ ତାଙ୍କର ବଦଳି ନିମନ୍ତେ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ଆମ ପ୍ରତିନିଧି ସହକାରୀ କୃଷିଅଧିକାରିଣୀଙ୍କ ମତାମତ ନେବାକୁ ଚେଷ୍ଟା କରିଥିଲେ ବି ଯୋଗାଯୋଗ ସମ୍ଭବପର ହୋଇନଥିଲା।

# ନିଦରେ ପ୍ରଶାସନ : ଅବାଧରେ ଚାଲିଛି କୋରେକ୍ସ, ଗଞ୍ଜେଇ କାରବାର

**ସୋନପୁର :** ସୁବର୍ଣ୍ଣପୁର ଜିଲ୍ଲାରେ ବର୍ତ୍ତମାନ କୋରେକ୍ସ ଏବଂ ଗଞ୍ଜେଇ ବ୍ୟାପାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେମାନେ ଅବାଧରେ ତାଙ୍କ ବ୍ୟାପାର ଚଳାଇଥିବା ବେଳେ ପ୍ରଶାସନ ଜାଣିଶୁଣି ନୀରବ ରହୁଛି। ସହର ବର୍ତ୍ତମାନ ପାଲଟିଛି କୋରେକ୍ସ ଏବଂ ଗଞ୍ଜେଇର ପେଣ୍ଠସ୍ଥଳି। ବାହାର ଅଂଚଳରୁ ଟ୍ରକ ଯୋଗେ କୋରେକ୍ସ ଏବଂ ଗଞ୍ଜେଇ ଆଣି ଏହି ଅଂଚଳରେ ଅବାଧରେ ସେଗୁଡ଼ିକୁ ଗଚ୍ଛିତ ରଖାଯାଉଛି। ସେଠାରୁ ସହରର ବିଭିନ୍ନ ଗ୍ରାମକୁ ବୋଲେରୋ, କାର, ଅଟୋ, ମୋଟର ସାଇକେଲ ଯୋଗେ ପ୍ରେରଣ କରାଯାଉଛି। ସହରରେ ସହିତ ବିଭିନ୍ନ ଗ୍ରାମରେ ବର୍ତ୍ତମାନ ନିଶାଖୋର ଯୁବକଙ୍କ ସଂଖ୍ୟା ବଢିବାରେ ଲାଗିଛି। କୋରେକ୍ସ ସାଙ୍ଗକୁ ବିଭିନ୍ନ ପ୍ରକାର ନିଶା ବଟିକା ମଧ୍ୟ ଅବାଧରେ ବିକ୍ରି କରୁଛନ୍ତି ଯୁବଗୋଷ୍ଠି। ଯଦ୍ଦ୍ୱାରା ଅନାୟାସରେ କମ ଦାମରେ ଲୋକେ ନିଶା ଦ୍ରବ୍ୟ ସେବନ କରି ବିଭିନ୍ନ ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏହାକୁ ନେଇ ବୁଦ୍ଧିଯିବି ମହଲରେ ଚିନ୍ତାର କାରଣ ହୋଇଛି। ଅନ୍ୟ ପକ୍ଷରେ ଜିଲ୍‌ଲାର ବିରମହାରାଜପୁର ,ବିନିକା,ତରଭା ,ଉଲୁଣ୍ଡା ଅଚଂଳରେ କୋରେକ୍ସ ଏବଂ ଗଞ୍ଜେଇ ବ୍ୟାପାରୀମାନେ ଅବାଧରେ ତାଙ୍କର ବ୍ୟାପାର ଚଳାଉଥିବା ଲୋକେ କହୁଛନ୍ତି। ଏ ଦିଗରେ ସ୍ଥାନୀୟ ପ୍ରଶାସନ ମଧ୍ୟ ଜାଣି ଶୁଣି ନୀରବ ରହିବା ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି କୋରେକ୍ସ ଏବଂ ଗଇେ ବ୍ୟାପାର ଉପରେ ଲଗାମ ନଲଗାଇଲେ ଭବିଷ୍ୟତ ପିଢି ଯେ ନିଶାଶକ୍ତ ହେବ ଏଥିରେ କୌଣସି ଦ୍ୱିମତ ନାହିଁ, ତେଣୁ ଏହା ଉପରେ ଲଗାମ ଲଗାଇବାକୁ ପ୍ରଶାସନକୁ ଜନସାଧାରଣରେ ମତ ପ୍ରକାଶ ପାଉଛି।

# କୋମାରେ ଓଜନ ମାପ ବିଭାଗ, ଅସହାୟ ଗ୍ରାହକ

**ସୋନପୁର :** ସୋନପୁର ରେ ଏମିତି କିଛି ସମସ୍ୟା ଅଛି ଯାହାର କୌଣସି ସମାଧାନ ନାହିଁ। ଏଠି ଓଜନ ମାପ ର ହିସାବ ଜାଚଂ କାର୍ଯ୍ୟାଳୟ ରହିଥିଲେ ସୁଦ୍ଧା ସମ୍ପରକ୍ତ ବିଭାଗ କୋମା ପରିସ୍ଥିତିରେ ସୁବର୍ଣ୍ଣପୁରରେ ଦିନ ଦ୍ୱି ହରରେ ଓଜନ ମାପରେ ବ୍ୟାପକ ଠକେଇ ହେଉଥିବା ଦେଖାଯାଉଛି। ଏହାକୁ ନିୟନ୍ତ୍ରଣ ପାଇଁ ଏଠାରେ ସରକାରଙ୍କ କାର୍ଯ୍ୟାଳୟ ରହିଥିଲେ ସୁଦ୍ଧା ସମ୍ପରକ୍ତ ବିଭାଗ କୋମା ପରିସ୍ଥିତିରେ ଥିବାରୁ ସ୍ଥାନୀୟ ଜନସାଧାରଣ ଅସହାୟ ହୋଇ ପଡିଛନ୍ତି। ଏପରିକି ଏନେଇ କାହାକୁ ଅଭିଯୋଗ କରିବେ ଜାଣି ପାରୁନଥିବାରୁ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ସୂଚନାରୁ ପ୍ରକାଶ ଯେ, ବିଭିନ୍ନ ଦୋକାନରେ ବ୍ୟବହୃତ ହେଉଥିବା ଓଜନ ମାପ ଯନ୍ତ୍ର ଗୁଡିକର ନବୀକରଣ ସହ ନିୟମିତ ବ୍ୟବଧାନରେ ତନଖି କରିବା ପାଇଁ ଜିଲା ସଦର ମହକୁମାରେ ଏକ ଓଜନ ମାପ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ଦୋକାନୀ ବ୍ୟବହାର କରୁଥିବା ତରାଜୁ ଓ ବଟକରା ଗୁଡିକ ସଠିକ ଓଜନ ମାପ କରି ସେମାନଙ୍କୁ ଏହି ବିଭାଗ ପ୍ରମାଣପତ୍ର ଦେବାର କ୍ଷମତା ପ୍ରଦାନ କରାଯାଇଛି। ଏହାର ଖିଲାପ କରୁଥିବା ଦୋକାନୀ ମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ମଧ୍ୟ କ୍ଷମତା ପ୍ରଦାନ କରାଯାଇଛି। କିନ୍ତୁ ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଥିବା ଏହି କାର୍ଯ୍ୟାଳୟ କୋମା ଅବସ୍ଥାରେ ରହିଥିବାରୁ ଦୋକାନୀ ଗ୍ରାହକ ମାନଙ୍କୁ ଦିନ ଦ୍ୱି ହରରେ ଠକୁଛନ୍ତି। ବିଶେଷ କରି ଦୈନିକ ବଜାର ବସୁଥିବା ମଝିପଡା, ଖମ୍ବେଶ୍ୱରୀ ମନ୍ଦିର ଆଦି ବଜାରରେ ଅନେକ ଦୋକାନୀ ୫୦/ ୧୦୦ଗ୍ରାମ ବଦଳରେ କିଛି ସାଇକେଲଯନ୍ତ୍ରାଂଶକୁ ବଟକରା ଭାବରେ ବ୍ୟବହାର କରୁଛନ୍ତି । ସାପ୍ତାହିକମଙ୍ଗଳବାର ବଜାରରେ କିଛି ଦୋକାନୀ ପଥର ଖଣ୍ଡକୁ ମଧ୍ୟ ବଟକରା ଭାବରେ ବ୍ୟବହାର କରୁଥିବା ଦେଖାଯାଇଛି। ଅନେକ ଦୋକାନୀ ତରାଜୁରେ ରଶି ଲଗାଇ ଓଜନ ମାପରେ ବ୍ୟବହାର କରୁଥିବା ଦେଖାଯାଇଛି। ଦୋକାନୀ ତରାଜୁ ଓ ବଟକରାକୁ ବର୍ଷ ବର୍ଷ ଧରି ନବୀକରଣ ନକରି ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷରେ କମ୍ପରଚ୍ଚଟରଙ୍କକରଣ ଓଜନ ମାପ ଯନ୍ତ୍ରରେ ମଧ୍ୟ ଦୋକାନୀ ଠକେଇ କରୁଥିବା ଅଭିଯୋଗ ହେଉଛି। ସହରର ଜନସଂଖ୍ୟା ଅନୁପାତରେ ଏଠାକୁ ଆସୁଥିବା ସତେଜ ପନି ରିବା ନିଅଣ୍ଟ ହେଉଥିବାରୁ ଗ୍ରାହକ ପ୍ରତିବାଦ ନକରି ମୁଣ୍ଡ ଟୁଙ୍ଗାରି ହଁ ମାରି କିଣୁଛନ୍ତି। ଆଶ୍ଚର୍ଯ୍ୟର ବିଷୟ ସରକାରୀ କର୍ମଚାରୀ ମଧ୍ୟ ଏହାର ପ୍ରତିବାଦ ବଦଳରେ ଖୁସିରେ ଜିନିଷ କ୍ରୟ କରୁଥିବା ଦେଖାଯାଇଛି। ଯଦିବି ଏହାର କିଏ ପ୍ରତିବାଦ କରେ ତେବେ ତାଙ୍କ ଠାରେ ଜିନିଷ ବିକ୍ରି ନକରିବାକୁ ଦୋକାନୀ ଧମକ ଦେଉଛନ୍ତି। ଗୋଟିଏ ପଟେ ଲଗାମଛଡା ଦରବୃଦ୍ଧି ସାଙ୍ଗକୁ ଓଜନ ମାପରେ ଠକେଇ ଗ୍ରାହକ ମାନଙ୍କୁ ଅସହାୟ କରିଦେଇଛି। ସୁବର୍ଣ୍ଣପୁର ସମେତ ବ୍ଲକ ଅଞ୍ଚଳରେ ବସୁଥିବା ଦୈନିକ ବଜାର ସାଙ୍ଗକୁ ସାପ୍ତାହିକ ବଜାରରେ ଏଭଳି ପରିସ୍ଥିତି ଦୀର୍ଘ ବର୍ଷ ହେଲା ଲାଗି ରହିଛି। ଜିଲା ପ୍ରଶାସନ ତୁରନ୍ତ ଏଥି_ତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ମହାରଷି ମଧୁସୂଦନ



ଅକ୍ଷୟ କୁମାର ରାଉତ



ଦିଗ୍‌ବଳୟର ମଧ୍ୟବିନ୍ଦୁରେ ଦଣ୍ଡାୟମାନ ମଣିଷ ଦେଖେ ଅନନ୍ତ ପ୍ରକୃତିର ବୈଚିତ୍ର୍ୟ ସମ୍ଭାର। ସେହି ବୈଚିତ୍ର୍ୟ ସୌନ୍ଦର୍ଯ୍ୟ ମଧ୍ୟରେ ଦେଖେ ପରିବର୍ତ୍ତନ। ତାହାର ଚିତ୍ତ ପଟରେ ଫୁଟିଉଠେ ଅସଂଖ୍ୟ ଅନାବନା ଭାବନା। ଦିଗ୍‌ବଳୟର ପରିଧି ଅତିକ୍ରମ କରି ତାର କଳ୍ପନା ଛୁଟି ଯାଏ ଧରିତ୍ରୀରୁ ଆକାଶ। ସୃଷ୍ଟି ରହସ୍ୟର ପ୍ରତ୍ୟେକଟି ପାହାଚ ଅନ୍ୱେଷଣ ତାର ଭାବନାରେ। ଭାବନା ପାଲଟି ଯାଏ ଭାବ ଭକ୍ତିରେ ସେହି ଭକ୍ତି ଭାବନାର କବି ମଧୁସୂଦନ ରାଓ ୧୮୫୩ ମସିହା ଶ୍ରୀ ପଞ୍ଚମୀ ଜାନୁଆରୀ ୨୯ ତାରିଖ ଦିନ ପୁରୀ କୁଣ୍ଡେଇବେଣ୍ଟ ସାହିର ଭାଗୀରଥି ରାଓ ଓ ଅମ୍ବିକା ବାଈଙ୍କ କୋଳମଣ୍ଡନ କରିଥିଲେ। ମଧୁସୂଦନ ଥିଲେ ମରହଟ୍ଟା ବଂଶଜ। ଇଂରେଜମାନେ ଆସିବା ପୂର୍ବରୁ ମରହଟ୍ଟାମାନେ କରୁଥିଲେ ରାଜୁତି। ସେହି ମରହଟ୍ଟମାନଙ୍କ ମଧ୍ୟରୁ ସଦାଶିବ ରାଓ ଆଉ ତାଙ୍କ ରାଜ୍ୟକୁ ନଫେରି ରହିଗଲେ ସବୁଦିନ ପାଇଁ ପୁରୀରେ। ସେ ଥିଲେ ମଧୁସୂଦନଙ୍କ ଅଜା। ପିତା ଭାଗୀରଥି ରାଓ ଓ ମାତା ଅମ୍ବିକା ବାଈ ଥିଲେ ଈଶ୍ୱର ବିଶ୍ୱାସୀ, ଧାର୍ମିକ ଓ ଆଦର୍ଶ ଦମ୍ପତି। ମଧୁସୂଦନ ତାଙ୍କ ଜନ୍ମ ତିଥିକୁ କବିତାରେ କୁହନ୍ତି –

"ମଧୁ ଜନ୍ମ ତିଥି ମଧୁମୟୀ ଶ୍ରୀପଞ୍ଚମୀ
ଯାର ଆଗମନେ ଜାଣେ ଧରଣୀ ଉଲ୍ଲାସେ
ଶତ ପୁଷ୍ପ ବିକଶଇ ବିଶ୍ୱ ପ୍ରାଣ ରମି
ବହଇ ମଳୟ, ଗାଏ କୋକିଳ ଉଚ୍ଛ୍ୱାସେ"

ଭାଗୀରଥି ରାଓ ପାଠ ପଢିଥିଲେ ଅଳ୍ପ। ତେଣୁ ସେ ଗୋଟିଏ ପୁଲିସ୍ ଚାକିରି କରୁଥିଲେ। ଯାହା ଦରମା ପାଉଥିଲେ ସେଥିରେ ତାଙ୍କ ସଂସାର କଷ୍ଟେମଷ୍ଟେ ଚଳିଯାଉଥିଲା। ମଧୁସୂଦନଙ୍କର ଜନ୍ମ ହେବାର ଅଢେଇ ବର୍ଷ ପରେ ତାଙ୍କର ଗୋଟିଏ ସାନ ଭାଇ ହେଲା, ତାର ନାମ 'ଜଗନ୍ନାଥ'। ମଧୁସୂଦନଙ୍କୁ ପାଞ୍ଚ ବର୍ଷ ସମୟରେ ମା ଅମ୍ବିକା ଦେବୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇ ଅନ୍ତୁଡିଶାଳରେ ଆଖି ବୁଜିଦେଲେ। ପରେ କନ୍ୟାଟିର ମୃତ୍ୟୁ ଘଟିଲା। ଅମ୍ବିକା ଦେବୀ ମରିବା ଆଗରୁ ସ୍ୱାମୀଙ୍କୁ ପାଖକୁ ଡାକି କହିଥିଲେ ପୁଅ ଦୁଇଟିଙ୍କୁ ମାମୁଁଙ୍କ ପାଖରେ ଛାଡିଦେଇ ଆସିବ। ମାମୁଁ ମାଇ ତାଙ୍କୁ ପାଳିବେ। ଭାଗୀରଥି ରାଓ ଜମାଦାର ଭାବରେ ପୁରୀ ଅଠରନଳାଠାରେ କାର୍ଯ୍ୟରେ ଯୋଗଦେଲେ। କିଛି ଦିନ ପରେ ତାଙ୍କର ଗୋପ ଥାନାକୁ ବଦଳି ହେଲା। ଦିନେ ତାଙ୍କ ସ୍ତ୍ରୀ ସ୍ୱପ୍ନରେ ଦେଖାଦେଇ କହିଲେ ମାମୁଁ ଘରେ ମା'ଛେଉଣ୍ଡ ପିଲା ଦୁଇଟି ବଡ ହୀନସ୍ତା ହେଉଛନ୍ତି। ତା ପରଦିନ ଭାଗୀରଥି ରାଓ ପିଲା ଦୁହିଁଙ୍କର ଅବସ୍ଥା ଦେଖି ସ୍ୱପ୍ନ କଥା ସତ ମଣିଲେ। ତେଣୁ ପିଲା ଦୁଇଟିଙ୍କୁ ଆଣି ନିଜ ପାଖରେ ରଖିଲେ। ମାତୃହରା ପିଲା ଦୁଇଟି ଭାଗୀରଥିଙ୍କ ଠାରୁ ପିତୃମାତୃ ସ୍ନେହ ଲାଭ କଲେ। ବର୍ତ୍ତମାନ ଭାଗୀରଥି ହିଁ ହେଲେ ମା ଓ ବାପା। ସକାଳୁ ଅଫିସ୍ ସମୟ ଯାଏ ସେମାନେ ବାପାଙ୍କ ପାଖରେ ଘରେ ରୁହନ୍ତି। ବାପା ଥାନାକୁ ଗଲେ ସେମାନେ ମଧ୍ୟ ଥାନାକୁ ଆସନ୍ତି। ଥାନା ବାରଣ୍ଡାରେ ଜଗନ୍ନାଥଙ୍କୁ ଧରି ମଧୁସୂଦନ ଖେଳାନ୍ତି। ମଧୁସୂଦନ ଦାନ, ଧ୍ୟାନ, ଈଶ୍ୱର ଭକ୍ତି, ବିନୟ, ସତ୍ୟ, ଧୈର୍ଯ୍ୟ ଓ ସହିଷ୍ଣୁତା ଆଦି ଗୁଣରେ ପରିପୂର୍ଣ୍ଣ। ଗୋପ ଥାନାକୁ ଲାଗି ଗୋଟିଏ ଚାଟଶାଳୀ ଥାଏ। ପିଲା ଦୁଇଟି ସେହି ଚାଟଶାଳୀରେ ଅବଧାନଙ୍କ ପାଖରେ ପାଠ ପଢିଲେ। ମଧୁସୂଦନ ଜଣେ ଭଲ ଛାତ୍ର ହେବାର ଗୁଣ ପିଲାଦିନୁ ଜଣା ପଡିଥିଲା। ସେ ଲିଖନ, ପଠନ ସହିତ ସାହିତ୍ୟ ଓ ଅଙ୍କ ପ୍ରଭୃତ ପାଠ ପଢୁଥିଲେ। ଚାଟଶାଳୀ ପାଠ ଶେଷ ବେଳକୁ ଭାଗୀରଥି ବାବୁଙ୍କର ଗୋପ ଥାନାରୁ ଭୁବନେଶ୍ୱର ଥାନାକୁ ବଦଳି ହେଲା। ତେଣୁ ମଧୁସୂଦନ ସରକାରୀ ମାଇନର ସ୍କୁଲରେ ନାମ ଲେଖାଇ ପାଠ ପଢିଲେ। ବଙ୍ଗାଳୀମାନଙ୍କର ପ୍ରଭାବ ଯୋଗୁ ଓଡିଶାର ବିଦ୍ୟାଳୟମାନଙ୍କରେ ବଙ୍ଗଳା ଭାଷାରେ ପାଠ ପଢୁଥିଲେ। ଶ୍ରେଣୀରେ ସେ ପ୍ରତିବର୍ଷ ପ୍ରଥମ ସ୍ଥାନ ଅଧିକାର କରୁଥିଲେ। ମଧୁସୂଦନଙ୍କ ସରଳ ସୁନ୍ଦର ବ୍ୟବହାର ଓ ମଧୁର ବଚନରେ ସମସ୍ତେ ଅତି ଆପଣାର ହୋଇପଡୁଥିଲେ।

ଓଡିଶାର ସ୍କୁଲ ବିଭାଗୀୟ ଇନ୍‌ସପେକ୍ଟର ଥିଲେ ଉଡ୍ରୋ ସାହେବ। ସେ ଖଣ୍ଡଗିରି ଦେଖିବା ପାଇଁ ଆସିଲେ। ଆସୁଛନ୍ତି ଯେତେବେଳେ ଭୁବନେଶ୍ୱର ସ୍କୁଲକୁ ମଧ୍ୟ ପରିଦର୍ଶନରେ ଗଲେ। ପାଠ ପଚରା ପଚରି ସମୟରେ ମଧୁସୂଦନଙ୍କର ସୁନ୍ଦର କଥାବାର୍ତ୍ତା ଓ ବିଦ୍ୟାଗୁଣର ଅନୁରାଗ ଦେଖି ଉଡ୍ରୋ ସାହେବ ପ୍ରୀତ ହୋଇଗଲେ। ତାଙ୍କର ରହିବା ପାଇଁ ମଧ୍ୟ ଭାଗୀରଥି ବାବୁଙ୍କ ଘରେ ବ୍ୟବସ୍ଥା ହୋଇଥିଲା। ତେଣୁ ସାହେବ ତାଙ୍କୁ କହିଥିଲେ ତୁମ ପୁଅ ଦିନେ ଓଡିଶାର ନାଁ ରଖିବ। ଇନ୍‌ସପେକ୍ଟର ସାହେବ ମଧୁସୂଦନଙ୍କୁ ବିନା ଦରମାରେ ପୁରୀ ଜିଲ୍ଲା ହାଇସ୍କୁଲରେ ପାଠପଢ଼ିବା ପାଇଁ ଏକ ସୁପାରିସ ପତ୍ର ଲେଖି ଦେଇଥିଲେ। ସେଥିପାଇଁ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପାଠ ପଢ଼ିପାରିଲେ। ସେ ପାଠପଢ଼ାରେ ଭଲ କରିବାରୁ ଗୋଟିଏ ବରଷରେ ଦୁଇ ଶ୍ରେଣୀ ଉପରକୁ ଉଠିଗଲେ। ପ୍ରଧାନଶିକ୍ଷକ ଜନ୍ ବକ୍‌ସଓୟେଲ ମେଧାବୀ ଚରିତ୍ରବାନ୍ ମଧୁସୂଦନଙ୍କୁ ଭାରି ଭଲ ପାଉଥିଲେ। ଗରିବ ପିଲା ହିସାବରେ ସେ ତାଙ୍କୁ ସାହାଯ୍ୟ କରୁଥିଲେ। ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲା ସ୍କୁଲ ପିଲାଙ୍କୁ ଅଧିକ ଉତ୍ସାହିତ କରିବାକୁ ପ୍ରତିବର୍ଷ ୨୦ ଟି ପ୍ରଶ୍ନ ଦେଉଥିଲେ। ପ୍ରତ୍ୟେକ ପ୍ରଶ୍ନକୁ ୫ ଟଙ୍କା ହିସାବରେ ୧୦୦ ଟଙ୍କା ପୁରସ୍କାର ଦିଆଯାଉଥିଲା। ମଧୁସୂଦନ ଲାଗ ଲାଗ ତିନିବର୍ଷ ଏହି ପୁରସ୍କାର ପାଇଁ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ। ମଧୁସୂଦନ ୧୧ ବର୍ଷ ବୟସରେ ପଦ୍ମାବାଈ ନାମକ ଜଣେ ନଅ ବର୍ଷ ବୟସର ବାଳିକାକୁ ବିବାହ କରିଥିଲେ।

୧୮୬୬ ମସିହା ପୁରୀ ରାଜା ଦିବ୍ୟସିଂହ ଦେବଙ୍କ ନଅ ଅଙ୍କରେ ଦୁର୍ଭିକ୍ଷ ପଡିଥିବାରୁ ତାକୁ ନଅଙ୍କ ଦୁର୍ଭିକ୍ଷ କୁହାଗଲା। ଏଥିରେ ଓଡିଶାର କେତେ ଯେ ଲୋକ ମଲେ ତାର କଳନା ନାହିଁ। ଗାଁ ଗଣ୍ଡା ସବୁ ପଦା ହୋଇଗଲା। ସେତେବେଳେ ମଧୁସୂଦନ ଏକାଦଶ ଶ୍ରେଣୀର ଛାତ୍ର। ମଧୁସୂଦନ ସ୍ୱେଚ୍ଛା ସେବକ ଅନୁଷ୍ଠାନ ଗଠନ କରି ତାର ଦଳପତି ହେଲେ। ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହାୟତାରେ ଘରେ ଘରେ ଚୂଡା ଓ ଚାଉଳ ବାଣ୍ଟିବାକୁ ଲାଗିଲେ। ମଧୁସୂଦନ ଗାଁ ଗାଁ ବୁଲି ଦୁଃଖୀରଙ୍କୀ ଭୋକୀ ଶୋଷୀଙ୍କ ସେବାରେ ମନ ପ୍ରାଣ ଢ଼ାଳିଦେଲେ। ଏହି ଦେଶ ସେବା ଯୋଗୁ ତାଙ୍କର ପଢ଼ାପଢ଼ିରେ ଅବହେଳା ଘଟିଲା। ସେ ମାଟ୍ରିକ୍ ପରୀକ୍ଷା ଦେଇପାରିଲେ ନାହିଁ। ଦ୍ୱିତୀୟ ଥର ମଧ୍ୟ ଦେହ ଖରାପ ଯୋଗୁ ପରୀକ୍ଷା ଦେଇପାରିଲେ ନାହିଁ।

ପୁରୀ ଜିଲ୍ଲା ସ୍କୁଲରେ ରାଧାନାଥ ରାୟ ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ। ଏହିଠାରେ ମଧୁସୂଦନ ରାଧାନାଥଙ୍କ ସ୍ନେହ, ସହାନୁଭୂତି ଓ ସାହାଯ୍ୟ ପାଇ ଉନ୍ନତି ପଥରେ ଆଗେଇବାକୁ ଲାଗିଲେ। ରାଧାନାଥ ଓ ମଧୁସୂଦନ ସମ୍ପର୍କ ଥିଲା ମଣିକାଞ୍ଚନ ସଦୃଶ। ଦିନେ ମଧୁସୂଦନଙ୍କୁ ଜଣେ ଶିକ୍ଷକ ଗାଳି ଦେଇଥିବାରୁ ମଧୁସୂଦନ ଦୁଷ୍ଟ ବାଳକଙ୍କ ସହିତ ଟେକାପଥର ଧରି ବାଟରେ ଶିକ୍ଷକଙ୍କୁ ଅପେକ୍ଷା କରିଥିଲେ, କିନ୍ତୁ ସେହି ବାଟରେ ରାଧାନାଥ ଆସିଯିବାରୁ ମଧୁସୂଦନଙ୍କ ବୁଦ୍ଧି ସ୍ଫୁରିଲା ନାହିଁ। ମଧୁସୂଦନ ରାଧାନାଥଙ୍କ ଗୋଡତଳେ ପଡିଯାଇ ସବୁ ସତ କଥା କହି କ୍ଷମା ମାଗିଲେ। ରାଧାନାଥଙ୍କ ଆର୍ଶୀବାଦ ପାଇ ମଧୁସୂଦନ ଜଣେ ଭଲ ପିଲା ହେବାକୁ ଚେଷ୍ଟା କଲେ। ରାଧାନାଥଙ୍କ ଯତ୍ନ, ଉତ୍ସାହ ଓ ପରିଶ୍ରମରେ ମଧୁସୂଦନ ୧୮୬୯ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହିତ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କଲେ। ତାଙ୍କୁ ମାସିକ ଦଶ ଟଙ୍କା ବୃତ୍ତି ମିଳିଲା। ତେଣୁ ସେ କଟକ ଆସି କଲେଜରେ ଏଫ.ଏ. ଶ୍ରେଣୀରେ ନାମ ଲେଖାଇଲେ। ତାଙ୍କ ସହ ତାଙ୍କର ସାନଭାଇ ଜଗନ୍ନାଥ ମଧ୍ୟ କଟକ ଆସି ପାଠପଢ଼ିଲେ। କଲେଜରେ ତାଙ୍କର ସହପାଠୀ ଆଚାର୍ଯ୍ୟ ପ୍ୟାରୀମୋହନ ଓ ବଳରାମ ଦାସ ଥିଲେ। ୧୮୭୧ ମସିହାରେ ସେ ଖ୍ୟାତି ସହ ଏଫ.ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦ ଟଙ୍କା ବୃତ୍ତି ପାଇଲେ। ସୁଦୂର କଲିକତା ଯାଇ ବି.ଏ. ପଢ଼ିବା ପାଇଁ ତାଙ୍କ ପିତାଙ୍କର ଇଚ୍ଛା ନଥିଲା। ତେଣୁ ତାଙ୍କ ପାଠପଢ଼ା ଏତିକିରେ ଡୋରି ବନ୍ଧାଗଲା। ପ୍ରାଚୀନ ଓଡିଆ ସାହିତ୍ୟ ବିଷୟରେ ଜ୍ଞାନ ଲାଭ କରିବା ପାଇଁ ସେ ପୁରୁଣା ତାଳପତ୍ର ପୋଥି ସବୁ ଆଣି ପଢ଼ିଲେ। କଠୋର ଅଧ୍ୟବସାୟ ବଳରେ କଠିନ ଶାସ୍ତ୍ରମାନ ସେ ଆୟତ୍ତ କରିପାରିଥିଲେ।

ଛୁଆଁ ଅଛୁଆଁ, ଜାତି ଅଜାତି, ଉଚ୍ଚ ନୀଚ ଭେଦଭାବ ପ୍ରଭୃତି ଅନେକ ଅନ୍ଧବିଶ୍ୱାସ ଆମ ସମାଜକୁ କବଳିତ କରି ରଖିଥିଲା। କୁକୁରଟି ମଳତ୍ୟାଗ କଲେ ଆମେ ତା ସେବା କରୁ ଆମ କୋଳରେ ଶୁଆଉ ଥାଉ, କିନ୍ତୁ ମଣିଷକୁ ଘୃଣାକରୁ ଭାତୃତ୍ୱର ଦ୍ୱାହି ଦେଇ କଚେରୀରେ ଛିଡା ହେଉ। ନିଜର ମଣିଷପଣିଆକୁ ଭୁଲି ବିଶ୍ୱଭ୍ରାତୃତ୍ୱକୁ କୁଠାରଘାତ କରୁ। ହିନ୍ଦୁ ସମାଜର କୁସଂସ୍କାର ପାଶ୍ଚାତ୍ୟ ଶିକ୍ଷା, ଖ୍ରୀଷ୍ଟଧର୍ମ ଓ ପାଦ୍ରିମାନଙ୍କର ପ୍ରଭାବରେ ମଧୁସୂଦନ ବ୍ୟତିବ୍ୟସ୍ତ ହୋଇ "ବ୍ରାହ୍ମଧର୍ମ" ଗ୍ରହଣ କରିଥିଲେ। ସେଥିପାଇଁ ତାଙ୍କୁ ସମାଜର ବିଦ୍ରୁପ, ଗାଳି ଓ ଯନ୍ତ୍ରଣା ସହିବାକୁ ପଡିଛି।

ମଧୁସୂଦନ ପୁରୀ ଜିଲ୍ଲା ସ୍କୁଲରେ କିଛି ଦିନ ଶିକ୍ଷକତା କରିବା ପରେ ଯାଜପୁର ମାଇନର ସ୍କୁଲରେ ହେଡମାଷ୍ଟର ପଦବୀରେ ଯୋଗଦେଇ ମାସିକ ୪୫ ଟଙ୍କା ବେତନ ପାଇଲେ। ସେଠାରେ ପତ୍ନୀ ପଦ୍ମାବାଈ ସହିତ ବୈତରଣୀ ନଦୀରେ ସ୍ନାନ କରି ଭାବଭକ୍ତିରେ ଅତୀତ ଉତ୍କଳର ଗୁଣକୀର୍ତ୍ତନ କରୁଥିଲେ। ଯାଜପୁର ଠାରେ ମଧୁସୂଦନଙ୍କର କବି ପ୍ରତିଭା ପ୍ରସ୍ଫୁଟିତ ହେଲା। ୧୮୭୩ ମସିହାରେ ମଧୁସୂତନ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ରୂପେ ଯୋଗଦେଲେ। ସେଠାରେ ତାଙ୍କର ବ୍ୟାସକବି ଫକୀର ମୋହନ ସେନାପତି, ବୈକୁଣ୍ଠନାଥ ଦେଓ ଓ ତାଙ୍କର ଗୁରୁଦେବ ରାଧାନାଥ ରାୟଙ୍କ ସହିତ ମିଳନ ହେଲା। ଏହା ଥିଲା ଓଡିଆ ସାହିତ୍ୟ ଇତିହାସର ଏକ ମଧୁର ମିଳନ ପର୍ବ। ବାଲେଶ୍ୱର ପାଲଟିଗଲା ଓଡିଆ ସାହିତ୍ୟର ତୀର୍ଥସ୍ଥଳୀ ପ୍ରୟାଗ। ଏହି ସାହିତ୍ୟିକ ମାନେ ମିଶି ମାସିକ ପତ୍ରିକା 'ଉତ୍କଳ ଦର୍ପଣ' ପ୍ରକାଶ କଲେ। ମଧୁସୂଦନ ଏହି ଠାରେ କେତୋଟି ପ୍ରବନ୍ଧ ଓ କବିତା ରଚନା କରିଥିଲେ। ସେଗୁଡିକ ମଧ୍ୟରୁ "ପ୍ରଣୟର ଅଦ୍ଭୁତ ପରିଣାମ", "ଚନ୍ଦ୍ର ତାରା ଗଳ୍ପ", "ଶାସନ ପ୍ରଣାଳୀ", "ସୂର୍ଯ୍ୟ ଉଲ୍‌କା ପିଣ୍ଡ", "ଆଗ୍ନେୟଗିରି", "ବୁଦ୍ଧଦେବ", "ଶ୍ମଶାନ", "ନିଶୀଥ ଚିନ୍ତା", "ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ", ଶରତ ପ୍ରଭାତ ଓ ସୀତା ବନବାସ ପ୍ରଭୃତି ଅନେକ ରଚନା ତାଙ୍କର ସୃଷ୍ଟି। ମଧୁସୂଦନ ପୁରସ୍କାର ପାଇଁ 'ପ୍ରବନ୍ଧମାଳା' ନାମକ ଗୋଟିଏ ବହି ଲେଖିଥିଲେ। ରାଧାନାଥ ଓ ମଧୁସୂଦନ ଦୁହେଁ ମିଶି 'କବିତାବଳୀ' ନାମକ ବହି ପ୍ରକାଶ କଲେ। ବାଲେଶ୍ୱରଠାରେ ତାଙ୍କର ପ୍ରଥମ କନ୍ୟା ବାସନ୍ତୀର ଜନ୍ମ। ସେ କଟକ କଲେଜିଏଟ୍ ସ୍କୁଲରେ ଅତିରିକ୍ତ ଶିକ୍ଷକ ଭାବେ ଯୋଗଦେବା ପରେ ତାଙ୍କର ଗୋଟିଏ ପୁତ୍ର ଜନ୍ମ ହେଲା ତାର ନାମ 'ଜୟନ୍ତ'।

୧୮୮୦ ମସିହାରେ ମଧୁସୂଦନ ଶିକ୍ଷା ବିଭାଗୀୟ ଡେପୁଟି ଇନ୍‌ସପେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଲେ। ଶିକ୍ଷକମାନଙ୍କୁ ପାଠ ପଢାଇବାରେ ସାହାଯ୍ୟ କରିବା ଲାଗି ସେ କେତେକ ବହି ମଧ୍ୟ ଲେଖିଥିଲେ। 'ଶିକ୍ଷାବନ୍ଧୁ' ନାମକ ଏକ ପତ୍ରିକା ମଧ୍ୟ ପ୍ରକାଶ କରିଥିଲେ। ବର୍ତ୍ତମାନ କଲେଜିଏଟ୍ ସ୍କୁଲର ମୁଖପତ୍ରର ନାମ ଶିକ୍ଷାବନ୍ଧୁ ରହିଅଛି। ପ୍ରାଥମିକ ଶିକ୍ଷକମାନଙ୍କ ନିମନ୍ତେ ସେ 'ଶିକ୍ଷକ ସହଚର', 'ନିମ୍ନ ଶିକ୍ଷକ ବନ୍ଧୁ' ଓ 'ନିମ୍ନ ଶିକ୍ଷକ ସୁହୃଦ୍' ବୋଲି ତିନି ଖଣ୍ଡ ପୁସ୍ତକ ପ୍ରକାଶ କରିଥିଲେ। ଶିକ୍ଷକଙ୍କ ତାଲିମ ପାଇଁ ସେ ଏକ ଗୁରୁଟ୍ରେନିଂ ସ୍କୁଲ ବସାଇଥିଲେ। ୧୮୮୧ ମସିହାରେ 'ଛାନ୍ଦମାଳା' ପ୍ରଥମ ଖଣ୍ଡ ପ୍ରକାଶିତ କରିଥିଲେ। 'ବର୍ଣ୍ଣବୋଧ' ବହି ଖଣ୍ଡିକ ଲେଖି ସେ ସାରା ଓଡିଶାରେ ପରିଚିତ।

ବାଲ୍ୟବନ୍ଧୁ ଆଚାର୍ଯ୍ୟ ପ୍ୟାରୀ ମୋହନଙ୍କ ମୃତ୍ୟୁ ମଧୁସୂଦନଙ୍କୁ ଖୁବ୍ ବାଧିଲା। ସେ ବହୁକାଳ ପର୍ଯ୍ୟନ୍ତ ଦାରୁଣ ଦୁଃଖରେ ଘାଣ୍ଟିଚକଟି ହୋଇପଡିଲେ। ତାପରେ ତାଙ୍କର କଠିନ ଶୂଳ ରୋଗ ଆରମ୍ଭ ହୋଇଥିଲ। ସେ ଡେପୁଟି ଇନ୍‌ସପେକ୍ଟର ଚାକିରି ଛାଡି ଦେଇ କଲେଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଯୋଗଦେଲେ। କଲେଜ ପ୍ରିନ୍ସପାଲ୍‌ଙ୍କ ସହିତ ନୀତିଗତ ଅମେଳ ହେବାରୁ ସେ ପ୍ରଧାନ ଶିକ୍ଷକ ପଦ ଛାଡି ବାଲେଶ୍ୱରକୁ ଡେପୁଟି ଇନ୍‌ସପେକ୍ଟର ପଦରେ ବଦଳି ହେଲେ। ୧୮୯୩ ମସିହାରେ ମଧୁସୂଦନ କଟକ ଟ୍ରେନିଂ ସ୍କୁଲରେ ପ୍ରଧାନ ଶିକ୍ଷକ ରୂପେ ଯୋଗଦେଲେ। ଟ୍ରେନିଂ ସ୍କୁଲରେ ଭାବର ଆଦାନ ପ୍ରଦାନ ନିମନ୍ତେ ୧୮୯୪ ମସିହାରେ ଏକ ଆଲୋଚନା ସଭା ମଧୁସୂଦନ ଗଠନ କରିଥିଲେ। ତାହା ବଢ଼ିଯାଇ କ୍ରମେ 'ଉତ୍କଳ ସାହିତ୍ୟ ସମାଜ'ରେ ପରିଣତ ହୋଇଥିଲା। ତେଣୁ ତାଙ୍କ ନାମ ଉକ୍ତ ଅନୁଷ୍ଠାନ ସହିତ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ସେ ଛାତ୍ରମାନଙ୍କ ମଧ୍ୟରେ 'ଉତ୍କଳ ଯୁବକ ସଂଘ' ଗଢ଼ି ସେ ସୁନାମ କମାଇଥିଲେ। ବ୍ରାହ୍ମ ଉପାସନା ପାଇଁ ସେ କଟକ ଗଙ୍ଗା ମନ୍ଦିର ନିକଟରେ ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ।

ମଧୁସୂଦନଙ୍କ ପ୍ରଚେଷ୍ଟାରେ ଟାଉନ୍ ସ୍କୁଲ ନାମରେ ଗୋଟିଏ ମାଇନର ସ୍କୁଲ କଟକ ସହରରେ ପ୍ରତିଷ୍ଠା ହୋଇଥିଲା। ପର ଅବସ୍ଥାରେ ଉକ୍ତ ସ୍କୁଲଟି 'ଭିକ୍ଟୋରିଆ ହାଇସ୍କୁଲ'ରେ ନାମିତ ହେଲା। ଏବେ ସେ ସ୍କୁଲର ନାମ 'ଭକ୍ତ ମଧୁ ବିଦ୍ୟା ପୀଠ'। ତାଙ୍କର ପାରିବାରିକ ଜୀବନ ଅତି ମଧୁମୟ ଥିଲା। ୪ଟି କନ୍ୟା ଓ ୪ଟି ପୁତ୍ର ସନ୍ତାନ ମଧ୍ୟରୁ 'ପ୍ରଶାନ୍ତ' ନାମକ ପୁତ୍ରକୁ ସାନ ଭାଇ ଜଗନ୍ନାଥଙ୍କୁ ପୁଅ ଭାବେ ଟେକି ଦେଇଥିଲେ। କନ୍ୟା, ପୁତ୍ର, ସ୍ତ୍ରୀ ଓ ଭାଇ ଏକତ୍ର ରହି ଘରଟିକୁ ସେ ସ୍ୱର୍ଗ ପରି ମଣୁଥିଲେ, ସେଥିପାଇଁ ସେ 'ପରିବାର' ପଦ୍ୟରେ ଲେଖିଛନ୍ତି :-

"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।"

ଗୃହର ଶାନ୍ତି ଦେଖି ଫକୀର ମୋହନ ତାଙ୍କ ଗୃହକୁ କହୁଥିଲେ ମହର୍ଷି ଆଶ୍ରମ, ମଧୁସୂଦନ ନିଜେ ମହାରଷି। ଈଶ୍ୱରଙ୍କ ପରମ ସତ୍ତା ଅନୁଭବକରି ସେ ଭକ୍ତି ଭାବରେ ବହୁତ କବିତା ରଚନା କରିଛନ୍ତି। ତେଣୁ ତାଙ୍କୁ ଆଧୁନିକ ଓଡିଆ ସାହିତ୍ୟରେ 'ଭକ୍ତ କବି' ବୋଲି କୁହାଯାଏ। ଇଂରେଜ ସରକାର ତାଙ୍କ ୧୯୦୭ ମସିହାରେ "ରାୟବାହାଦୂର" ପଦ ପ୍ରଦାନ କରିଥିଲେ। ୧୯୦୯ ମସିହାରେ ତାଙ୍କ ପିତା ଭାଗୀରଥି ରାଓ ହରିନାମ ଗାଇ ଗାଇ ଆଖି ବୁଜିଦେଲେ। ପିତୃ ବିୟୋଗ ଦୁଃଖ ମଧୁସୂଦନଙ୍କୁ ଦାରୁଣ କଷ୍ଟ ଦେଇଥିଲା। ଛାନ୍ଦମାଳା ୨ୟ ଖଣ୍ଡ ତାଙ୍କ ପିତୃଦେବଙ୍କ ପାଦପଦ୍ମରେ ସେ ଉତ୍ସର୍ଗ କରିଥିଲେ। 'କୁସୁମାଞ୍ଜଳି' ମଧୁସୂଦନଙ୍କ ଶ୍ରେଷ୍ଠ କବିତା ସଞ୍ଚୟନ। ୧୯୧୨ ମସିହା ଡିସେମ୍ବର ୨୮ ତାରିଖରେ ସେ ଇହଧାମ ତ୍ୟାଗ କଲେ।

ମଧୁସୂଦନଙ୍କ ସରଳତା, ସାଧୁତା, ସହନଶୀଳତା, ସାହାଯ୍ୟ, ସତ୍ୟ କଥନ ଓ ଭ୍ରାନ୍ତି ଭାବ ଆଧୁନିକ ଓଡିଆ ସାହିତ୍ୟରେ ବିରଳ। ତାଙ୍କର ମାନବଧର୍ମ ଓ ସଂସ୍କାର ବାଦର ଗାରିମାମୟ ମୌଳିକ କବି ପ୍ରତିଭା ତାଙ୍କୁ ଚିରଦିନ ପାଇଁ ଅମର କରିରଖିବ। ସେଥିପାଇଁ ପଲ୍ଲୀକବି ନନ୍ଦକିଶୋର ଲେଖିଛନ୍ତି–

"ଯାବତ ଜୀବନ ଆଦର୍ଶ ସ୍ୱରୂପେ
ବିରାଜ ମୋ ପ୍ରାଣେ ସତତ
ହେ ଦେବ ! ଉତ୍କଳର ଇତିହାସରେ
ଶ୍ରୀ ମଧୁସୂଦନ ଭକ୍ତକବି ନାମ
ରହିଲା ସୁବର୍ଣ୍ଣ ଅକ୍ଷରେ"

*ପାରାଦ୍ୱୀପଗଡ, କୁଜଙ୍ଗ*
*ଜଗତ୍‌ସିଂହପୁର*
*ମୋ.ନଂ.-୯୯୩୭୬୯୧୪୭୫*

# ସମଲେଶ୍ୱରୀ ମନ୍ଦିରର ବିକାଶ ପାଇଁ 'ସମଲେଇ ଯୋଜନା'

**ଭୁବନେଶ୍ୱର :** ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ। କୋଟି କୋଟି ଓଡ଼ିଆଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର ମା ସମଲେଇ। ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଭକ୍ତ ମାଙ୍କ ଦର୍ଶନ ପାଇଁ ଆସିଥାନ୍ତି। ନବରାତ୍ରୀ, ଦଶହରା, ନୂଆଖାଇ ଓ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀ ମାନଙ୍କରେ ମାଙ୍କ ପୀଠରେ ଭକ୍ତ ସମାଗମ ବୃଦ୍ଧି ହୋଇଥାଏ। ପୁରୀର ଶ୍ରୀଜଗନ୍ନାଥ ଓ ଭୁବନେଶ୍ୱରର ଶ୍ରୀ ଲିଙ୍ଗରାଜ ମନ୍ଦିର ପରେ ୫-ଟି ଉପକ୍ରମ ଅଧିନରେ ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ପୀଠ ସମ୍ବଲପୁରର ମା' ସମଲେଇଙ୍କ ମନ୍ଦିର ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତ ଚିଠା ପ୍ରସ୍ତାବକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଉପସ୍ଥାପନା କରାଯାଇଥିଲା। ଷୋଡଶ ଶତାବ୍ଦୀରେ ନିର୍ମିତ ମା ସମଲେଶ୍ୱରୀଙ୍କ ପୀଠର ବିକାଶ ପାଇଁ ରାଜ୍ୟ ସରକାର ସମଲେଶ୍ୱରୀ ଟେମ୍ପୁଲ ଏରିଆ ମ୍ୟାନେଜମେଣ୍ଟ ଆଣ୍ଡ ଲୋକାଲ ଇକୋନମିକ୍ ଇନ୍‌ଟିଏଟିଭିସ୍ (ସମଲେଇ) ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ୨୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ସମଲେଶ୍ୱରୀଙ୍କ ପୀଠ ତଥା ଆଖପାଖର ୧୦୮ ଏକର ଜମିରେ ବିକାଶ କରାଯିବ। ଏହି ଯୋଜନାରେ ମାଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ, ସ୍ଥାନୀୟ ଲୋକଙ୍କ ଆର୍ଥିକ ବିକାଶ ତଥା ପର୍ଯ୍ୟଟକ ଓ ଭକ୍ତ ମାନଙ୍କ ପାଇଁ ଏକ ଅନନ୍ୟ ଅନୁଭୂତି ହେବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ କରିବ। ମା'ଙ୍କ ମନ୍ଦିର ଅଞ୍ଚଳ ୧୨ ଏକର ଜମି ଉପରେ ପ୍ରତିଷ୍ଠିତ। ତେଣୁ ଏଠାରୁ ଆସୁଥିବା ଭକ୍ତମାନେ ଯେଭଳି ସୁବିଧାରେ ମାଙ୍କର



ଦର୍ଶନ କରିପାରିବେ, ସେଥିପାଇଁ ଧାଡି ପରିଚାଳନା ବ୍ୟବସ୍ଥା, ବିଭିନ୍ନ ଧାର୍ମିକ ଉତ୍ସବ ଅନୁଷ୍ଠାନ ପାଇଁ ସ୍ଥାନ ସହିତ ଭୋଗମଣ୍ଡପ ଓ ପୂଜାରୀଙ୍କ ବିଶ୍ରାମଗୃହ ନିର୍ମାଣ କରାଯିବ। ମନ୍ଦିରର ଚାରି ଦିଗରେ ୪ଟି ସୁଦୃଶ୍ୟ ଦ୍ୱାର କରାଯିବ। ଭକ୍ତମାନେ ପୂର୍ବ ଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିବେ ଏବଂ ଅନ୍ୟ ୩ଟି ଦ୍ୱାର ଦେଇ ବାହାରକୁ ବାହାରିବେ। ମନ୍ଦିରର ମୁଖ୍ୟ ପ୍ରବେଶ ଦ୍ୱାର ପାଖରେ ମନ୍ଦିର କାର୍ଯ୍ୟାଳୟ, ଇଣ୍ଟରପ୍ରିଟେସନ ସେଣ୍ଟର ଏବଂ ଜନସାଧାରଣଙ୍କ ପାଇଁ ସୁବିଧାର ବିକାଶ କରାଯିବ। ମନ୍ଦିର ନିକଟରେ ଅବସ୍ଥିତ ଗୋପାଳଜୀ ମଠର ସଂରକ୍ଷଣ କରାଯିବ। ମନ୍ଦିର ଚାରିପଟେ ଭକ୍ତମାନେ ଯେପରି ସୁବିଧାରେ ପରିକ୍ରମା କରିପାରିବେ, ସେଥିପାଇଁ ୧ କିଲୋମିଟର ଦୀର୍ଘ୍ୟ ବିଶିଷ୍ଟ ଏକ ପାଦଚଲା ରାସ୍ତା ନିର୍ମାଣ କରାଯିବ। ସମ୍ବଲପୁରର ଜଳବାୟୁକୁ ଦୃଷ୍ଟିରେ ରଖି ପରିକ୍ରମ ନିକଟରେ ଛାୟାପ୍ରଦ ବୃକ୍ଷ ଆଦି ରୋପଣ କରାଯିବ। ଯାତ୍ରୀମାନଙ୍କ ପାଇଁ ସେଠାରେ ପର୍ଯ୍ୟାପ୍ତ ସୁବିଧାର ବିକାଶ କରାଯିବ ଏବଂ ତାସହିତ ପାର୍କିଂ ଜାଗା, ସ୍ୱତନ୍ତ୍ର ଭେଣ୍ଡିଂ ଜୋନ, ଶୌଚାଳୟ, ସୂଚନା କେନ୍ଦ୍ର, ଦାନ କେନ୍ଦ୍ର ଇତ୍ୟାଦି ବ୍ୟବସ୍ଥା ରଖାଯିବ। ତାସହିତ ମନ୍ଦିର ପାଖରେ ଯାତ୍ରୀନିବାସର ମଧ୍ୟ ସୁବିଧା ଉପଲବ୍ଧ ହେବ। ସେହିପରି ମନ୍ଦିର ନିକଟରେ ରହୁଥିବା ସେବାୟତ ମାନଙ୍କ ପାଇଁ ସୁରକ୍ଷିତ ବାସଗହ ପ୍ରକଳ୍ପ ହାତକୁ ନିଆଯିବ ଏବଂ ଏଥିରେ ସମସ୍ତ ପ୍ରକାର ମୌଳିକ ସୁବିଧା ରଖାଯିବ। ମା'ଙ୍କ ଦଶନ ପାଇଁ ଆସୁଥିବା ଭକ୍ତମାନେ ଯେପରି ମନ୍ଦିରରୁ ମହାନଦୀ ଘାଟକୁ ଯାଇପାରିବେ, ସେଥିପାଇଁ ୩୦ ମିଟର ଚଉଡା ବିଶିଷ୍ଟ ପାଦଚଲା ରାସ୍ତାର ମଧ୍ୟ ବିକାଶ କରାଯିବ। ଉପରୋକ୍ତ ପାଦଚଲା ରାସ୍ତାର ମଧ୍ୟ ଭାଗରେ ଏକ ୩୦ ମିଟର ବିଶିଷ୍ଟ ଡେସ୍କ ନିର୍ମାଣ କରାଯିବ, ଯେଉଁଠାରୁ କି ଉଭୟ ମହାନଦୀ ଓ ମାଙ୍କ ମନ୍ଦିର ସ୍ପଷ୍ଟ ଭାବରେ ଦେଖାଯିବ। ସେଠାରେ ପ୍ରତିଦିନ ମହାନଦୀ ଆରତୀ ଭକ୍ତମାନଙ୍କୁ ଏକ ଅନନ୍ୟ ଆଧାତ୍ମିକ ଅନୁଭୂତି ହେବ। ବର୍ତ୍ତମାନର ରିଙ୍ଗ ରୋଡକୁ ଚଉଡା କରାଯିବ ଏବଂ ସେଥିରେ ସ୍ୱତନ୍ତ୍ର ଭାବରେ ଚଲାପଥ ରହିବ। ନଦୀ କୂଳର ଯୋଜନାବଦ୍ଧ ଭାବରେ ବିକାଶ କରାଯିବ ଏବଂ ଲୋକମାନେ ଯେପରି ସୁବିଧାରେ ସେମାନଙ୍କର ରୀତିନୀତି ପାଳନ କରିପାରିବେ, ସେଥିପାଇ ପ୍ଲାଟଫର୍ମର ବ୍ୟବସ୍ଥା କରାଯିବ। ତାସହିତ ପର୍ଯ୍ୟଟକ ମାନଙ୍କୁ ମହାନଦୀର ଦୃଶ୍ୟ ଅବଲୋକନ ପାଇଁ ପ୍ୟାଭିଲିଅନ, ପ୍ଲାଜା ଓ ଡେସ୍କ ଆଦି ନିର୍ମାଣ କରାଯିବ। ଏହି ପ୍ରକଳ୍ପ ଅଧିନରେ ୨୨ ଏକର ଜମିରେ ହ୍ରଦ କୂଳର ବିକାଶ କରାଯିବ। ଏଥିରେ ୱେଟଲ୍ୟାଣ୍ଡର ବିକାଶ ସହିତ ୫ ଏମ୍‌ଏଲଡି ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯିବ। ୱେଟଲ୍ୟାଣ୍ଡ ଅଞ୍ଚଳର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରାଯିବ। ଏହାସହିତ ସେଠାରେ ପର୍ଯ୍ୟଟକ ମାନଙ୍କ ସୁବିଧା ପାଇଁ ଫୁଡ୍ ପାର୍କ, ସ୍ଥାପତ୍ୟ ପାର୍କ ତଥା ମୁକ୍ତାକାଶ ରଙ୍ଗମଞ୍ଚର ବ୍ୟବସ୍ଥା ରହିବ। ସମ୍ବଲପୁରର ପ୍ରସିଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ସହିତ ବିଭିନ୍ନ ସ୍ମାରକୀ ବିକାଶ କରାଯିବ। ରେଳଷ୍ଟେସନରୁ ମନ୍ଦିର ଉତ୍ତର ପାର୍ଶ୍ୱକୁ ସଂଯୁକ୍ତ କରୁଥିବା ରାସ୍ତାକୁ ପ୍ରଶସ୍ତ କରାଯିବ। ଯାହାଫଳରେ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ। ବର୍ତ୍ତମାନ ଥିବା ଶ୍ମଶାନକୁ ପୂର୍ବ ପଟକୁ ସ୍ଥାନାନ୍ତର କରାଯିବ ଏବଂ ଏଠାରୁ ଆଧୁନିକ ସୁବିଧାର ବିକାଶ କରାଯିବ। ଏହି ଶ୍ମଶାନଟି ୯ ମିଟର ବିଶିଷ୍ଟ ପାଦଚଲା ରାସ୍ତା ସହିତ ସଂଯୁକ୍ତ ହେବା ଫଳରେ ଲୋକମାନେ ସୁବିଧାରେ ନଦୀଘାଟକୁ ଯାଇ ରୀତିନୀତି ପାଳନ କରିପାରିବେ। ଶ୍ମଶାନ ପାଖରେ ଶେଷକୃତ୍ୟ, ଶ୍ରାଦ୍ଧମଣ୍ଡପ ଓ ବିଶ୍ରାମଗୃହର ବ୍ୟବସ୍ଥା କରାଯିବ। ଏହି ନୂଆ ଯୋଜନା ଫଳରେ ପ୍ରଭାବିତ ହେଉଥିବା ଜନସାଧାରଣଙ୍କ ପାଇଁ ଏକ ସ୍ୱତନ୍ତ୍ର ଥଇଥାନ ଓ ପୁନର୍ବାସ ପ୍ୟାକେଜ ପ୍ରସ୍ତୁତ କରାଯାଉଛି। ଏଥିରେ ଘରୋଇ ଜମିରେ ଆବାସିକ ପ୍ରକଳ୍ପ, ସରକାରୀ ଜମିରେ ଥିବା ବସ୍ତି, ସରକାରୀ ଜମିରେ ଅନ୍ୟ ବାସଗୃହ, ସରକାରୀ ଜମିରେ ଦୋକାନ ଘର, ସରକାରୀ ଜମିରେ ଭେଣ୍ଡର ମାନଙ୍କ ପାଇଁ ପ୍ୟାକେଜରେ ବିସ୍ତୃତ ବ୍ୟବସ୍ଥା ରଖାଯିବ। ସେହିପରି ସରକାରୀ ଜମିରେ ଥିବା କ୍ଲବ, ଧାର୍ମିକ ଅନୁଷ୍ଠାନ, ସରକାରୀ ଅଫିସ ଓ ପ୍ରତିଷ୍ଠାନ ମାନଙ୍କ ପାଇଁ ସହାୟତା ପ୍ରଦାନ କରାଯିବ। ଏହି ଚିଠା ମାଷ୍ଟର ପ୍ଲାନ ସମ୍ପର୍କରେ ଜନସାଧାରଣ ସେମାନଙ୍କ ମତାମତ ମାର୍ଚ୍ଚ ୧୫ ସୁଦ୍ଧା ସେମାନଙ୍କର ମୂଲ୍ୟବାନ ମତାମତ ଦେଇପାରିବେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନରଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ପଦାଧିକାରୀ ଓ କାର୍ଯ୍ୟକାରିଣୀ ସଦସ୍ୟାଙ୍କ ନାମ ତାଲିକା ଘୋଷଣା

**ଭୁବନେଶ୍ୱର :** ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ମହିଳା ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା, ମୋର୍ଚ୍ଚାର ବିଭିନ୍ନ ବିଭାଗର ସଂଯୋଜିକା ଏବଂ ସହ ସଂଯୋଜିକାମାନଙ୍କ ନାମ ତାଲିକା ଘୋଷଣା କରିଛନ୍ତି । ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ଭାବେ କାନନବାଳା ପଟ୍ଟନାୟକ, ନିୟତି ଗିରି, ସୁଷମା ରାଣି ବିଶ୍ୱାଳ, ନିରୋଜ ନଳିନୀ ମାହାଲ୍ଲିକ, ଅନୁ ଚୌଧୁରୀ, କସ୍ତୁରୀ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି । ମହିଳା ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦିକା ଭାବେ ବବିତା ପାତ୍ର ଓ କଳ୍ପନା ଲେଙ୍କା, ସଂପାଦିକା ଭାବେ କୌଶଲ୍ୟା ନାୟକ, ରଶ୍ମିରେଖା ଦାସ, ଜୟଲକ୍ଷ୍ମୀ ମହାନ୍ତି, ଇତିଶ୍ରୀ ଜେନା, ରଂଜିତା ପାଣିଗ୍ରାହୀ ଏବଂ କୋଷାଧ୍ୟକ୍ଷ ଭାବେ ସୁବାସିନୀ ବଳଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ମହିଳା ମୋର୍ଚ୍ଚାର ବିଭିନ୍ନ ବିଭାଗର ରାଜ୍ୟ ସଂଯୋଜିକା ଏବଂ ସହ ସଂଯୋଜିକା ଭାବେ ପ୍ରତିମା ମିଶ୍ର, ରଶ୍ମି ପଟ୍ଟନାୟକ, ମାନସୀ ହରିଚନ୍ଦନ, ସବିତା ପ୍ରହରାଜ, ସେଫାଳୀ ଦାସ, ସୁଜାତା ପାଢୀ, ସୁଚରିତା ଜେନାମଣୀ, ଅନ୍ୟ ଅନନ୍ୟା ପ୍ରିୟଦର୍ଶିନୀ, ଅନୁଶ୍ରୀ ମହାନ୍ତି, ସତରୂପା ମିଶ୍ର, ପୂର୍ଣ୍ଣିମା ଦାସ, ପଦ୍ମଜା ଦେବତାଙ୍କୁ ଦାୟୀତ୍ୱ ଦିଆଯାଇଛି । ମହିଳା ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ସଂଘମିତ୍ରା ପ୍ରଧାନ, ରୋଜାଲିନ ଦାସ, ମିନା ସରାଫ, ପଦ୍ମାବତୀ ଜେନା, ସୁବାସିନୀ ପୃଷ୍ଟି, ଅଂଜଳି ସେଠୀ, କଳ୍ପନା ପଟ୍ଟନାୟକ, ରିତା ଚୌଧୁରୀ, ପ୍ରୀତି ପରମିତା ବେହେରା, ଭାରତୀ ସ୍ୱାଇଁ, ମୀନା ଧ୍ୟାନସାମନ୍ତରାୟ, ଅମିତା ରାଣୀ ଦାସ, କୁନ୍ତୀ ପାଲ୍, କାନନବାଳା ଦାସ, ମମତା ସ୍ୱାଇଁ, ସୁମତି ଜେନା, ମୀନା କୁମାରୀ ଦାସ, ସୁମିତ୍ରା ବାହିନିପତୀ, ରଶ୍ମି ପଟ୍ଟନାୟକ, କବିତା ନାଥ, ପୂର୍ଣ୍ଣିମା ମଜୁମଦାର, ଲକ୍ଷ୍ମୀପ୍ରିୟା ସାହୁ, ସୁମନ ସିଂହ, ମିଥିଲା ଟୁଡୁ, ପ୍ରବୀଣା କୋଲାର, ପ୍ରିତୀ ସିଗ୍ଧା ମହାପାତ୍ର, ନିରୁପମା ଖଟେଇ, ଜେମାମଣି ଧାରୁଆ, ପ୍ରମିଳା ଦାସ, ମାନସୀ ହରିଚନ୍ଦନ ଏବଂ ସୌମ୍ୟା ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ପ୍ରେସ ବାର୍ତ୍ତାରେ ଜଣାଇଛନ୍ତି ।



### ବିଧାନସଭାରେ ବର୍ଷିଲେ ବିରୋଧୀ

# ରାଜ୍ୟରେ ୨୨ ଲକ୍ଷ ଭୂତ ଚାଷୀ

**ଭୁବନେଶ୍ୱର :** ରାଜ୍ୟରେ ଏବେ ୨୨ ଲକ୍ଷ 'ଭୂତ' ଚାଷୀ ଅଛନ୍ତି। ସେମାନଙ୍କ ନାମରେ ଟଙ୍କା ଲୁଟ୍ ହେଉଛି। ଏହି ଅର୍ଥ ବିଜେଡି ପାର୍ଟି ଫଣ୍ଡକୁ ଯାଉଛି। ଶନିବାର ଦ୍ୱିତୀୟାର୍ଦ୍ଧ ବୈଠକରେ ଗୃହ ସ୍ୱାଭାବିକ ହେବା ପରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବକୁ ବିରୋଧ କରି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଏହି ମାରାତ୍ମକ ଅଭିଯୋଗ କରିଥିଲେ। ରାଜ୍ୟପାଳଙ୍କୁ ମୁଁ ଆନ୍ତରିକ ଧନ୍ୟବାଦ ଦେଇ ଶ୍ରୀ ନାୟକ କହିଥିଲେ, ରାଜ୍ୟ ସରକାର ତାଙ୍କ ମୁହଁରେ ଅସତ୍ୟ କଥା ପ୍ରଚାର କରିଛନ୍ତି। ଏହାକୁ ସେ ତୀବ୍ର ନିନ୍ଦା କରୁଛନ୍ତି। କାରଣ ସରକାର ଯାହା କହିଛନ୍ତି ସେଥିରେ କିଛି ସତ୍ୟତା ନାହିଁ। ଚାଷୀଙ୍କ କଥା ଦେଖିଲେ ତାହା ସ୍ପଷ୍ଟ ହୋଇଯିବ। ରାଜ୍ୟ ସରକାର ୫୧ ଲକ୍ଷ ଚାଷୀଙ୍କୁ କାଳିଆ ଭଳି କିଛି ଯୋଜନାରେ ଅର୍ଥ ଦେଉଛନ୍ତି ବୋଲି କହୁଛନ୍ତି। ଏହା ସଂପୂର୍ଣ୍ଣ ଭୁଲ। ଯଦି ସତ ତାହାଲେ ସରକାର ପଞ୍ଚାୟତଓ୍ୱାରୀ ତାଲିକା ଦେବା ଦରକାର। କେନ୍ଦ୍ର ସରକାର ପିଏମକିସାନ ଯୋଜନା ପାଇଁ ଚାଷୀ ତାଲିକା ମାଗୁଥିଲେ ହେଁ ରାଜ୍ୟ ସରକାର କେବଳ ୯ ଲକ୍ଷ ଚାଷୀଙ୍କ ତାଲିକା ଦେଉଛନ୍ତି। ତେଣୁ ବାକି ଚାଷୀ ଉଚିତ ନ୍ୟାୟ ପାରିପାରୁ ନାହାନ୍ତି। ରାଜ୍ୟରେ ଏବେ ୨୨ ଲକ୍ଷ 'ଭୂତ' ଚାଷୀଙ୍କ ନାମରେ ଅର୍ଥ ବାଟମାରଣ ହେଉଛି ବୋଲି ସେ ଅଭିଯୋଗ ବାଢ଼ିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ରାଜ୍ୟର ସୀମା କେତେ ସୁରକ୍ଷିତ ବୋଲି ପ୍ରଶ୍ନ କରିଥିଲେ। ସେ କହିଥିଲେ, ରାଜ୍ୟ ସରକାରଙ୍କ ଅବହେଳା ଯୋଗୁଁ କୋଟିଆ ଉପରେ ଆନ୍ଧ୍ର ପ୍ରଦେଶ ସରକାର ଆଖି ପକାଇଛନ୍ତି। ସେଠାରେ ଲୋକଙ୍କୁ ମନାଇବା ପାଇଁ ଆନ୍ଧ୍ର ଅନେକ ଯୋଜନା କାର୍ଯ୍ୟକାରି କରିଥିଲାବେଳେ ଓଡ଼ିଶା ସରକାର ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନେଇ ନାହାଁନ୍ତି। ସେହିପରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପ୍ରସଙ୍ଗ ଉଠାଇ ଶ୍ରୀ ମିଶ୍ର କହିଥିଲେ, ପରିଷଦ ପାଇଁ ୨୦୦ କୋଟି ପର୍ଯ୍ୟାପ୍ତ ନୁହେଁ। ଏହି ଅଞ୍ଚଳର ବିକାଶ ନହେଲେ ସେମାନେ ନାନା ଅସନ୍ତୋଷ ଦେଖାଦେବ। ସେହିପରି କଟକ ଓ ଭୁବନେଶ୍ୱରରେ ବିକାଶ ଉପରେ ରାଜ୍ୟ ସରକାର ଫୋକସ୍ କରିଥିବା ସେ ଅଭିଯୋଗ କରିଥିଲେ। ସେ କହିଥିଲେ, ଏହା ଦ୍ୱାରା ସମଗ୍ର ରାଜ୍ୟ ଅଗ୍ରଗତି କରିବ ନାହିଁ। ତେଣୁ ସରକାର ପୁରୀ, ଭୁବନେଶ୍ୱର ଓ କଟକ ଭଳି ସବୁ ଅଞ୍ଚଳରେ ବିକାଶ କରିବା ଉଚିତ। ହେଲେ ସରକାର ରାଜ୍ୟପାଳଙ୍କ ତୁଣ୍ଡରେ ମିଛ କଥା ବଖାଣିଛନ୍ତି।

# ଉର୍ଜା ନ୍ୟାୟର ବିଶ୍ୱ ମଡ଼େଲ ତିଆରି କରୁଛି ଭାରତ : ଧର୍ମେନ୍ଦ୍ର



**ଭୁବନେଶ୍ୱର :** ଉର୍ଜା କ୍ଷେତ୍ରରେ ଉପଲବ୍ଧି ଏବଂ ସୁଲଭ ଦରରେ ସନ୍ତୁଳନ ଆଣି ଭାରତ ଉର୍ଜା ନ୍ୟାୟର ଏକ ବିଶ୍ୱ ମଡ଼େଲ ତିଆରି କରୁଛି ଏବଂ ସବୁଜ ଉର୍ଜା ରୂପାନ୍ତରଣ ପାଇଁ ନିଜର ରଣନୀତି ଓ ପଥ ମଧ୍ୟ ପ୍ରସ୍ତୁତ କରୁଛି ବୋଲି ଭିଡ଼ିଓ କନଫରେନ୍ସିଂ ଜରିଆରେ ଆୟୋଜିତ ୧୧ତମ ବିଶ୍ୱ ପେଟ୍ରୋକୋଲ କଂଗ୍ରେସ ଓ ବିଶ୍ୱ ଭବିଷ୍ୟତ ଇନ୍ଧନର ସମ୍ମିଳନୀ ୨୦୨୧ରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତର ଉର୍ଜା ଚାହିଦା ଭବିଷ୍ୟତରେ ବୃଦ୍ଧି ପାଇବ ଏବଂ ଏହି ଦୃଷ୍ଟିରୁ ସବୁଜ ଉର୍ଜା ପଥ ଆପଣାଇବା ତଥା ପ୍ରଦୂଷଣ ହ୍ରାସ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଛି। ଆନ୍ତର୍ଜାତୀୟ ଉର୍ଜା ସଂସ୍ଥା(ଆଇଇଏ), ଓପେକ ଏବଂ ବ୍ରିଟିଶ ପେଟ୍ରୋଲିୟମ ରିପୋର୍ଟ ଦର୍ଶାଉଛି ଯେ ବିଶ୍ୱର ମୋଟ ପ୍ରାଥମିକ ଉର୍ଜାର ଚାହିଦା ୨୦୪୦ ସୁଦ୍ଧା ବାର୍ଷିକ ୧ ପ୍ରତିଶତରୁ କମ ବୃଦ୍ଧି ପାଇପାରେ। କିନ୍ତୁ ଅପରପକ୍ଷରେ ଭାରତର ଉର୍ଜା ଚାହିଦା ୨୦୪୦ ପର୍ଯ୍ୟନ୍ତ ବାର୍ଷିକ ୩ ପ୍ରତିଶତ ବୃଦ୍ଧି ପାଇବାର ଆକଳନ କରାଯାଇଛି। ଉର୍ଜା ନ୍ୟାୟକୁ ଶେଷ କରିବା ପାଇଁ ଦେଶର ସବୁ ଘରକୁ ସ୍ୱଚ୍ଛ ଇନ୍ଧନ ପହଁଚାଇବା ମୋଦି ସରକାରଙ୍କ ରଣନୀତିର ଏକ ଚାବିକାଠି ହୋଇଛି। ବିଗତ ୬ ବର୍ଷରେ ଦେଶରେ ଏଲପିଜି ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତିତ ହୋଇଛି। ୨୦୧୪ରେ ଏଲପିଜି ଉପଭୋକ୍ତା ୧୪.୫ କୋଟି ଥିଲା ବେଳେ ୨୦୨୧ ସୁଦ୍ଧା ଏହା ବୃଦ୍ଧି ପାଇଁ ୨୯ କୋଟିରେ ପହଁଚିଛି। ବହୁତ କମ୍ ବର୍ଷ ମଧ୍ୟରେ ଏଲପିଜି କଭରେଜ୍ ୫୬ ପ୍ରତିଶତରୁ ବଢ଼ି ୯୯.୫ ପ୍ରତିଶତ ହୋଇଛି। ରେକର୍ଡ ସମୟରେ ଉଜ୍ଜଳା ଯୋଜନାରେ ୮ କୋଟି ବିପିଏଲ ପରିବାରକୁ ଗ୍ୟାସ ଦିଆଯାଇଛି। ଉଜ୍ଜଳା ଯୋଜନା ମହିଳାଙ୍କ ସାମାଜିକ ଓ ଅର୍ଥନୀତିକୁ ପରିବର୍ତ୍ତନ କରିବା ସହ ସଶକ୍ତିକରଣ ମଧ୍ୟ କରିଛି। ସେହିପରି ଚଳିତ ସାଧାରଣ ବଜେଟରେ ଉଜ୍ଜଳା ଯୋଜନାରେ ଆଉ ୧ କୋଟି ଅଧିକ ହିତାଧିକାରୀଙ୍କୁ ଯୋଡ଼ିବା ଘୋଷଣା ହେବା ଦ୍ୱାରା ଏହା ସର୍ବଭାରତୀୟ ସ୍ତରରେ କଭରେଜ୍ ହାସଲ କରିବାରେ ସହାୟକ ହେବ। ସେହିପରି ବିଏସ-୬ ଭଳି ସ୍ୱଚ୍ଛ ଇନ୍ଧନ ଉତ୍ପାଦନ କରିବା ପାଇଁ କାରଖାନା ଗୁଡ଼ିକର ଉନ୍ନତିକରଣ ପାଇଁ ତୈଳ ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡ଼ିକ ୩୪ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରିଛନ୍ତି। ଏହାସହ ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତି କରିବା ତଥା ଗ୍ୟାସ ଭିତିଭୂମିକୁ ମଜବୁତ୍ କରିବା ସ୍ୱରୂପ ୬୦ ବିଲିୟନ ଆମେରିକୀୟ ଡ଼ଲାର ଖର୍ଚ୍ଚ କରାଯାଉଛି ବୋଲି ସେ କହିଛନ୍ତି।

### କୋଟିଆ ପ୍ରସଙ୍ଗରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି

# କୋଟିଆ ଓଡ଼ିଶାର ଥିଲା, ଅଛି, ରହିବ



**ଭୁବନେଶ୍ୱର :** କୋଟିଆ ପ୍ରସଙ୍ଗରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ କଡା ଭାଷାରେ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ। ବିଜୟାନଗରମ, ବିଶାଖାପଟନମ ଓ ଶ୍ରୀକାକୁଲମ ଜିଲ୍ଲା ପ୍ରଶାସନକୁ ବେଆଇନ ସୀମା ଦଖଲ କାର୍ଯ୍ୟକଳାପ, ତଥା ଲୋକମାନଙ୍କୁ ପ୍ରଲୋଭନ କରି ଭୋଟ କରାଇବା ଆଦି କାମରୁ ବିରତ ରହିବା ପାଇଁ ନିର୍ଦ୍ଦେଶ ଦେବା ଲାଗି ଶ୍ରୀ ନାଏକ ଚିଠିରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। କଡା ଭାଷାରେ ବିରୋଧୀ ଦଳ ନେତା ଲେଖିଛନ୍ତି ଯେ କୋଟିଆ ଓଡିଶାର ଥିଲା ରହିଛି ରହିବ। ୧୯୩୬ ମସିହାରେ ଓଡିଶା ପ୍ରଦେଶ ଗଠନ ବେଳେ ବ୍ରିଟିଶ ଭାରତ ସରକାରଙ୍କର ଗେଜେଟ ନୋଟିଫିକେସନ ଅନୁସାରେ କୋଟିଆ ଓଡିଶାର ଅଂଶ। କୋଟିଆକୁ ଯେତେ ଚେଷ୍ଟା କରିଲେ ବି ଆନ୍ଧ୍ର ନେଇପାରିବ ନାହିଁ। ଯେଉଁଭଳି ଭାବରେ ଆନ୍ଧ୍ର ପ୍ରଦେଶ ସରକାର ଓଡିଶାର ସୀମାବର୍ତ୍ତୀ କିଛି ଗାଁରେ ଅନୈତିକ ଓ ବେଆଇନ ଭାବରେ ଭୋଟ କରିବା ପାଇଁ ପ୍ରୟାସ କରିଲେ ତାହା ଗ୍ରହଣୀୟ ନୁହେଁ। ଏହାର ଦେଶର ଆଦର୍ଶ ସଙ୍ଘୀୟ ବ୍ୟବସ୍ଥା, ସମ୍ବିଧାନର ମୁଳ ଭାବନାକୁ ବିରୋଧ କରୁଛି। ଏପରିକି ସୁପ୍ରିମକୋର୍ଟ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଯେଉଁ ରାୟ ଦେଇଥିଲା ତାହାକୁ ବି ଆନ୍ଧ୍ର ସରକାର ମାନୁନାହାନ୍ତି। ଓଡିଶା ଓ ଆନ୍ଧ୍ର ପ୍ରଦେଶ ଭିତରେ ଥିବା ସାଂସ୍କୃତିକ ସମ୍ପର୍କ ହଜାର ହଜାର ବର୍ଷର। ଉଭୟ ସୀମାରେ ରହୁଥିବା ଲୋକମାନଙ୍କ ଭିତରେ କାହିଁ କେଉଁ କାଳରୁ ପାରିବାରିକ ଏବଂ ସାଂସ୍କୃତିକ ସମ୍ପର୍କ ରହିଆସିଛି। ହେଲେ ଆନ୍ଧ୍ର ସରକାରଙ୍କ କାର୍ଯ୍ୟକଳାପ ଦୁଇ ସୀମାର ଲୋକମାନଙ୍କର ଭିତରେ ସୁସମ୍ପର୍କକୁ ନଷ୍ଟ କରୁଛି ବୋଲି ବିରୋଧୀ ଦଳ ନେତା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

### ନୀତି ଆୟୋଗ ବୈଠକରେ ନବୀନଙ୍କ କଡା ବାର୍ତ୍ତା

# ସବୁକଥାକୁ ରାଜନୈତିକ ଦୃଷ୍ଟିରୁ ଦେଖନି




**ଭୁବନେଶ୍ୱର :** ନୀତି ଆୟୋଗର ଷଷ୍ଠ ବୈଠକରେ ଯୋଗଦେଇ ଖୁବ କଡାକଥା କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିର୍ବାଚିତ ସରକାରଙ୍କ ପ୍ରତ୍ୟେକ କାମକୁ ରାଜନୈତିକ ଦୃଷ୍ଟିକୋଣରୁ ଦେଖାଯାଉଛି। ଏହା ଦେଶର ଉନ୍ନତି ଓ ବିକାଶ କାମରେ ବଡ ବାଧକ। ଏଥିସହ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗଣତନ୍ତ୍ରରେ ନିର୍ବାଚନର ଆବଶ୍ୟକତା ରହିଛି। ହେଲେ ନିର୍ବାଚିତ ହେବାପରେ ସରକାର ଦଳମତ ନିର୍ବିଶେଷରେ ଲୋକଙ୍କ ହିତ ପାଇଁ କାମ କରିବା ଦରକାର। ତେଣୁ ଦେଶରେ ନିର୍ବାଚନୀ ବାତାବରଣରୁ ବାହାରି ଲୋକଙ୍କ ପାଇଁ କାମ କରିବାର ବେଳ ଆସିଛି। ପ୍ରତ୍ୟେକ ଅପରାଧକୁ ରାଜନୀତିକରଣ କରାଯାଉଛି, ଯାହା ଦେଶର ଶାନ୍ତି ପାଇଁ ବଡ ବିପଦ। ବୈଠକରେ ଜାତୀୟ ଦଳଗୁଡ଼ିକୁ ଟାର୍ଗେଟ କରିଛନ୍ତି ନବୀନ। ଉଭୟ ଲୋକସଭା ଓ ରାଜ୍ୟ ବିଧାନସଭାରେ ମହିଳାଙ୍କ ସଂରକ୍ଷଣ ପାଇଁ ଜାତୀୟ ଦଳଗୁଡିକ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଅବହେଳା କଲେ ଇତିହାସ କ୍ଷମା କରିବ ନାହିଁ ବୋଲି ଅତି କଡା ଶବ୍ଦରେ କହିଛନ୍ତି ନବୀନ। ଅବହେଳିତ କ୍ଷେତ୍ର ଏବଂ ସମ୍ବେଦନଶୀଳ ଲୋକଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପ୍ରସ୍ତାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି ସର୍ବଭାରତୀୟସ୍ତରୀୟ ପ୍ରବେଶିକା ପରୀକ୍ଷା ପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ବିଶ୍ୱ ମହାମାରୀ କରୋନା ଯେଉଁ ଆହ୍ୱାନ ସୃଷ୍ଟି କରିଛି ତାର ମିଳିତ ମୁକାବିଲା ପାଇଁ ପରାମର୍ଶ ଦେଇଛନ୍ତି ନବୀନ ପଟ୍ଟନାୟକ। ଆମେରିକା ଓ ୟୁରୋପୀୟ ଦେଶଗୁଡିକରେ ଏହାର ଅଭାବ ଦେଖା ଦେଇଥିଲା। ଆମ ଦେଶରେ ଏହିଭଳି ମିଳିତ ଉଦ୍ୟମର ଆବଶ୍ୟକତା ରହିଛି। ସଂଘୀୟ ବ୍ୟବସ୍ଥାରେ ଏହା ଜରୁରୀ ମଧ୍ୟ। ସଂକୀର୍ଣ୍ଣ ରାଜନୀତିରୁ ଉପରକୁ ଉଠି ସାଧାରଣ ଲୋକଙ୍କୁ ପ୍ରଭାବିତ କରୁଥିବା ବିଭିନ୍ନ ଜଟିଳ ପ୍ରସଙ୍ଗରେ ମିଳିତ ପ୍ରୟାସକୁ ହିଁ ଇତିହାସ ମନେ ରଖିବ ବୋଲି ଚେତାଇ ଦେଇଛନ୍ତି ନବୀନ। ଅନ୍ୟପକ୍ଷରେ ନବୀନଙ୍କ ବକ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଛନ୍ତି, ଅପରାଧର ରାଜନୀତୀକରଣ କରିବା କୌଣସି ଦଳର ଲକ୍ଷ୍ୟ ନୁହେଁ। ଦୋଷୀ ଧରାପଡିବ ନାହିଁ, ଦୋଷୀକୁ ଯଦି ସରକାର ଘଣ୍ଟ ଘୋଡାଇବେ ଏବଂ ବିରୋଧୀ ସେ ପ୍ରସଙ୍ଗ ଉଠାଇଲେ ତାକୁ ପଲିଟିସାଇଜ କରିବା ବୋଲି ସରକାର ଭାବୁଛନ୍ତି ମୁଁ ଦୁଃଖ ପ୍ରକାଶ କରୁଛି। ଓଡିଶା ସରକାର ନିଜକୁ ସମୀକ୍ଷା କରନ୍ତୁ, ନିଜକୁ ବଞ୍ଚାଇବା ପାଇଁ ରାଜନୀତି କରୁଛନ୍ତି କି ନାହିଁ ? ନିଜ ଆଇନାରେ ନିଜକୁ ଦେଖନ୍ତୁ ଭୁଲ କରୁଛନ୍ତି କି ନାହିଁ? ୫୦୦ କୋଟି ଟଙ୍କା ନେଇ ବିଜୁ ଯୁବବାହିନୀ କରିବା ରାଜନୈତିକ ଅଭିସନ୍ଧି ନୁହେଁ କି ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା।

### ଭୁବନେଶ୍ୱର ହାବିଲଦାର ଓ କନଷ୍ଟେବଲ ସଂଘ ନିର୍ବାଚନ

# ଲକ୍ଷ୍ମୀଧର ସଭାପତି, ପ୍ରସନ୍ନ ସମ୍ପାଦକ



**ଭୁବନେଶ୍ୱର :** ଶେଷ ହୋଇଛି ଭୁବନେଶ୍ୱର ଜିଲ୍ଲା ହାବିଲଦାର ଓ କନଷ୍ଟେବଳ ସଂଘ ନିର୍ବାଚନ। ଏହାର ଫଳାଫଳ ମଧ ଘୋଷଣା ସରିଛି। ଏଥିରେ ସଭାପତି ଭାବେ ଲକ୍ଷ୍ମୀଧର ଲେଙ୍କା ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ମହେଶ୍ୱର ଗୌଡ, ସମ୍ପାଦକ ଭାବେ ପ୍ରସନ୍ନ କୁମାର ବେହେରା, ସହସମ୍ପାଦକ ଭାବେ ଧନେଶ୍ୱର ସାହୁ ଓ ଏସ୍.କେ ଶେଖାଓ୍ୱତ ଅଲ୍ଲୀ ଏବଂ କୋଷାଧକ୍ଷ ଭାବେ ଜ୍ଞାନରଞ୍ଜନ ଦାଶ ନିର୍ବାଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭୪୪ଜଣ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ପ୍ରତ୍ୟେକ ଥାନାରେ ଗୋଟିଏ ଲେଖାଏଁ ବୁଥ୍ ହୋଇଥିବା ବେଳେ ଥାନାଧିକାରୀ ଏହି ନିର୍ବାଚନରେ ପ୍ରିଜାଇଡିଂ ଅଫିସର ଭାବେ ଦାୟିତ୍ୱ ତୁଲାଇଥିଲେ। ମତଦାନ ପରେ ଭୋଟ ଗଣତି କରାଯାଇଥିଲା। ଗତ ୧୯୭୯ ମସିହାରୁ ଭୁବନେଶ୍ୱର ହାବିଲଦାର ଓ କନଷ୍ଟେବଳ ସଂଘ କାର୍ଯ୍ୟ କରି ଆସୁଛି। ୨୦୦୮ ମସିହା ପରଠାରୁ ପ୍ରତି ୨ ବର୍ଷରେ ଥରେ ଲେଖାଏଁ ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ସଂଘର ଜଣେ ଶୃଙ୍ଖଳିତ ସଭ୍ୟ ଭାବେ ପ୍ରସନ୍ନ କୁମାର ବେହେରା ଦୀର୍ଘ ବର୍ଷରୁ କାର୍ଯ୍ୟ କରି ଆସୁଛନ୍ତି। ଲୋକପ୍ରିୟତା ଦୃଷ୍ଟିରୁ ପ୍ରସନ୍ନ ସମସ୍ତଙ୍କ ପାଇଁ ଗ୍ରହଣୀୟ ହୋଇଥିବାରୁ ତାଙ୍କ ପ୍ରତି ସଂଘର ସଦସ୍ୟମାନଙ୍କ ଆସ୍ଥା ଓ ବିଶ୍ୱାସ ରହିଛି।

# ରାଜ୍ୟର ସମସ୍ତ ଜିଲ୍ଲାରେ ପ୍ରତିଷ୍ଠା ହେବ ସାଇନ୍ସ ପାର୍କ : ମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟର ସମସ୍ତ ଜିଲ୍ଲାରେ ସାଇନ୍ସ ପାର୍କ ପ୍ରତିଷ୍ଠା କରିବା ପାଇଁ ସରକାର ନିଷ୍ପତି ନେଇଛନ୍ତି ବୋଲି ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସଭ୍ୟ ସୁଧିର କୁମାର ସାମଲଙ୍କ ଏକ ପ୍ରଶ୍ନର ଉତର ଦେଇ କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅଧିନରେ ଥିବା ନ୍ୟାସନାଲ୍ କାଉନସିଲ୍ ଅଫ୍ ସାଇନ୍ସ ମ୍ୟୁଜିୟମ୍‌ଙ୍କ ଦ୍ୱାରା ଦୁଇଗୋଟି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ସେଗୁଡ଼ିକ ମଧ୍ୟରେ ପ୍ରଥମଟି ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ଠାରେ ଓ ଦ୍ୱିତୀୟଟି ବିଜ୍ଞାନକେନ୍ଦ୍ର ଢେଙ୍କାନାଳ ଠାରେ ଅବସ୍ଥାପିତ।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି